READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୯ ସଂଖ୍ୟା-୧୦ ୧୭ - ୨୩ ମାର୍ଚ୍ଚ, ୨୦୨୫ ଭୁବନେଶ୍ୱର Monday Weekly VOL-9 ISSUE-10 17th - 23rd MARCH, 2025 BHUBANESWAR ₹ 5/- (8 Pages)

### ଚର୍ଚ୍ଚାରେ ବରିଷ୍ଠ ବିଜେଡି ନେତା ଅଶୋକ ପଣ୍ଡାଙ୍କ ବୟାନ

# ବିଜେଡିରେ ଧର୍ମପଦ କିଏ ?

**ଭୁବନେଶ୍ୱର:** ବିଜେଡିରେ କିଏ ଧର୍ମପଦ ? କାହା ପାଇଁ ୧୨ ଶହ ବଢେଇଙ୍କ ଜୀବନ ସଂକଟରେ ? ହୋଲିରେ ବରିଷ୍ଠ ବିଜେଡି ନେତା ଅଶୋକ ପଣ୍ଡା ଲଗାଇଛନ୍ତି ରାଜନୀତିର ରଙ୍ଗ। ନାଁ ନ ନେଇ ନବୀନଙ୍କୁ ଘେରି ରହିଥିବା ନେତାଙ୍କୁ କରିଛନ୍ତି ନିଶାନା। ସିଧାସିଧା କହିଛନ୍ତି, ନବୀନଙ୍କଠାରୁ ଦୂରରେ ରୁହନ୍ତୁ। ନବୀନଙ୍କୁ ଫ୍ରି ହାଣ୍ଡରେ କାମ କରିବାକୁ ସୁଯୋଗ ଦିଅନ୍ତୁ। ଏଠି ପ୍ରଶ୍ନ ଉଠୁଛି, ନବୀନଙ୍କୁ ଫ୍ରି ହାଣ୍ଡ ନିଷ୍ପତ୍ତି ନେବାରେ କିଏ ସାଜିଛି ବାଧକ ? କାହାକୁ ନବୀନଙ୍କଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଲେ ଅଶୋକ। ବବି ଓ ପାଣ୍ଡିଆନଙ୍କୁ ଟାର୍ଗେଟ କରି ଏପରି ବୟାନ ଦେଇଛନ୍ତି କି ଅଶୋକ ପଣ୍ଡା ? ବବି, ପାଣ୍ଡିଆନଙ୍କ ଉଦ୍ଦେଶ୍ୟରେ ଅଶୋକ ମାରିଛନ୍ତି କି ତୀର ? ସେପଟେ ବିଶେଷଜ୍ଞ



କହିଛନ୍ତି, ବବି-ପାଣ୍ଡିଆନଙ୍କୁ ଦଳରୁ ଦୂରେଇବା ସହଜ ନୁହେଁ। ଇସାରା ଇସାରାରେ ଦଳରେ ସର୍ବେସର୍ବା ବନିଥିବା ନେତାଙ୍କୁ କରିଛନ୍ତି ଅଶୋକ ପ୍ରହାର। ଏଥିସହ ଦଳରେ ମତାନ୍ତର ଓ ମନାନ୍ତର ଥିବା କଥା ବି କରିଛନ୍ତି ସ୍ୱୀକାର। ଆଉ ନବୀନଙ୍କୁ ଫ୍ରି ହାଣ୍ଡ ନଦେଲେ ଦଳ ପାଇଁ ଠିକ୍ ହେବନି ବୋଲି ପରୋକ୍ଷରେ ଚେତାବନୀ ଦେଇଛନ୍ତି ପୂର୍ବତନ ଏକାମ୍ର ବିଧାୟକ। ରାଜନୈତିକ ସମୀକ୍ଷକଙ୍କ ମତରେ ଯଦି ଅଶୋକଙ୍କ ଇସାରା ବବି-ପାଣ୍ଡିଆନଙ୍କ ଆଡକୁ ସେମାନଙ୍କୁ ଦଳରୁ ଦୂରେଇବା ସହଜ ନୁହେଁ। କାରଣ ବହୁ ଗଭୀର ଯାଏଁ ମାଡ଼ି ସାରିଛି ଏହି ଦୁଇ ନେତାଙ୍କ ଚେର। ଆଉ ନବୀନ ନିଜେ ନ ଚାହିଁବା ଯାଏଁ ଏହା ସମ୍ଭବ ନୁହେଁ। କ୍ଷମତାରୁ ଯିବ ପରଠାରୁ ବିଜେଡିରେ ଲାଗାତାର ଭାବେ ସାମ୍ନାକୁ ଆସିବାରେ ଲାଗିଛି ବବି-ପାଣ୍ଡିଆନଙ୍କ ବିରୋଧରେ ଥିବା ଦଳରେ ଅସନ୍ତୋଷ। ଏପରିକି ବହୁ ନେତା ଖୋଲାଖୋଲି ଭାବେ ଦଳର ପରାଜୟ ପାଇଁ ଉଭୟ ନେତାଙ୍କୁ କରିଛନ୍ତି ଦାୟୀ। ଏବେ ପ୍ରଶ୍ନ ଉଠୁଛି ଅଶୋକଙ୍କ ପରାମର୍ଶକୁ କେତେ ଗୁରୁତର ସହ ନେବେ ➤ ପୃ-୬

### ପୋଡକାଷ୍ଟ ହୋଷ୍ଟ ଲେକ୍ସ ଫ୍ରିଡମେନଙ୍କ ସହ ମୋଦିଙ୍କ ଆଲୋଚନା

# ଭାରତୀୟ ମୋ ସାହସ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକୀୟ ପୋଡକାଷ୍ଟ ହୋଷ୍ଟ ଲେକ୍ସ ଫ୍ରିଡମେନଙ୍କ ସହ ଏକ ପୋଡକାଷ୍ଟରେ ଯୋଗଦେଇ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିବା ସହ ନିଜର ରାଜନୈତିକ ଅନୁଭୂତି ବର୍ଣ୍ଣନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ୨୦୦୨ ମସିହାରେ ଘଟିଥିବା ଗୋଧ୍ରା ଘଟଣାକୁ ମନେ ପକାଇ ମତାମତ ରଖିଛନ୍ତି। କହିଛନ୍ତି ମୁଁ ୨୦୦୨ ଫେବ୍ରୁଆରୀ ୨୪ ରେ ପ୍ରଥମ ଥର ପାଇଁ ବିଧାୟକ ହୋଇଥାଏ। ବିଧାୟକ ହେବାର ୩ ଦିନ ପରେ ଘଟିଥିଲା ଗୋଧ୍ରା ଘଟଣା। ନିରୀହ ଲୋକଙ୍କୁ ହତ୍ୟାକରି ଜାଳି ଦିଆଯାଇଥିଲା। ସେହି ମୁହୂର୍ତ୍ତକୁ ମନେ ପକାଇ ଦୁଃଖ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ। ପାକିସ୍ତାନର ଆତଙ୍କବାଦୀ ମାନସିକତାକୁ ନେଇ କହିଛନ୍ତି ପାକିସ୍ତାନର ଆତଙ୍କବାଦୀ ମାନସିକତା କେବଳ ଭାରତ ନୁହେଁ ସାରା ବିଶ୍ୱ ଜାଣି ସାରିଛି। ପାକିସ୍ତାନ କେବଳ



ଭାରତ ପାଇଁ ଚିନ୍ତାର ବିଷୟ ନୁହେଁ ସାରା ବିଶ୍ୱ ପାଇଁ ଅଡୁଆ। ଭାରତ ପାକିସ୍ତାନକୁ ବାରମ୍ବାର କହି ଆସିଛି ଆତଙ୍କବାଦୀ ପନ୍ଥାକୁ ଛାଡ଼ିଲେ ଦେଶର ମଙ୍ଗଳ ହେବ। ଭାରତ ଓ ପାକିସ୍ତାନ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ବାରମ୍ବାର ଉଦ୍ୟମ କରାଯାଇଛି। ଏଥିପାଇଁ ମୁଁ ଲାହୋର ଯାଇଛି। ଶପଥ ଗ୍ରହଣ ସମାରୋହରେ ସାମିଲ ହେବା ପାଇଁ ପାକିସ୍ତାନକୁ ନିମନ୍ତ୍ରଣ ବି କରାଯାଇଛି। ପାକିସ୍ତାନର ସାଧାରଣ ଲୋକ କେବେ ଚାହୁଁନଥିବେ ସେମାନେ ଏମିତି ହିଂସାକାଣ୍ଡ ଓ ମାରପିଟ୍ ଭିତରେ ବଞ୍ଚିରହିବାକୁ। ➤ ପୃ-୬

# ବିଷଠୁ ଭୟଙ୍କର ଏସି



**ନୂଆଦିଲ୍ଲୀ :** ସାରା ବିଶ୍ୱ ପାଇଁ ଏବେ ଚିନ୍ତାର ବିଷୟ ପାଲଟିଛି ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ। ଯାହା ଆମ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଛି। ଚଳିତ ବର୍ଷ ଫେବ୍ରୁଆରୀ ମାସର ଗରମ ୧୨୫ ବର୍ଷ ରେକର୍ଡ ଭାଙ୍ଗିଛି। ୟୁରୋପୀୟ କୋପରନିକସ୍ ଜଳବାୟୁ ପରିବର୍ତ୍ତନ ସେବା (ସି୩ଏସ୍) ରିପୋର୍ଟ କହୁଛି ୧୨୫ ବର୍ଷ ତଳେ ଫେବ୍ରୁଆରୀ ମାସରେ ଏମିତି ଗରମ ହୋଇଥିଲା। ଯେମିତି ଗରମ ଏବର୍ଷ ହୋଇଛି। ଏବେ ଜଳବାୟୁ ପରିବର୍ତ୍ତନରେ ଯେଉଁଭଳି ଅନୀୟମିତତା ଦେଖା ଦେଉଛି କେବଳ ଗ୍ରୀଷ୍ମ, ବର୍ଷା, ଶୀତକୁ ଛାଡି ଆଉ କୌଣସି ଋତୁ ଜାଣି ହେଉନି। ଋତୁ ଚକ୍ରରେ ସଠିକ୍ ସନ୍ତୁଳନ ହେଉନାହିଁ। ତେବେ ଏଥିପାଇଁ ଦାୟୀ କିଏ ? ରାଜ୍ୟରେ ଯେଉଳି ଭାବେ ତାପମାତ୍ରା ବଢୁଛି ଏଇ ତାପମାତ୍ରା ଦେଖିଲେ ଏପ୍ରିଲ୍ ଆଉ ମେ କଥା ଭାବିଲେ ମୁଣ୍ଡ ବିନ୍ଧୁଛି। ଏଠି କେବଳ ଏତିକି କୁହାଯାଇ ପାରେ ବର୍ତ୍ତମାନର ଏ ଜଳବାୟୁ ସଂକଟ ଓ ବିଶ୍ୱ ତାପମାତ୍ରା ବୃଦ୍ଧି ପାଇଁ ଆମେ ନିଜେ ହିଁ ଦାୟୀ। ଆମ ଜୀବନ ଶୈଳୀ ଏତେ ସୂକ୍ଷ୍ମ ହୋଇଗଲାଣି ଯେ, ଆମେ ବିନା ଫ୍ୟାନ୍ ଆଉ ଏସିରେ ମୁହୂର୍ତ୍ତଟିଏ ବଞ୍ଚିବା ଅସମ୍ଭବ। ଟିକିଏ ଲାଇନ୍ ଚାଲିଗଲେ କାମ କରୁନି ମୁଣ୍ଡ, ଶୂନ୍ୟ ହେଇଯାଉଛି ବୁଦ୍ଧି। ସବୁଠାରୁ ଆଶ୍ଚର୍ଯ୍ୟ କଥା ଶରୀରକୁ ଶୀତଳ କରିବା ପାଇଁ ଆମେ ବ୍ୟବହାର କରୁଥିବା ଏସି ଏଥିପାଇଁ ସବୁଠୁ ଅଧିକ ଦାୟୀ। ଆଗାମୀ ଭବିଷ୍ୟତ ପାଇଁ ବିଷଠୁ ବି ଭୟଙ୍କର। ପ୍ରମୁଖ ଏସି ନିର୍ମାତା କମ୍ପାନୀ ଭୋଲ୍ଟାସର କାର୍ଯ୍ୟନିର୍ବାହୀ ଏମଡି ଏବଂ ଆରଏସି ମୁଖ୍ୟ ମୁକୁନ୍ଦନଙ୍କ ସୂଚନା ଅନୁସାରେ ➤ ପୃ-୬

### ଗ୍ରୀଷ୍ମ ଆରମ୍ଭରୁ ଶୁଖିଗଲାଣି ନଦୀ

# ଆନ୍ତଃ ନଦୀ ଜଳଭଣ୍ଡାର ପ୍ରକଳ୍ପ କାମ ଠପ୍ !

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀଙ୍କ ବିଭାଗ। ଖର୍ଚ୍ଚ ହୋଇପାରୁନି ବଜେଟ୍ ଅର୍ଥ। ସରକାର ପରିବର୍ତ୍ତନର ୮ ମାସ ପରେ ବି କାମ ଠପ୍। କୋମାରେ କି ଜଳ ସମ୍ପଦ ବିଭାଗ ! ଗ୍ରୀଷ୍ମ ଆରମ୍ଭରୁ ଶୁଖିଗଲାଣି ନଦୀ ନାଳ। ଦେଖାଦେଲାଣି ଜଳ ସଂକଟ। ଆଗକୁ ସ୍ଥିତି ଅସମ୍ଭାଳ ଥିୟ। ମେଗା ଜଳସେଚନ ପ୍ରକଳ୍ପ କଥା ଦୂରେ ଥାଉ। ଆଗେଇପାରୁନି ଚାଲୁ ରହିଥିବା ଆନ୍ତଃନଦୀ ଜଳାଶୟ ପ୍ରକଳ୍ପ କାମ। କେମିତି ହେବ ଜଳସଂକଟ ମୁକାବିଲା ? ଚିନ୍ତାରେ ଚାଷୀ ଓ ସାଧାରଣ ଲୋକେ। ସ୍ଥିତି ଏମିତି ହେଲାଣି ରାଜଧାନୀ ସମେତ ସବୁ ସହରାଞ୍ଚଳକୁ ଖରାଦିନେ ପାଣି ଯୋଗାଇବା ମୁସ୍କିଲ ହେବାକୁ ଯାଉଛି।



ଉଦ୍‌ବେଗ ପ୍ରକାଶ କଲେଣି ପୂର୍ବତନ ଜଳ ସମ୍ପଦ ମନ୍ତ୍ରୀ ଓ ନାଗରିକ ସୁରକ୍ଷା ମଞ୍ଚ। ତେବେ କାହିଁକି ଚଳଚଞ୍ଚଳ ହୋଇପାରୁନି ଜଳସମ୍ପଦ ବିଭାଗ ? ବିସ୍ଥାପିତ ସମସ୍ୟା ଓ ଜଳ ସଂକଟ ➤ ପୃ-୬

### ଆଧାର ସହ ଲିଙ୍କ୍ ହେବ ଭୋଟର କାର୍ଡ

# ପ୍ରସ୍ତୁତିରେ ନିର୍ବାଚନ ଆୟୋଗ

**ନୂଆଦିଲ୍ଲୀ:** ନିର୍ବାଚନୀ ପାରଦର୍ଶିତା ବଢାଇବା ଉଦ୍ଦେଶ୍ୟରେ ଏବେ ଭୋଟର ଆଇଡିକୁ ଆଧାର ସହ ସଂଯୋଗ କରିବା ପ୍ରକ୍ରିୟା ଜୋରଦାର କରାଯାଇଛି। ପାନକାର୍ଡ ପରି ଏବେ ଭୋଟ ପରିଚୟ ପତ୍ରକୁ ମଧ୍ୟ ଆଧାର ସହ ସଂଯୋଗ କରିବା ଯୋଜନା ଉପରେ ନିର୍ବାଚନ ଆୟୋଗ ଗମ୍ଭୀରତାର ସହ କାମ କରୁଛନ୍ତି। ଏହି କ୍ରମରେ ଆଗାମୀ ସପ୍ତାହରେ ନିର୍ବାଚନ ଆୟୋଗଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବାକୁ ଯାଉଛି। ଏଥିରେ ଗୃହ ମନ୍ତ୍ରଣାଳୟ, ଆଇନ ମନ୍ତ୍ରଣାଳୟ ଓ ଆଧାର ଜାରି କରୁଥିବା ସଂସ୍ଥା ୟୁଆଇଡିଏଆଇର ଶୀର୍ଷ ଅଧିକାରୀ ଯୋଗ ଦେବେ। ନକଲି କାର୍ଡ ଓ ଡୁପ୍ଲିକେଟ୍ ମତଦାତାଙ୍କୁ ଚିହ୍ନଟ କରି ମତଦାତା ତାଲିକାକୁ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଏହି



ପଦକ୍ଷେପ ନେବାକୁ ଯାଉଛନ୍ତି ସରକାର। ଇଣ୍ଡିଆନ ଏକ୍ସପ୍ରେସର ରିପୋର୍ଟ ଅନୁସାରେ, ୨୦୨୧ ଜନପ୍ରତିନିଧି ଅଧିନିୟମ, ୧୯୫୧ରେ ସଂଶୋଧନ ପରେ ନିର୍ବାଚନ ଆୟୋଗ ମତଦାତାଙ୍କୁ ସ୍ୱେଚ୍ଛାରେ ଆଧାର ନମ୍ବର ସଂଯୋଗ କରିବା ଆରମ୍ଭ କରିଥିଲା। ତେବେ ଏ ପର୍ଯ୍ୟନ୍ତ ନିର୍ବାଚନ ଆୟୋଗ ଆଧାର ଓ ଭୋଟର କାର୍ଡର ଡାଟାବେସକୁ ସଂଯୋଗ କରି ନ ଥିଲା। କିନ୍ତୁ ଏବେ ଏହାକୁ ଗୁରୁତର ସହ ➤ ପୃ-୬

# ୮୧% ମହିଳା ବିନା ବିବାହରେ ଖୁସି

**ନୂଆଦିଲ୍ଲୀ:** ଭାରତରେ ବିବାହକୁ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି କୁହାଯାଏ। ଏଠାରେ ଯଦି କିଏ ବିବାହ ନ କରେ ତାକୁ ସମାଜରେ ଅନେକ କଥା ଶୁଣିବାକୁ ପଡ଼ିଥାଏ। ମାତ୍ର ବର୍ତ୍ତମାନ ସମୟରେ ଯୁବତୀମାନଙ୍କୁ ଟାହି ଟପରା ଶୁଣିବାକୁ ମଞ୍ଜୁର କିନ୍ତୁ ବିବାହ କରିବାକୁ ପ୍ରସ୍ତୁତ ନୁହନ୍ତି। ସଂପ୍ରତି ମହିଳାଙ୍କ ବିବାହକୁ ନେଇ ମୋହଭଙ୍ଗ ହେବାରେ ଲାଗିଛି। ବ୍ୟାଚଲର୍ସ, ସୋରୋଗେସି, ସିଙ୍ଗଲହୁଡ ପରି ଶବ୍ଦ ଟ୍ରେଣ୍ଡ ହେବାରେ ଲାଗିଛି। ଯୁବତୀଙ୍କ ଠାରେ ଏହି ପ୍ରଚଳନ ବଢିବାରେ ଲାଗିଛି। ଯୁବ ପିଢିଙ୍କ ଏହି ଚିନ୍ତାଧାରା ଏବେ ମାଆ-ବାପାଙ୍କ ପରି ମୁଣ୍ଡ ବିନ୍ଧାର କାରଣ ପାଲଟିଛି। କିଛି ସମୟ ପୂର୍ବରୁ ବିବାହକୁ ନେଇ ଏକ ସର୍ଭେ ହୋଇଥିଲା। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଦେଶର ୮୧ ପ୍ରତିଶତ ମହିଳା ବିନା



ବିବାହରେ ଖୁସି ଅଛନ୍ତି। ସର୍ଭେରେ ବିବାହକୁ ନେଇ ହୋଇଥିବା ପ୍ରଶ୍ନ ଉପରେ ଯୁବତୀମାନେ କହିଛନ୍ତି, ସେମାନଙ୍କୁ ବିନା ବିବାହରେ ବଞ୍ଚିବା ବହୁତ ପସନ୍ଦ। ବିବାହ କେବେ କରିବାକୁ ଚାହାନ୍ତି, ଏହି ପ୍ରଶ୍ନ ଉପରେ ୩୯ ପ୍ରତିଶତ ଯୁବତୀଙ୍କ ମତରେ ସେମାନେ ବିବାହ ଋତୁରେ ନିଜକୁ ଚାପଗ୍ରସ୍ତ ଅନୁଭବ କରନ୍ତି। ପ୍ରତିବର୍ଷ ବିବାହ ସିଜିନର ମାଆ-ବାପା ପିଲାଙ୍କ ➤ ପୃ-୬

# ଭୁବନେଶ୍ୱରରେ ହେବ ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ ଶାଖା

**ଭୁବନେଶ୍ୱର :** ଭୁବନେଶ୍ୱରରେ ସ୍ଥାପନ ହେବ ମଡର୍ଣ୍ଣ ଆର୍ଟ ଗ୍ୟାଲେରୀର ଏକ ବ୍ରାଞ୍ଚ। ଏନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱାତଙ୍କୁ ଗତ ୧୩ ମାର୍ଚ୍ଚରେ ନୂଆଦିଲ୍ଲୀରେ ସାକ୍ଷାତ କରିବା ଅବସରରେ ଏକ ଦାବି ସମ୍ବଳିତ ପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ନେଇ ଭୁବନେଶ୍ୱର ସାଂସଦଙ୍କୁ ଆଶ୍ୱାସନା ଦେବା ସହିତ ଶୀଘ୍ର ଏହାର କାମ ଆରମ୍ଭ ହେବା ନେଇ ପ୍ରତିଶ୍ରୁତି ରଖିଛନ୍ତି। ଏହି ଅବସରରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଗତ ୨୦୨୪ ସେପ୍ଟେମ୍ବର ୧୦ ତାରିଖରେ ବ୍ରାଞ୍ଚ ଅଫ୍ ନାସନାଲ୍ ଗ୍ୟାଲେରୀ ଅଫ୍ ମଡର୍ଣ୍ଣ ଆର୍ଟ ବା ଏନଜିଏମଏ, ଭୁବନେଶ୍ୱରରେ



ପ୍ରତିଷ୍ଠା କରିବାକୁ କେନ୍ଦ୍ର ନିକଟରେ ପ୍ରଥମେ ପ୍ରସ୍ତାବ ରଖିଥିଲେ। ପୂର୍ବରୁ ୨୫ ସେପ୍ଟେମ୍ବର ୨୦୨୪ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ , ଭୁବନେଶ୍ୱରରେ ଏକ ଜାତୀୟ ସ୍ତରର ମଡର୍ଣ୍ଣ ଆର୍ଟ ଗ୍ୟାଲେରୀର ଏକ ଶାଖା ପ୍ରତିଷ୍ଠା ନେଇ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଶୀଘ୍ର ଏକ ଚିଠି ଲେଖି ଦାବି ଜଣାଇଥିଲେ। ଏହି ଜାତୀୟ ସ୍ତରର ➤ ପୃ-୬

## ବକ୍ରବାଣୀ



ଆସେମ୍ବ୍ଲି ଗୋଟାଏ ଖେଳ ପଡ଼ିଆ
ଭିତରର ଦୃଶ୍ୟ ଭାରି ବଢ଼ିଆ
ବାଡାବାଡ଼ି ଆଉ ଫୋପଡା ଫିଙ୍ଗା
ଗଡାଗଡ଼ି ଆଉ ଚୋଉକି ଭଙ୍ଗା
ନ ହେଲେ ସେଇଟା ଆସେମ୍ବ୍ଲି ନୁହେଁ
ଅଭିଜ୍ଞତା ଆମ ଏଇଆ କୁହେ
ଥୋକେ ଲୋକ ତାକୁ ମନ୍ଦିର କହି
ନିଜ ବୋକାପଣ ଦ୍ୟନ୍ତି ଦେଖାଇ
ଆସେମ୍ବ୍ଲି କୁହ କି ପାର୍ଲିଆମେଣ୍ଟ
ଚାଲିଛି ସବୁଠି ମାଙ୍କଡ଼ ନାଟ।

—ଟୁଟୁ

### ଦଲାଲ-ଅବକାରୀ ବିଭାଗର ମସୁଧା

# ମହୁଲ ଫୁଲକୁ ମିଳୁନି ଉଚିତ୍ ମୂଲ୍ୟ

**କଳାହାଣ୍ଡି:** କଳାହାଣ୍ଡି ଜିଲ୍ଲାରେ ଆଦିବାସୀଙ୍କ ମହୁଲଫୁଲ ଏବେ ଦଲାଲଙ୍କ କବଜାରେ। ମହୁଲର ସର୍ବନିମ୍ନ ମୂଲ୍ୟ କେଜି ପିଛା ୨୫ ଟଙ୍କା ଥିବା ବେଳେ ଏହାର ଅଧା ଦାମରେ ବିକ୍ରି କରିବାକୁ ବାଧ ହେଉଛି। ଜିଲ୍ଲାରେ ମହୁଲ ପାଇଁ ବଜାର ବ୍ୟବସ୍ଥା ନ ଥିବା ଯୋଗୁଁ ଆଦିବାସୀ ମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ କମ ଦରରେ ମହୁଲକୁ ଦଲାଲ ହାତରେ ଟେକି ଦେଉଛନ୍ତି। ଜିଲ୍ଲା ପ୍ରଶାସନ କିମ୍ବା ସରକାର ଏନେଇ କୌଣସି ପଦକ୍ଷେପ ନ ନେବାରୁ ଏହି ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ଲୋକେ ଦଲାଲଙ୍କ ଶିକାର ହେବା ସହିତ ଶାଗମାଛ ଦରରେ ଟେକି ଦେଉଛନ୍ତି। ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ ୭୨ଟି ଲଘୁବନଜାତ ଦ୍ରବ୍ୟକୁ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରିଛନ୍ତି। ଏହି ୭୨ଟି ଲଘୁବନଜାତ ମଧ୍ୟରେ ମହୁଲ ମଧ୍ୟ ସାମିଲ ହୋଇଛି। ପଞ୍ଚାୟତ ପକ୍ଷରୁ ମହୁଲଫୁଲର ସର୍ବନିମ୍ନ ସହାୟକ ମୂଲ୍ୟ ୨୫ ଟଙ୍କା କେଜି ପିଛା ଧାର୍ଯ୍ୟ କରାଯାଇଛି। କିନ୍ତୁ କଳାହାଣ୍ଡି ଜିଲ୍ଲାରେ ଏହାର ବଜାର ଅଭାବରୁ ମାତ୍ର ୧୦ରୁ ୧୫ ଟଙ୍କା ରେ କେଜି ପିଛା ବିକ୍ରି ହେଉଛି। ପର୍ଯ୍ୟାପ୍ତ ଗୋଦାମ ଓ ଆବଶ୍ୟକ ଭିତ୍ତିଭୂମିର ଅଭାବ ଯୋଗୁଁ ଲୋକେ ମହୁଲକୁ ମହଜୁଦ ରଖିବାରେ ସକ୍ଷମ ହୋଇ ପାରୁନାହାନ୍ତି। ସରକାରଙ୍କ ନିୟମ ଅନୁଯାୟୀ ମହିଳା



ଏସଏଚଜିଙ୍କୁ ଏହାର କ୍ରୟ ଦାୟିତ୍ୱ ଦେବାକୁ ଥିଲେ ମଧ୍ୟ ଦଲାଲ ଓ ଅବକାରୀ ବିଭାଗର ମସୁଧା ଯୋଗୁଁ ଦାୟିତ୍ୱ ନ ଦେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦଲାଲଙ୍କ ଗୋଦାମ ରେ ଅବକାରୀ ବିଭାଗର ପକ୍ଷରୁ ଚଢ଼ାଉ କରାଯାଉନାହିଁ। ଓଲଟା ସେମାନଙ୍କ ଠାରୁ ହାତଗୁଞ୍ଜା ନେଇ ଦେଶୀ ମଦଭାଟିକୁ ସୁହାଇଲା ଭଳି ଭୂମିକା ଗ୍ରହଣ କରାଯାଇଥିବାରୁ କ୍ଷୋଭ ପ୍ରକାଶ ପାଇଛି। ଗରିବ ଲୋକଙ୍କ ପାଇଁ ମହୁଲ ସଂଗ୍ରହ ଏକ ଜୀବିକା ପାଲଟିଥିବା ବେଳେ ଦଲାଲ ଯୋଗୁଁ ଉପଯୁକ୍ତ ମୁଲ୍ୟ ନ ପାଇ ସେମାନେ ଅଭାବ ଅନଟନ ଦେଇ ଗତି କରୁଛନ୍ତି। କଳାହାଣ୍ଡି ଜିଲ୍ଲାରେ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ଅଣ୍ଟାରେ ଯନ୍ତ୍ରଣା ହୋଇପାରେ। ପଦୋନ୍ନତି ହେବ। ନୂଆ ନୂଆ ସୁଯୋଗ ମିଳିବ। ଆୟ ବଢ଼ିବ। ଜୀବନସାଥୀଙ୍କ ସହ ଭ୍ରମଣରେ ଯାଇପାରନ୍ତି। ନୂତନ ଗାଡି କ୍ରୟ କରିପାରନ୍ତି। ଶୁଭ ତାରିଖ : ୧, ୪, ଭାଗ୍ୟଫଳ : ୮୦%। ପ୍ରତିକାର : ସୋମବାର ବ୍ରତ ରଖନ୍ତୁ।

**ବୃଷ** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ। ଭାଗୀଦାରୀ ବ୍ୟବସାୟ ପାଇଁ ଅନୁକୂଳ। କାର୍ଯ୍ୟକ୍ଷେତ୍ରରେ ପରିଶ୍ରମ ବଢ଼ିବ। ଘର, ଗାଡି ଇତ୍ୟାଦି କ୍ରୟ ଯୋଗ ଅଛି। ପ୍ରେମ ସମ୍ପର୍କ ଭାଙ୍ଗିପାରେ। ଶୁଭ ତାରିଖ : ୨, ୫, ଭାଗ୍ୟଫଳ : ୫୦%। ପ୍ରତିକାର : ଭଗବାନ ବିଷ୍ଣୁଙ୍କୁ ହଳଦିଆ ଜିନିଷ ଅର୍ପଣ କରନ୍ତୁ।

**ମିଥୁନ** ମଧୁମେହ ରୋଗୀ ସତର୍କ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ କଠିନ ପରିଶ୍ରମ କଲେ ଫଳ ମିଳିବ। ଋଣ କରି ପାରନ୍ତି। ପ୍ରେମ ସମ୍ବନ୍ଧରେ ପ୍ରତିବନ୍ଧକ। ଦାମ୍ପତ୍ୟ ଭଲ ରହିବ। ଶୁଭ ତାରିଖ : ୨୯, ୫, ଭାଗ୍ୟଫଳ : ୭୦%। ପ୍ରତିକାର : ହନୁମାନଙ୍କୁ ମିଠା ଭୋଗ ଲଗାନ୍ତୁ।

**କର୍କଟ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ନିଜ ଲୋକ ଅସୁବିଧାରେ ପକାଇବେ। ଦୂରଯାତ୍ରା ଯୋଗ ଅଛି। ନେଣଦେଣରେ ଧନ କ୍ଷତି ହୋଇପାରେ। ପରିବାର ସୁଖ ପାଇବେ। ଶୁଭ ତାରିଖ : ୩୦, ୩, ଭାଗ୍ୟଫଳ : ୮୦%। ପ୍ରତିକାର : ଶନିବାର ଦିନ ଗଛଟିଏ ଲଗାନ୍ତୁ।

**ସିଂହ** ଶରୀରରେ ପୀଡ଼ା ଅନୁଭବ କରିବେ। କାର୍ଯ୍ୟକ୍ଷେତ୍ରରେ ସମ୍ମାନ ବଢ଼ିବ। ଆୟ ବଢ଼ିବ। ପାରିବାରିକ କାମରେ ବ୍ୟସ୍ତ ରହିବେ। ଶୁଭ ତାରିଖ : ୧, ୪, ଭାଗ୍ୟଫଳ : ୭୦%। ପ୍ରତିକାର : ବିଷ୍ଣୁ ସହସ୍ର ନାମ ପାଠ କରନ୍ତୁ।

**କନ୍ୟା** ଥଣ୍ଡା ଓ ଶର୍ଦ୍ଦିରେ ପୀଡ଼ିତ ହେବେ। କାର୍ଯ୍ୟକ୍ଷେତ୍ରରେ ମନମୁତାବକ ଫଳ ପ୍ରାପ୍ତି। ଘର ଆର୍ଥିକ ସମସ୍ୟା ସମାଧାନ। ଭ୍ରମଣ ଯୋଗ। ପ୍ରେମରେ ସଫଳତା। ସନ୍ତାନପ୍ରତି ଧ୍ୟାନ ଦିଅନ୍ତୁ। ଶୁଭ ତାରିଖ : ୩୦, ୨, ଭାଗ୍ୟଫଳ: ୬୦%। ପ୍ରତିକାର : ଚଳନ୍ତି ଜଳରେ ଯଅ ବୁଧବାର ଅର୍ପଣ କରନ୍ତୁ।

**ତୁଳା** ଖାଦ୍ୟ ଉପରେ ଧ୍ୟାନ ଦିଅନ୍ତୁ। ଚାକିରି ଓ ବ୍ୟବସାୟରେ ଲାଭ। ପଦୋନ୍ନତି ଯୋଗ ଅଛି। ରୋକିଥିବା ଧନ ଫେରିବ। ବିବାହ ଯୋଗ ଅଛି। ଶୁଭ ତାରିଖ : ୧, ୩, ଭାଗ୍ୟଫଳ: ୭୦%। ପ୍ରତିକାର : ଗୁରୁବାର ଭଗବାନ ବିଷ୍ଣୁଙ୍କୁ ଘିଅ ଦୀପ ଅର୍ପଣ କରନ୍ତୁ।

**ବିଛା** ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ। ଆୟ ବଢ଼ିବ। ନୂଆ ଚାକିରି ଯୋଗ ଅଛି। ଧନ ଖର୍ଚ୍ଚ ହେବ। ପାରିବାରିକ ଜୀବନ ଭଲ ରହିବ। ଶୁଭ ତାରିଖ : ୨୯, ୩୦, ଭାଗ୍ୟଫଳ : ୭୦%। ପ୍ରତିକାର : କିଛି ଦାନ ଧର୍ମ କରନ୍ତୁ।

**ଧନୁ** ସନ୍ତାନଙ୍କ ସ୍ୱାସ୍ଥ୍ୟ ବିଗିଡି ପାରେ। ବିଦେଶ ଯାତ୍ରା ଯୋଗ। ନୂଆ ବ୍ୟବସାୟ କରିବେ। ଆୟ ବଢ଼ିବ। ପ୍ରେମ ବିବାହ ଯୋଗ ଅଛି। ଶୁଭ ତାରିଖ ୨୯, ୪, ଭାଗ୍ୟଫଳ : ୯୦%। ପ୍ରତିକାର : ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କରନ୍ତୁ।

**ମକର** ସ୍ୱାସ୍ଥ୍ୟ ସାମାନ୍ୟ ରହିପାରେ। ବ୍ୟବସାୟରେ ଉନ୍ନତି। କାର୍ଯ୍ୟକ୍ଷେତ୍ରରେ ସମ୍ମାନ। ଲାଭ ବଢ଼ିବ। ଦାମ୍ପତ୍ୟ ଭଲ ରହିବ। ପ୍ରେମରେ ପ୍ରତିବନ୍ଧକ। ଶୁଭ ତାରିଖ : ୨, ୩, ଭାଗ୍ୟପଳ : ୫୦%। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**କୁମ୍ଭ** ସ୍ୱାସ୍ଥ୍ୟକୁ ଅଣଦେଖା କରନ୍ତୁ ନାହିଁ। ନୂଆ ବ୍ୟବସାୟ ଖୋଲିବ। ପରିଶ୍ରମ ବଢ଼ିବ। ପ୍ରେମୀମାନେ ସତର୍କ ରହନ୍ତୁ। ବାଣୀରେ ଲଗାମ ଦିଅନ୍ତୁ। ଶୁଭ ତାରିଖ : ୨୯, ୪, ଭାଗ୍ୟଫଳ: ୮୦%। ପ୍ରତିକାର : ହନୁମାନଙ୍କୁ ଚଣା ଗୁଡ ଚଢ଼ାନ୍ତୁ।

**ମୀନ** ପେଟରେ କଷ୍ଟ ହୋଇପାରେ। ଲାଭ ପାଇଁ ଅଧିକ ପରିଶ୍ରମ ଆବଶ୍ୟକ। ପୁରୁଣା ଋଣ ପରିଶୋଧ କରିବେ। ପରିବାରରେ ବିବାଦ ଯୋଗ ରହିଛି। ସତର୍କ ହୋଇ ଚଳନ୍ତୁ। ଶୁଭ ତାରିଖ : ୨୯, ୩, ଭାଗ୍ୟଫଳ : ୬୦%। ପ୍ରତିକାର : ହନୁମାନ ଶ୍ଳୋକ ପାଠ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ମଦ ନ ପିଇଲେ ବି ଖରାପ ହେଉଛି କିଡ୍‌ନୀ



**ନୂଆଦିଲ୍ଲୀ :** ସାଧାରଣ ଭାବେ ମଦ୍ୟପାନ ଓ ସିଗାରେଟ ସେବନ କରିବା ଫଳରେ ଆମର କିଡନୀ ଖରାପ ହୋଇଥାଏ। ତେବେ କେବଳ ମଦ-ସିଗାରେଟ ସେବନ କରିବା ଦ୍ୱାରା କିଡନୀ ଖରାପ ହୋଇନଥାଏ। ଅନ୍ୟ କିଛି କାରଣ ପାଇଁ ମଧ୍ୟ ଆମର କିଡନୀ ଖରାପ ହୋଇଥାଏ। କିଡନୀ ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, ତେଣୁ ଏହାର ଯତ୍ନ ନେବା ନିହାତି ଜରୁରୀ। କିଡନୀ ଆମର ରକ୍ତକୁ ପରିଷ୍କାର ରଖିବା ସହ ବିଷାକ୍ତ ପଦାର୍ଥକୁ ବାହାର କରିଥାଏ ଓ ଶରୀରରେ ପାଣି, ମିନେରାଲ୍ସର ବାଲାନ୍ସ କରିଥାଏ। ମାତ୍ର ଅନେକ ସମୟରେ ଦେଖାଯାଇଥାଏ ଯେ, କିଛି ଲୋକ ମଦ-ସିଗାରେଟ ଠାରୁ ଦୂରେଇ ରହିବା, ହେଲଦୀ ଡାଏଟ ନେବା, ବ୍ୟାୟାମ କରିବା ପରେ ବି ସେମାନଙ୍କର କିଡନୀ ଖରାପ ହୋଇଯାଇଥାଏ। ତେଣୁ ବିଶ୍ୱ କିଡନୀ ଦିବସ ଅବସରରେ ଏହା ପଛର କାରଣ ଜାଣିବା ନିହାତି ଜରୁରୀ। ଶରୀରରୁ ଟକ୍ସିନ ବାହାର କରିବା ପାଇଁ ପର୍ଯ୍ୟାପ୍ତ ପାଣି ପିଇବା ନିହାତି ଜରୁରୀ। ତେଣୁ କମ୍ ପାଣି ପିଇଲେ ତାହା କିଡନୀ ଉପରେ ଚାପ ସୃଷ୍ଟି କରିଥାଏ ଓ ଧୀରେଧୀରେ ତା'ର କାର୍ଯ୍ୟକ୍ଷମତା ପ୍ରଭାବିତ ହୋଇଥାଏ। ହାଇ ବ୍ଲଡ ଶୁଗର ଓ ବ୍ଲଡ ପ୍ରେସର କିଡନୀ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ। ଯଦି ଏଗୁଡ଼ିକୁ ନିୟନ୍ତ୍ରଣରେ ନ ନିଆଯାଏ, ତେବେ ଧୀରେଧୀରେ କିଡନୀ ଫେଲ ହେବାର ଆଶଙ୍କା ରହିଥାଏ। ଦୈନିକ ଖାଦ୍ୟରେ ଅଧିକ ଲୁଣର ବ୍ୟବହାର ବ୍ଲଡ ପ୍ରେସର ବଢ଼ାଇଥାଏ ଓ କିଡନୀ ଉପରେ ଚାପ ବଢ଼ାଇଥାଏ। ପ୍ରୋସେସଡ ଫୁଡ ଓ ଜଙ୍କ ଫଡ ଖାଇବା ଫଳରେ କିଡନୀକୁ କ୍ଷତି ପହଞ୍ଚିଥାଏ। ମୁଣ୍ଡବ୍ୟଥା ପରି କିଛି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଆବଶ୍ୟକତା ଠାରୁ ଅଧିକ ପେନକିଲର ନେବା କିଡନୀ ଉପରେ ଖରାପ ପ୍ରଭାବ ପକାଇଥାଏ। ଯେଉଁମାନେ ଅଧିକ ସମୟ ଧରି ବସି ରୁନ୍ତି, ବ୍ୟାୟାମ କରନ୍ତି ନାହିଁ, ପର୍ଯ୍ୟାପ୍ତ ନିଦ ନିଅନ୍ତି ନାହିଁ, ସେମାନଙ୍କ କିଡନୀ ପ୍ରଭାବିତ ହୋଇଥାଏ। ଆବଶ୍ୟକତା ଠାରୁ ଅଧିକ ପ୍ରୋଟିନ ନେବା କିଡନୀ ଉପରେ ପ୍ରଭାବ ପକାଇଥାଏ । ରେଡ ମିଟ ଓ ଡାଇଟ ସପ୍ଲିମେଟ ଅଧିକ ସେବନ କରୁଥିଲେ ସତର୍କ ରହିବା ଜରୁରୀ। ଯଦି ପରିବାରରେ କାହାକୁ କିଡନୀ ବିମାରୀ ହୋଇଥାଏ, ତେବେ ପରବର୍ତ୍ତୀ ପୀଢ଼ି ଏହାଦ୍ୱାରା ପ୍ରଭାବିତ ହୋଇପାରନ୍ତି।

## ଟ୍ରମ୍ପଙ୍କ ଟାରିଫ୍ ନୀତି ଯୋଗୁଁ ସାରା ବିଶ୍ୱରେ ଅରାଜକତା

**ୱାଶିଂଟନ୍ :** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ବା ଟାରିଫ୍ ନୀତି ଯୋଗୁଁ ସାରା ବିଶ୍ୱରେ ଅରାଜକତା ଚାଲିଛି। ଆମେରିକୀୟ ଲୋକମାନେ ଏହାର ବହୁ ପରିମାଣରେ କ୍ଷତି ସହୁଛନ୍ତି। ଆମେରିକୀୟ ଷ୍ଟକ୍ ବଜାରରେ ଏକ ବଡ଼ ହ୍ରାସ ଦେଖାଦେଇଥିଲା। ସେଠାକାର ଲୋକମାନେ ପୂର୍ବରୁ ମୁଦ୍ରାସ୍ଫୀତିରେ ପେଷି ହେଉଥିଲେ ଏବଂ ଏବେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଜିଦ୍ ଯୋଗୁଁ ପରିସ୍ଥିତି ଆହୁରି ଖରାପ ହୋଇଛି। କୁହାଯାଉଛି ଯେ ଟ୍ରମ୍ପଙ୍କ ଶୁଳ୍କ ନୀତି ଆମେରିକାର ନିମ୍ନ ଆୟ ପରିବାର ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇବ। ଯଦି ଉଚ୍ଚ ଶୁଳ୍କ ଲାଗୁ କରାଯାଏ, ତେବେ ସେଠାରେ ଭାବେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମଧ୍ୟ ମହଙ୍ଗା ହୋଇଯିବ। ବ୍ୟାଙ୍କ ଅଫ୍ ଆମେରିକାର ଅର୍ଥନୀତିଜ୍ଞମାନେ ମଧ୍ୟ କହିଛନ୍ତି ଯେ ଟ୍ରମ୍ପଙ୍କ ଟାରିଫ୍ ନୀତିର ପ୍ରାରମ୍ଭିକ ପ୍ରଭାବ ଖୁବ୍ ଶୀଘ୍ର ଦୃଶ୍ୟମାନ ହେବ।

# 'ଭାରତ ସାମାଜିକ ସୁରକ୍ଷା ବଳୟକୁ ଦ୍ୱିଗୁଣିତ କରିଛି'

**ନୂଆଦିଲ୍ଲୀ :** ବିଶ୍ୱସ୍ତରରେ ଶ୍ରମ କଲ୍ୟାଣ, ଗୁଣାତ୍ମକ ନିଯୁକ୍ତି ଏବଂ ସାମାଜିକ ନ୍ୟାୟ କ୍ଷେତ୍ରରେ ଏକ ପ୍ରମୁଖ ସ୍ୱର ଭାବରେ ଭାରତ କାର୍ଯ୍ୟ କରିବାକୁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ଜେନେଭା ଠାରେ ଚାଲିଥିବା ଆନ୍ତର୍ଜାତିକ ଶ୍ରମ ସଂଗଠନର ୩୫୩ତମ ପରିଚାଳନା ପରିଷଦ ବୈଠକରେ ଯୋଗଦେଇ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ସଚିବ ସୁମିତା ଦାଓରା ଏହା କହିଛନ୍ତି। ସେ କହିଛନ୍ତି, ବିଶ୍ୱସ୍ତରରେ ଶ୍ରମ କଲ୍ୟାଣ, ସାମାଜିକ ନ୍ୟାୟ ଏବଂ ଗୁଣାତ୍ମକ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଭାରତ ଅଧିକ ଗୁରୁତ୍ୱ ଦେଉଛି। ସେ କହିଛନ୍ତି, ଭାରତ ଏହାର ସାମାଜିକ ସୁରକ୍ଷାର ବଳୟକୁ ଦ୍ୱିଗୁଣିତ କରିଛି ଅର୍ଥାତ୍ ୪୮.୮%କୁ ବୃଦ୍ଧି କରିଛି, ଯାହା ହାରାହାରି ବିଶ୍ୱ ସାମାଜିକ ସୁରକ୍ଷା କଭରେଜକୁ ୫%ରୁ ଅଧିକ ବୃଦ୍ଧି କରିଛି। ଭାରତର ପ୍ରମୁଖ ସଂସ୍ଥା ଏବଂ ଯୋଜନା ଯେପରିକି ଇପିଏଫ୍‌ଓରେ ୭.୩୭ କୋଟି ସଦସ୍ୟ, ଇଏସ୍‌ଆଇସିରେ ୧୪.୪ କୋଟି ହିତାଧିକାରୀ, ଇ-ଶ୍ରମ ପୋର୍ଟାଲରେ ୩୦.୬ କୋଟି ପଞ୍ଜିକୃତ ଅଣସଂଗଠିତ ସଦସ୍ୟ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ୬୦ କୋଟି ହିତାଧିକାରୀ ଏବଂ ଲକ୍ଷ୍ୟଭିତ୍ତିକ ପିଡିଏସ ଯୋଜନାରେ ୮୧.୩୫ କୋଟି ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ବାବଦରେ ସେ ସୂଚନା ଦେଇଥିଲେ।



## ୩.୬୧%କୁ କମିଲା ମୁଦ୍ରାସ୍ଫୀତି



**ନୂଆଦିଲ୍ଲୀ :** ଫେବୃଆରୀରେ ଖୁଚୁରା ମୁଦ୍ରାସ୍ଫୀତି ୭ ମାସର ସର୍ବନିମ୍ନ ସ୍ତର ୩.୬୧%କୁ ହ୍ରାସ ପାଇଛି। ଜାନୁଆରୀରେ ଏହା ୪.୩୧ ପ୍ରତିଶତ ଥିଲା। ଏହା ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ)ର ଧାର୍ଯ୍ୟ ଲକ୍ଷ୍ୟ ୨-୬% ମଧ୍ୟରେ ରହିଛି। ଫଳରେ ସକଳ ଘରୋଇ ଉତ୍ପାଦ ଅଭିବୃଦ୍ଧିକୁ ଗତି ଦେବା ପାଇଁ ଏପ୍ରିଲରେ ଅନୁଷ୍ଠିତ ହେବାକୁ ଥିବା ଆର୍ବିଆଇ ମୁଦ୍ରା ନୀତି କମିଟି ବୈଠକରେ ସୁଧ ହାର ହ୍ରାସ କରିବାରେ ସହାୟକ ହେବ। ମୁଖ୍ୟତଃ ପରିବା, ଅଣ୍ଡା, ମାଛ, ମାଂସ, ଡାଲି ଓ ଦୁଗ୍ଧଜାତ ଉତ୍ପାଦ ଦର କମିବାରୁ ଖାଦ୍ୟ ମୁଦ୍ରାସ୍ଫୀତି ହ୍ରାସ ପାଇଛି। ଜାନୁଆରୀ ତୁଳନାରେ ଫେବୃଆରୀରେ ଖୁଚୁରା ମୁଦ୍ରାସ୍ଫୀତି ୬୫ ବେସିସ୍ ପଏଣ୍ଟ ହ୍ରାସ ପାଇ ୨୦୨୪ ଜୁଲାଇ ପରର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ସେହିପରି ଭାରତର ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ଜାନୁଆରୀ ତୁଳନାରେ ଫେବୃଆରୀରେ ବାର୍ଷିକ ୫% ଅଭିବୃଦ୍ଧି ହାସଲ କରିଛି। ୨୦୨୪ ଡିସେମ୍ବରରେ ଏହା ମାତ୍ର ୩.୨ ପ୍ରତିଶତ ଥିଲା। ଖାଦ୍ୟ ମୂଲ୍ୟ, ଯାହା ଖୁଚୁରା ମୁଦ୍ରାସ୍ଫୀତି ଉପରେ ଅର୍ଦ୍ଧାଧିକ ପ୍ରଭାବ ପକାଇଥାଏ, ସମଗ୍ର ମୁଦ୍ରାସ୍ଫୀତିକୁ ହ୍ରାସ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଜାନୁଆରୀରେ ଖାଦ୍ୟ ମୁଦ୍ରାସ୍ଫୀତି ୫.୯୭% ଥିବାବେଳେ ଫେବୃଆରୀରେ ୩.୭୫ ପ୍ରତିଶତକୁ ହ୍ରାସ ପାଇଛି। ୨୦୨୩ ମେ' ପରେ ଏହା ସର୍ବନିମ୍ନ ସ୍ତରକୁ ହ୍ରାସ ପାଇଛି। ଗ୍ରାମାଞ୍ଚଳରେ ଖାଦ୍ୟ ମୁଦ୍ରାସ୍ଫୀତି ୪.୦୬% ଥିବାବେଳେ ସହରାଞ୍ଚଳରେ ମାତ୍ର ୩.୨୦% ରହିଛି। ଗ୍ରାମାଞ୍ଚଳରେ ଉଭୟ ଖୁଚୁରା ମୁଦ୍ରାସ୍ଫୀତି ଓ ଖାଦ୍ୟ ମୁଦ୍ରାସ୍ଫୀତି ଉଲ୍ଲେଖନୀୟଭାବେ ହ୍ରାସ ପାଇଛି। ଗ୍ରାମାଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ଜାନୁଆରୀରେ ୪.୫୯% ଥିବାବେଳେ ଫେବୃଆରୀରେ ୩.୭୯%କୁ ହ୍ରାସ ପାଇଛି। ସେହିପରି ଖାଦ୍ୟ ମୁଦ୍ରାସ୍ଫୀତି ୬.୩୧%ରୁ ୪.୦୬%କୁ ହ୍ରାସ ପାଇଛି। ସହରାଞ୍ଚଳରେ ମଧ୍ୟ ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ପାଇଛି। ଜାନୁଆରୀରେ ଏହା ୩.୮୭% ଥିବାବେଳେ ଫେବୃଆରୀରେ ୩.୩୨%କୁ ହ୍ରାସ ପାଇଛି। ଖାଦ୍ୟ ମୁଦ୍ରାସ୍ଫୀତି ମଧ୍ୟ ୫.୫୩%ରୁ ୩.୨୦%କୁ ଖସିଛି। ଅନ୍ୟପକ୍ଷରେ ଭାରତର ଶିଳ୍ପ ଉତ୍ପାଦନ ଜାନୁଆରୀରେ ଆଶାଠାରୁ ଅଧିକ ଶକ୍ତିଶାଳୀ ପ୍ରଦର୍ଶନ ଦେଖାଇଛି। ୨୦୨୪ ଡିସେମ୍ବରରେ ଏହା ୩.୨ ପ୍ରତିଶତ ତୁଳନାରେ ୨୦୨୫ ଜାନୁଆରୀରେ ବାର୍ଷିକ ହାରରେ ୫ ପ୍ରତିଶତ ବୃଦ୍ଧି ପାଇଛି। ଉତ୍ପାଦନ ଏବଂ ଖଣି କ୍ଷେତ୍ରରେ ଦୃଢ଼ ପ୍ରଦର୍ଶନ ଦ୍ୱାରା ଏହି ଅଭିବୃଦ୍ଧି ହାସଲ ହୋଇଛି। ଗତ ମୁଦ୍ରା ନୀତି କମିଟି ବୈଠକରେ ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ଆର୍ବିଆଇ ସୁଧ ହାରକୁ ୨୫ ବେସିସ୍ ପଏଣ୍ଟ ହ୍ରାସ କରି ୬.୨୫ ପ୍ରତିଶତ କରିଥିଲା। ମୁଦ୍ରାସ୍ଫୀତି ହ୍ରାସ ପାଉଥିବାରୁ ୨୦୨୫ ଏପ୍ରିଲରେ ଆର୍ବିଆଇର ପରବର୍ତ୍ତୀ ଦ୍ୱିମାସିକ ନୀତି ବୈଠକରେ ସୁଧ ହାର ହ୍ରାସ ହୋଇପାରେ। ଫଳରେ ଋଣ ଏବଂ ନିବେଶ ବୃଦ୍ଧି ପାଇବ।

# ପଦ୍ମ ପୁରସ୍କାର-୨୦୨୬ ପାଇଁ ନାମାଙ୍କନ ଆରମ୍ଭ




**ନୂଆଦିଲ୍ଲୀ :** ପଦ୍ମ ପୁରସ୍କାର-୨୦୨୬ ପାଇଁ ନାମାଙ୍କନ ଆଜିଠାରୁ ଆରମ୍ଭ ହୋଇଛି। ପଦ୍ମ ପୁରସ୍କାର ପାଇଁ ନାମାଙ୍କନର ଶେଷ ତାରିଖ ଚଳିତ ବର୍ଷ ଜୁଲାଇ ୩୧ ରହିଛି। ଅନଲାଇନରେ କେବଳ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ https://awards.gov.in ରେ ଏହି ପୁରସ୍କାର ଲାଗି ନାମାଙ୍କନ ଅଥବା ନାମାଙ୍କନ ଲାଗି ସୁପାରିସ ଗ୍ରହଣ କରାଯିବ। ୨୦୨୬ ଗଣତନ୍ତ୍ର ଦିବସ ଅବସରରେ ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିଙ୍କ ନାମ ଘୋଷଣା କରାଯିବ। ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର ମଧ୍ୟରୁ ପଦ୍ମ ପୁରସ୍କାର ଅନ୍ୟତମ। ଏହି ବର୍ଗରେ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥାଏ। ୧୯୫୪ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ପୁରସ୍କାର ପ୍ରତିବର୍ଷ ଗଣତନ୍ତ୍ର ଦିବସ ଅବସରରେ ଘୋଷଣା କରାଯାଏ। ଏହି ପୁରସ୍କାରସବୁ ସାଧାରଣ ବ୍ୟକ୍ତିବିଶେଷଙ୍କ 'ଉଲ୍ଲେଖନୀୟ ଅବଦାନ'କୁ ସ୍ୱୀକୃତି ଦେବା ପାଇଁ ଉଦ୍ଦିଷ୍ଟ ଏବଂ କଳା, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡ଼ା, ଔଷଧ, ସମାଜସେବା, ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ଲୋକ ବ୍ୟାପାର, ନାଗରିକ ସେବା, ବାଣିଜ୍ୟ ଏବଂ ଶିଳ୍ପ ଇତ୍ୟାଦି ସମସ୍ତ କ୍ଷେତ୍ର ବା ବିଷୟରେରେ ବିଶିଷ୍ଟ ଏବଂ ଅସାଧାରଣ ସଫଳତା ତଥା ସେବା ପାଇଁ ପ୍ରଦାନ କରାଯାଏ। ଜାତି, ବୃତ୍ତି, ପଦବୀ କିମ୍ବା ଲିଙ୍ଗ ନିର୍ବିଶେଷରେ ସମସ୍ତ ବ୍ୟକ୍ତି ଏହି ପୁରସ୍କାର ପାଇଁ ଯୋଗ୍ୟ। ଡାକ୍ତର ଏବଂ ବୈଜ୍ଞାନିକମାନଙ୍କୁ ଛାଡ଼ି ପିଏସୟୁରେ କାମ କରୁଥିବା ତଥା କୌଣସି ସରକାରୀ କର୍ମଚାରୀ ପଦ୍ମ ପୁରସ୍କାର ପାଇଁ ଯୋଗ୍ୟ ନୁହଁନ୍ତି। ଏଥିପାଇଁ ସମସ୍ତ ନାଗରିକଙ୍କୁ ନିଜ ପାଇଁ ମନୋନୟନ କରିବା ଏବଂ ଅନ୍ୟ ପାଇଁ ସୁପାରିଶ କରିବାକୁ ଅନୁରୋଧ କରାଯାଇଛି। ନାମାଙ୍କନ ବା ସୁପାରିଶ ପତ୍ର ନିର୍ଦ୍ଧାରିତ ପୋର୍ଟାଲରେ ଉପଲବ୍ଧ ଫର୍ମାଟ ମାଧ୍ୟମରେ ପ୍ରଦତ୍ତ ସମସ୍ତ ପ୍ରାସଙ୍ଗିକ ବିବରଣୀ ସହ ହେବା ଉଚିତ। ଏଥିରେ ଏକ ବର୍ଣ୍ଣାତ୍ମକ ପ୍ରଶଂସାପତ୍ର (ସର୍ବାଧିକ ୮୦୦ ଶବ୍ଦ) ଅନ୍ତର୍ଭୁକ୍ତ ହେବା ଆବଶ୍ୟକ। ସୁପାରିଶ କରାଯାଇଥିବା ବ୍ୟକ୍ତିଙ୍କ କ୍ଷେତ୍ର ବା ବିଭାଗରେ ଉଲ୍ଲେଖନୀୟ ଏବଂ ଅସାଧାରଣ ସଫଳତା ତଥା ସେବାକୁ ଏହି ବର୍ଣ୍ଣନା ସ୍ପଷ୍ଟ ଭାବରେ ପ୍ରକାଶ କରୁଥିବା ଆବଶ୍ୟକ।

### ମହିଳାଙ୍କ ସୁରକ୍ଷା ପାଇଁ ବିଟେକ୍ ଛାତ୍ରୀ ଆଣିଲେ ଅଭିନବ ଉପାୟ

# ଲିପଷ୍ଟିକ୍ ଗନ୍‌ରୁ ବାହାରିବ ଲଙ୍କା ଗୁଣ୍ଡ



**ନୂଆଦିଲ୍ଲୀ :** ମହିଳାଙ୍କ ସୁରକ୍ଷା ଲାଗି ଆଇନ କାନୁନ ପ୍ରଣୟନ କରାଯିବା ସହିତ ବିଭିନ୍ନ ସ୍ତରରେ ନାନା ପଦକ୍ଷେପ ନିଆଯାଉଛି। କିନ୍ତୁ ମହିଳା ବିରୋଧୀ ଅପରାଧ କମିବାର ନାଁ ଧରୁ ନାହିଁ। ବରଂ ଦିନକୁ ଦିନ ଅତିରୁ ଅତି ଜଘନ୍ୟ ଘଟଣା ସାମ୍ନାକୁ ଆସିବାରେ ଲାଗିଛି। ତେବେ ମହିଳାଙ୍କ ସୁରକ୍ଷା ପାଇଁ ଉତ୍ତରପ୍ରଦେଶ ଗୋରଖପୁରର ୨ ବିଟେକ୍ ଛାତ୍ରୀ ଯେଉଳି ଉପାୟ ଆଣିଛନ୍ତି ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ମହିଳା ଦିବସରେ ଏହି ଦୁଇ ଛାତ୍ରୀ ଲିପଷ୍ଟିକ୍ ଗନ୍ ଭଳି ଏକ ଆତ୍ମସୁରକ୍ଷା ଉପାୟ ଚିନ୍ତା କରିବା ସହିତ ଏହି ବିଶେଷ ଡିଭାଇସ୍ ଜରିଆରେ ମହିଳାଙ୍କୁ ସୁରକ୍ଷା ଦେବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ଏହି ସ୍ୱତନ୍ତ୍ର ଡିଭାଇସ୍ ଦେଖିବାକୁ ସାଧାରଣ ଲିପଷ୍ଟିକ୍ ଭଳି। କିନ୍ତୁ ଏଥିରେ ଏକ ୫ ମିମିର ବ୍ୟାରେଲ୍ ରହିଛି। ଯେଉଁଥିରେ ଗୁଳି ଭଳି ନାଳି ଲଙ୍କା ଗୁଣ୍ଡ ଭର୍ତ୍ତି ହୋଇଛି । କୌଣସି ଅସୁବିଧାଜନକ ପରିସ୍ଥିତିରେ ପୀଡ଼ିତା ଯଦି ଏହି 'ଲିପଷ୍ଟିକ୍ ଗନ୍'ର ବଟନ୍‌କୁ ଦବାନ୍ତି ତେବେ ସେଥିରୁ ଗୁଳି ଭଳି ଲଙ୍କା ଗୁଣ୍ଡ ବାହାରିବ ଏବଂ ଏହା ଆକ୍ରମଣକାରୀଙ୍କ ଆଖିରେ ଜ୍ୱଳନ ସୃଷ୍ଟି କରିବ ବୋଲି କୁହାଯାଇଛି। ଏଭଳି ସ୍ଥିତିରେ କୌଣସି ଦୁର୍ବୃତ୍ତ ସାମୟିକ ଭାବେ ସେ କିଛି ଦେଖିପାରିବାର ସୁଯୋଗ ପାଇବ ନାହିଁ ଏବଂ ଏହି ସୁଯୋଗରେ ମହିଳା ଖସି ପଳାଇବାକୁ ସକ୍ଷମ ହେବେ। ସେହିପରି ଗନ୍‌ରୁ ଲଙ୍କା ଗୁଣ୍ଡ ଫାୟାରିଂ ହେବା ବେଳେ ଭୀଷଣ ଶବ୍ଦ ବାହାରିବାର ବ୍ୟବସ୍ଥା ରହିଥିବାରୁ ଏହି ଶବ୍ଦ ଶୁଣି ଆଖପାଖର ଲୋକେ ସତର୍କ ହୋଇଯିବେ ଏବଂ ସହାୟତା ଲାଗି ଆଗେଇ ଆସିବେ ବୋଲି କୁହାଯାଇଛି। ଆବଶ୍ୟକ ସ୍ଥଳେ ଏହି ଗନ୍‌ରୁ ପୁଲିସ ଓ ପରିବାର ଲୋକଙ୍କୁ ଜରୁରୀକାଳୀନ ଫୋନ୍ ସହିତ ଘଟଣାସ୍ଥଳର ଭୌଗୋଳିକ ସ୍ଥିତି (ଲୋକେସନ) ମଧ୍ୟ ପଠାଇବାର ବ୍ୟବସ୍ଥା ରହିଛି। ଏହି 'ଲିପଷ୍ଟିକ୍ ଗନ୍'କୁ ସ୍ୱତନ୍ତ୍ର କାର୍ବନ ଫାଇବରରେ ପ୍ରସ୍ତୁତ କରାଯାଇଥିଲା ବେଳେ ଓଜନ ମାତ୍ର ୫୦ ଗ୍ରାମ ଏବଂ ମୂଲ୍ୟ ୨୦୦୦ ଟଙ୍କା ରହିଛି। ଏହାର ପ୍ରସ୍ତୁତି ପାଇଁ ଡଏସ୍ ମୋଡ୍ୟୁଲ, ୩ ଭୋଲ୍ଟର ବ୍ୟାଟେରୀ, ମେଟାଲ ପାଇପ୍, ବଟନ, ମାଇକ୍ରୋଫୋନ୍ ଆଦିର ବ୍ୟବହାର କରାଯାଇଛି। ଏହି ଉପାୟ ଚିନ୍ତନ ସହିତ 'ଲିପଷ୍ଟିକ୍ ଗନ୍' ପ୍ରସ୍ତୁତ କରିଥିବା ଦୁଇ ବିଟେକ୍ ଛାତ୍ରୀ ଇସ୍ରତ୍ ଖାନ୍ ଓ ଶ୍ରୀଷ୍ଟି ଶ୍ରୀବାସ୍ତବ ଗୋରଖପୁର ଆଇଟିଏମ୍ ଇଞ୍ଜିନିୟରିଂ କଲେଜରେ ଅଧ୍ୟୟନ କରୁଛନ୍ତି।

## 'ମାଗଣା ଜିନିଷରେ ଦାରିଦ୍ର୍ୟତା ଦୂର ହୁଏନି'



**ମୁମ୍ବାଇ :** ଇନଫୋସିସର ସହ ସଂସ୍ଥାପକ ଏନ.ଆର. ନାରାୟଣ ମୂର୍ତ୍ତି 'ମାଗଣା' ଯୋଜନାକୁ ନେଇ ସରକାରମାନଙ୍କ ବିରୋଧରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ମାଗଣା ଜିନିଷରେ ଦାରିଦ୍ର୍ୟତା ଦୂର ହୁଏ ନାହିଁ। ଏହି ବିଷୟ ଉପରେ ସେ 'ମୁମ୍ବାଇ-୨୦୨୫ ଟାଇକନ' କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କହିଛନ୍ତି ଯେ ମାଗଣା ଉପହାରରେ ନୁହେଁ, ଗରିବୀର ସମାଧାନ ଇନୋଭେଟିଭ ଉଦ୍ୟମୀଙ୍କ ରୋଜଗାର ସୃଜନରେ ହିଁ ସମ୍ଭବ ହୋଇପାରିବ। ଏନ.ଆର.ନାରାୟଣ ମୂର୍ତ୍ତି କହିଛନ୍ତି ଯେ ଯଦି ଦେଶ ଇନୋଭେଟିଭ ଏଣ୍ଟରପ୍ରାଇଜେସ ଆଡକୁ ବଢେ ତେବେ ଗରିବୀ ଏକ ଧୂଆଁଳିଆ ସ୍ମୃତି ଭଳି ମିଳେଇଯିବ। ସେ କହିଛନ୍ତି 'ମୋର ପୁରା ବିଶ୍ୱସ ଆପଣମାନଙ୍କ ମଧ୍ୟରେ ପ୍ରତ୍ୟେକ ଶହଶହ ନିଯୁକ୍ତି ସୃଷ୍ଟି କରିବେ ଓ ଏହି ଭଳି ଦେଶରୁ ଗରିବୀ ସମସ୍ୟାକୁ ଦୂର କରାଯାଇ ପାରିବ। ମାଗଣା ଉପହାରରେ ଏହି ସମସ୍ୟାର କେବେବି ସମାଧାନ ହୋଇ ନପାରେ। କୌଣସି ଦେଶ ଏପରି କରି ସଫଳ ହୋଇ ନାହାନ୍ତି'। ନାରାୟଣ ମୂର୍ତ୍ତି କହିଛନ୍ତି ଯେ ଆଜିକାଲି ବିକ୍ରି କରାଯାଉଥିବା ଅଧିକାଂଶ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସମାଧାନ ପୁରୁଣା ଓ ଅଚଳ କାର୍ଯ୍ୟକ୍ରମ। ଏହା ଭବିଷ୍ୟତରେ କାମରେ ଆସିବ ବୋଲି କହି ପ୍ରଚାରିତ କରାଯାଉଛି। ଏହା ଛଡା ସେ ମାଗଣା ବିଜୁଳି ଉପରେ ମଧ୍ୟ କହିଛନ୍ତି। ସେ କହିଛନ୍ତି ରାଜ୍ୟ ସରକାରମାନେ ୬ ମାସ ପରେ ସେହି ଘରମାନଙ୍କରେ ସର୍ଭେ କରନ୍ତୁ ଓ ଦେଖନ୍ତୁ ମାଗଣା ବିଜୁଳି ଯୋଜନା ଯୋଗୁ ପିଲାଙ୍କ ଶିକ୍ଷାର ସ୍ତର ଉନ୍ନତ ହୋଇଛି କି ନାହିଁ। ନାରାୟଣ ମୂର୍ତ୍ତି କହିଛନ୍ତି ଯେ ମାଗଣା ଯୋଜନା ଗୁଡିକୁ ଲାଭ ବଦଳେ ଏକ ସଂସ୍କାର ରୂପେ ଲାଗୁ କରାଯିବା ଦରକାର। ସେ କହିଛନ୍ତି ଯେ ମୁଁ ଭାବୁଛି ନୀତିଗତ ଦୃଷ୍ଟିକୋଣରୁ ଆମେ ସୁଧାର ଦିଗରେ କାମ କରିବା ଦରକାର, ଯାହା ଦ୍ୱାରା ଯୋଜନାଗୁଡ଼ିକର ପ୍ରଭାବ ବାସ୍ତବିକ ରୂପେ ଗରିବଙ୍କ ଉପରେ ପ୍ରତିଫଳିତ ହୁଏ।

### ବିଶ୍ୱର ୨୦ ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରୁ ଭାରତର ୧୩

# ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର



**ନୂଆଦିଲ୍ଲୀ :** ପ୍ରକାଶିତ ଏକ ନୂତନ ରିପୋର୍ଟ ଅନୁଯାୟୀ, ବିଶ୍ୱର ଶ୍ରେଷ୍ଠ ୨୦ଟି ପ୍ରଦୂଷିତ ସହର ମଧ୍ୟରୁ ତେରଟି ଭାରତରେ ଅଛି। ଯେଉଁଥିରେ ଆସାମର ବାଇରନିହାଟ ତାଲିକାର ଶୀର୍ଷରେ ଅଛି। ସ୍ୱିସ୍ ବାୟୁ ଗୁଣବତ୍ତା ପ୍ରଯୁକ୍ତିବିଦ୍ୟା କମ୍ପାନୀ ଆଇକ୍ୟୁଏୟାର ଦ୍ୱାରା ପ୍ରସ୍ତୁତ ବିଶ୍ୱ ବାୟୁ ଗୁଣବତ୍ତା ରିପୋର୍ଟ ୨୦୨୪ କହିଛି ଯେ ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ରାଜଧାନୀ ସହର ଭାବରେ ରହିଛି। ଯେତେବେଳେ ଭାରତ ୨୦୨୪ ରେ ବିଶ୍ୱର ପଞ୍ଚମ ସର୍ବାଧିକ ପ୍ରଦୂଷିତ ଦେଶ ଭାବରେ ସ୍ଥାନ ପାଇଛି, ଯାହା ୨୦୨୩ରେ ତୃତୀୟ ସ୍ଥାନରୁ ହ୍ରାସ ପାଇଛି। ରିପୋର୍ଟରେ କୁହାଯାଇଛି ଯେ ୨୦୨୪ରେ ଭାରତରେ ପିଏମ୍୨.୫ ସାନ୍ଦ୍ରତାରେ ୭ ପ୍ରତିଶତ ହ୍ରାସ ଘଟିଛି। ଯାହା ପ୍ରତି ଘନ ମିଟରରେ ହାରାହାରି ୫୦.୬ ମାଇକ୍ରୋଗ୍ରାମ ଥିଲା। ଯାହା ୨୦୨୩ ରେ ପ୍ରତି ଘନ ମିଟରରେ ୫୪.୪ ମାଇକ୍ରୋଗ୍ରାମ ଥିଲା। ତଥାପି, ବିଶ୍ୱର ୧୦ଟି ପ୍ରଦୂଷିତ ସହର ମଧ୍ୟରୁ ଛଅଟି ଭାରତରେ ଅଛି। ଦିଲ୍ଲୀରେ ପ୍ରଦୂଷଣର ପରିମାଣ ନିରନ୍ତର ଭାବରେ ଅଧିକ ରହିଛି, ପ୍ରତି ଘନ ମିଟରରେ ବାର୍ଷିକ ହାରାହାରି ପିଏମ୍ ୨.୫ ସାନ୍ଦ୍ରତା ୯୧.୬ ମାଇକ୍ରୋଗ୍ରାମ, ଯାହା ୨୦୨୩ ରେ ପ୍ରତି ଘନ ମିଟରରେ ୯୨.୭ ମାଇକ୍ରୋଗ୍ରାମ ଥିଲା, ଯାହା ପ୍ରାୟ ଅପରିବର୍ତ୍ତିତ। ବିଶ୍ୱର ଶ୍ରେଷ୍ଠ ୨୦ ପ୍ରଦୂଷିତ ସହର ମଧ୍ୟରେ ୧୩ଟି ଭାରତୀୟ ସହର ହେଉଛି ବାଇରନିହାଟ, ଦିଲ୍ଲୀ, ମୁଲାନପୁର (ପଞ୍ଜାବ), ଫରିଦାବାଦ, ଲୋନି, ନୂଆଦିଲ୍ଲୀ, ଗୁରୁଗ୍ରାମ, ଗଙ୍ଗାନଗର, ଗ୍ରେଟର ନୋଏଡା, ଭିୱାଡ଼ି, ମୁଜାଫରନଗର, ହନୁମାନଗଡ଼ ଏବଂ ନୋଏଡା। ସାମଗ୍ରିକ ଭାବରେ, ୩୫ ପ୍ରତିଶତ ଭାରତୀୟ ସହର ପ୍ରତି ଘନ ମିଟରରେ ଡବ୍ଲ୍ୟୁଏଚ୍‌ଓ ସୀମା ୫ ମାଇକ୍ରୋଗ୍ରାମ ଠାରୁ ୧୦ ଗୁଣ ଅଧିକ ବାର୍ଷିକ ଟଗ୨.୫ ସ୍ତର ରିପୋର୍ଟ କରିଛନ୍ତି। ଭାରତରେ ବାୟୁ ପ୍ରଦୂଷଣ ଏକ ଗମ୍ଭୀର ସ୍ୱାସ୍ଥ୍ୟ ବିପଦ ରହିଛି, ଯାହା ଆନୁମାନିକ ୫.୨ ବର୍ଷ ଜୀବନ ହ୍ରାସ କରିଛି। ଗତ ବର୍ଷ ପ୍ରକାଶିତ ଲାନସେଟ୍ ପ୍ଲାନେଟାରୀ ହେଲ୍ଥ ଅଧ୍ୟୟନ ଅନୁଯାୟୀ, ୨୦୦୯ ରୁ ୨୦୧୯ ପର୍ଯ୍ୟନ୍ତ ପ୍ରତିବର୍ଷ ଭାରତରେ ପ୍ରାୟ ୧.୫ ନିୟୁତ ମୃତ୍ୟୁ ପିଏମ୍୨.୫ ପ୍ରଦୂଷଣର ଦୀର୍ଘକାଳୀନ ସଂସ୍ପର୍ଶ ସହିତ ଜଡିତ ବୋଲି ସମ୍ଭାବ୍ୟ ଭାବରେ ଜଣାପଡୁଛି। ପିଏମ୍୨.୫ ହେଉଛି ୨.୫ ମାଇକ୍ରୋନରୁ ଛୋଟ ଛୋଟ ବାୟୁ ପ୍ରଦୂଷଣ କଣିକା, ଯାହା ଫୁସଫୁସ ଏବଂ ରକ୍ତପ୍ରବାହରେ ପ୍ରବେଶ କରିପାରେ, ଯାହା ଶ୍ୱାସକ୍ରିୟା ସମସ୍ୟା, ହୃଦରୋଗ ଏବଂ କର୍କଟ ରୋଗ ମଧ୍ୟ ସୃଷ୍ଟି କରିପାରେ। ଏହାର ଉତ୍ସ ହେଉଛି ଯାନବାହାନ ନିର୍ଗତ ଗ୍ୟାସ, ଶିଳ୍ପ ନିର୍ଗମନ ଏବଂ କାଠ କିମ୍ବା ଫସଲର ଅଳିଆ ପୋଡ଼ିବା।



# କାଠଯୋଡ଼ି ନଦୀ ବନ୍ଧକୁ ବିପଦ !

## ସୁରକ୍ଷା ପାଇଁ ବୈଷୟିକ ପରାମର୍ଶଦାତା କମିଟିର ସୁପାରିସ୍, ୪ଟି ବୁରୁଜ ନିର୍ମାଣ କର

**କଟକ :** କାଠଯୋଡ଼ି ରିଂବନ୍ଧ ନିର୍ମାଣକୁ ୪୦ ବର୍ଷ ବିତିଲାଣି। ଧିରେ ଧିରେ ଏହା ଦୁର୍ବଳ ହେବାରେ ଲାଗିଲାଣି। ଯଦିଓ ବର୍ଷର ୮ ମାସ କାଠଯୋଡ଼ିରେ ପାଣି ରହୁନି, ତଥାପି ନଦୀବନ୍ଧକୁ ନେଇ ଆଶଙ୍କା ପ୍ରକାଶ ପାଇଲାଣି। ଓଡ଼ିଶାରେ ବନ୍ୟା ନିୟନ୍ତ୍ରଣ ପାଇଁ ରହିଥିବା ବୈଷୟିକ ପରାମର୍ଶଦାତା କମିଟି କାଠଯୋଡ଼ି ନଦୀବନ୍ଧକୁ ସୁରକ୍ଷା ଦେବାକୁ ପରାମର୍ଶ ଦେଇଛି। ନଦୀ ଭିତରେ ପଥର ପ୍ୟାକିଂ ବୁରୁଜ ନିର୍ମାଣ କରାନଗଲେ କାଠଯୋଡ଼ି ବନ୍ଧକୁ ବିପଦ ରହିଥିବା କୁହାଯାଉଛି। ତେଣୁ କମିଟିର ସୁପାରିସ କ୍ରମେ ଏଠାରେ ୪ଟି ବୁରୁଜ ନିର୍ମାଣ କରାଯିବ। ଜଳସମ୍ପଦ ବିଭାଗ ତରଫରୁ ଏ ଯୋଜନାକୁ ଅନୁମୋଦନ ମିଳିଛି। ସହରକୁ ବନ୍ୟା ଦାଉରୁ ରକ୍ଷା କରିବାକୁ ୪୦ ବର୍ଷ ତଳେ କାଠଯୋଡ଼ି ରିଂ ବନ୍ଧର ପରିକଳ୍ପନା କରାଯାଇଥିଲା। ଜାନକୀବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ଅମଳରେ ୧୯୮୫ ମସିହା ବେଳକୁ ରିଂବନ୍ଧ ନିର୍ମାଣ କରାଯାଇଥିଲା। ଯାହାଫଳରେ ନଦୀକୂଳ ସାହିବସ୍ତିଗୁଡିକ ବନ୍ୟା ଦାଉରୁ ରକ୍ଷା ପାଇଯାଇଥିଲା। କଂଗ୍ରେସ ସରକାର ଅମଳରେ କଟକ ସହରକୁ ଏହା ସବୁଠାରୁ ବଡ଼ ଅବଦାନ ବୋଲି କୁହାଯାଏ। କିନ୍ତୁ କାଳକ୍ରମେ କାଠଯୋଡ଼ି ନଦୀ ବନ୍ଧର ସୁରକ୍ଷା ଦିଗରେ କୌଣସି ପଦକ୍ଷେପ ନିଆଗଲା ନାହିଁ। ଉପରନ୍ତୁ କାଠଯୋଡ଼ି ନଦୀରେ ଏକାଧିକ ବାଲିଘାଟ ପରିଚାଳନା ଏବଂ ଭାରୀଯାନ ଚଳାଚଳ କରାଗଲା। ଯାହାଫଳରେ ନଦୀବନ୍ଧ ଏବେ ଅସୁରକ୍ଷିତ ହୋଇପଡିଛି। କାଠଯୋଡ଼ି ନଦୀ ବନ୍ଧ ନରାଜଠାରୁ ଆରମ୍ଭ ହୋଇ ନୂଆପଡ଼ା ଯାଏ ଲମ୍ବିଛି। ନଦୀ ବନ୍ଧ ପାଶ୍ୱର୍ରେ ପଥର ପ୍ୟାକିଂ କରାଯାଇଥିବାରୁ ଏହା ଦୀର୍ଘସ୍ଥାୟୀ ବୋଲି ଆକଳନ କରାଯାଉଛି। କିନ୍ତୁ ନଦୀବନ୍ଧର କିଛି ସ୍ଥାନ ଏବେ ଦୁର୍ବଳ ପଡ଼ିଲାଣି। ତିନିମାସ ପୂର୍ବରୁ ଜଳସମ୍ପଦ ବିଭାଗର ଏକ ଅନୁଧାନ କମିଟି କାଠଯୋଡ଼ି ନଦୀବନ୍ଧର ବିଭିନ୍ନ ସ୍ଥାନ ଯାଞ୍ଚ କରିଥିଲା। ଏହାପରେ ବୈଷୟିକ ପରାମର୍ଶଦାତା କମିଟି ବୈଠକରେ ଏ ବାବଦରେ ବିସ୍ତୃତ ଆଲୋଚନା କରାଯାଇଥିଲା। କାଠଯୋଡ଼ିର ବାମପାଶ୍ୱର୍ ବନ୍ଧର କୂଳକୁ ସୁରକ୍ଷା ଦେବାକୁ ଆଲୋଚନା ହେବା ପରେ ଏଥିରେ ୪ଟି ବୁରୁଜ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି। ଏ ବାବଦରେ ୯ କୋଟି ୮୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା କରାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ କାଠଯୋଡ଼ି ନଦୀବନ୍ଧ ଦୁର୍ବଳ ହେବା ନେଇ ସମୀକ୍ଷା ହେବା ଜରୁରି ବୋଲି ମତ ପ୍ରକାଶ ପାଇଛି। କାଠଯୋଡ଼ିରେ ବାଲିଘାଟ ନିଲାମ ନେଇଥିବା ବାଲି ବ୍ୟବସାୟୀମାନେ ଏଥିପାଇଁ କାହିଁକି ଉତ୍ତରଦାୟୀ ରହିବେ ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। କାଠଯୋଡ଼ିରେ ପ୍ରାୟ ୫ଟି ବାଲିଘାଟ ଏବେ ପରିଚାଳିତ ହେଉଛି। ନଦୀରୁ ବାଲି ଉଠାଇ ଏମାନେ ଭାରୀଯାନରେ ଚାଲାଣ କରୁଛନ୍ତି। ଦିନରାତି କାଠଯୋଡ଼ିକୁ ଭାରୀଯାନ ଗଡୁଛି ଏବଂ ନଦୀରୁ ଉଠୁଛ। ଏହାର ପ୍ରଭାବ ବି ନଦୀବନ୍ଧ ଉପରେ ପଡୁଥିବା ଆଶଙ୍କା ରହିଛି। ତେଣୁ ବାଲିଘାଟ ବ୍ୟବସାୟୀମାନଙ୍କୁ ନଦୀ ବନ୍ଧ ଦୁର୍ବଳ ହେବା ପାଇଁ ଦାୟୀ କରାଯାଇ କାର୍ଯ୍ୟାନୁଷ୍ଠାନ କରିବାକୁ ମତ ପ୍ରକାଶ ପାଉଛି।

# ଓଡ଼ିଶାରେ ୫ ହଜାରରୁ ଅଧିକ ଗାଁରେ ନାହିଁ ରାସ୍ତା

**ଭୁବନେଶ୍ୱର :** ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ବିଧାନସଭାରେ ସୂଚନା ଦେଇଛନ୍ତି ଯେ, ରାଜ୍ୟର ୫,୧୯୭ଟି ଗ୍ରାମ ଏବଂ ପଡ଼ାରେ ସବୁଦିନିଆ ସଡ଼କ ସଂଯୋଗ ନାହିଁ। ବିଜେଡି ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ୨୦୨୪-୨୫ ମସିହାରେ ଗ୍ରାମ ପଞ୍ଚାୟତ ଏବଂ ପଞ୍ଚାୟତ ସମିତି ଦ୍ୱାରା କରାଯାଇଥିବା ଏକ ସର୍ଭେ ମାଧ୍ୟମରେ ଏହି ସଂଯୋଗହୀନ ଗ୍ରାମ ଏବଂ ପଡ଼ାଗୁଡ଼ିକୁ ଚିହ୍ନଟ କରାଯାଇଥିଲା। ମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୯୦୫ଟି ସଂଯୋଗହୀନ ଗ୍ରାମ ଏବଂ ପଡ଼ା ରହିଛି। ସେଥିମଧ୍ୟରୁ ନୟାଗଡ଼ରେ ସର୍ବାଧିକ ୫୩୬ ରହିଛି। ସେହିପରି ନବରଙ୍ଗପୁରରେ ୪୩୫, ମାଲକାନଗିରିରେ ୩୨୮ ଏବଂ କଳାହାଣ୍ଡିରେ ୩୨୧ ରହିଛି। ସୁବର୍ଣ୍ଣପୁର ଜିଲ୍ଲାରେ କୌଣସି ସଂଯୋଗହୀନ ଗ୍ରାମ କିମ୍ବା ପଡ଼ା ନାହିଁ। ମନ୍ତ୍ରୀ ସୂଚନା ପ୍ରଦାନ କରିଥିଲେ ଯେ, ଏହି ଗ୍ରାମଗୁଡ଼ିକୁ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ସଂଯୋଗ କରିବା ପାଇଁ ପ୍ରୟାସ ଚାଲିଛି। ସେସବୁ ମଧ୍ୟରେ ମନରେଗା, ସିଏଫସି/ଏସଏଫସି ଏବଂ ଏମପିଏଲଏଡି/ ଏମଏଲଏଏଲଏଡି ଆଦି ରହିଛି। ଏହା ସହିତ, ରାଜ୍ୟ ସରକାରଙ୍କ ନୂତନ ଯୋଜନା, ବିଜିବିଓ (ବିକଶିତ ଗାଁ ବିକଶିତ ଓଡ଼ିଶା) ମାଧ୍ୟମରେ ଏହି ଅଞ୍ଚଳଗୁଡ଼ିକର ୩୫ ପ୍ରତିଶତ ରାସ୍ତା ନିର୍ମାଣ ଏବଂ ମରାମତି କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଗ୍ରାମଗୁଡ଼ିକୁ ନିୟମିତ ରାସ୍ତା ସହିତ ସଂଯୋଗ କରିବା, ସାରା ରାଜ୍ୟରେ ସୁଗମ୍ୟତା ଏବଂ ଭିତ୍ତିଭୂମିକୁ ଉନ୍ନତ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

# ଭୁବନେଶ୍ୱରରେ ୬୮୯ ବେଆଇନ ଆପାର୍ଟମେଣ୍ଟ



**ଭୁବନେଶ୍ୱର :** ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ବିଧାନସଭାରେ ପ୍ରକାଶ କରିଛନ୍ତି ଯେ, ଭୁବନେଶ୍ୱରରେ ୧୧,୮୦୬ ଘର ଆଇନଗତ ମଞ୍ଜୁରୀ ବିନା ନିର୍ମାଣ କରାଯାଇଛି। ବିଧାନସଭା ଅଧିବେଶନ ସମୟରେ ଏକ ଲିଖିତ ଉତ୍ତରରେ ମନ୍ତ୍ରୀ ଏଭଳି ସୂଚନା ପ୍ରଦାନ କରିଛନ୍ତି। ୨୦୧୮ ରୁ ୨୦୧୯ ମଧ୍ୟରେ, ଏହି ଘରଗୁଡ଼ିକ ମଧ୍ୟରୁ ୭,୨୨୩ଟିକୁ ଏକ ସାଧାରଣ କ୍ଷମା ଯୋଜନା ମାଧ୍ୟମରେ ସଫଳତାର ସହ ନିୟମିତ କରାଯାଇଥିଲା। ଆହୁରି ୪,୫୮୩ ଘରକୁ ନିୟମିତ କରିବାକୁ ବାକି ଅଛି। କଂଗ୍ରେସ ବିଧାୟକ ଅଶୋକ ଦାସଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହି ସୂଚନା ପ୍ରଦାନ କରିଛନ୍ତି। ୨୦୧୫ ରୁ ୨୦୨୩ ମଧ୍ୟରେ ଅନଧିକୃତ କୋଠା ଯୋଜନା ଯୋଗୁଁ ବିଏମସିକୁ ୪୮ କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ ୨୦୨୪ ମସିହାରେ ବିଏମସି ୧୯୧ଟି ନିର୍ମାଣ ଭାଙ୍ଗି ଦେଇଥିଲା। ଏହା ସହିତ ବିଡ଼ିଏ ୪୯୧ଟି ମାମଲା ଆରମ୍ଭ କରିଥିଲା। ବେଆଇନ କୋଠା ନିର୍ମାଣର ମୂଳ କାରଣ ହେଉଛି, ବେଆଇନ ନିର୍ମାଣଗୁଡ଼ିକ ନିର୍ମାଣକାରୀଙ୍କ ଅବହେଳା। ବିକ୍ରୟ ପରେ ପ୍ରକଳ୍ପଗୁଡ଼ିକୁ ପରିତ୍ୟାଗ କରିବା, ପଞ୍ଚାୟତରୁ ବିଏମସିକୁ କ୍ଷେତ୍ରାଧିକାର ସ୍ଥାନାନ୍ତର ଏବଂ ଜଳାଶୟ ଉପରେ ଜବରଦଖଲ ଯୋଗୁ ଜଳ ନିଷ୍କାସନ ସମସ୍ୟା ସୃଷ୍ଟି ହେଉଛି। କେବଳ ପାଞ୍ଚରୁ ୧୦ ପ୍ରତିଶତ କୋଠାର ଦଖଲ ପ୍ରମାଣପତ୍ର ଅଛି। ଭୁବନେଶ୍ୱରରେ ବିଡିଏ କ୍ଷେତ୍ରାଧିକାର ଅଧୀନରେ ୧୯୧ଟି ଭାଙ୍ଗିବା ନିର୍ଦ୍ଦେଶ ଦିଆଯାଇଥିବା ନିର୍ମାଣ ଏବଂ ୧,୪୪୪ଟି ବିଏମସି ପଞ୍ଜିକୃତ ମାମଲା ରହିଛି। ଏଥିମଧ୍ୟରୁ ୬୩ଟି ବିଡିଏ ମାମଲା ପ୍ରତ୍ୟାହାର କରାଯାଇଛି। ୨୩୭ଟି ବିଚାରାଧୀନ ରହିଛି। ଯେତେବେଳେ ବିଏମସି ୪୫୧ଟି ମାମଲା ସମାଧାନ କରିଛି ଏବଂ ୯୯୩ଟି ଏପର୍ଯ୍ୟନ୍ତ ବିଚାରାଧୀନ ଅଛି। ବେଆଇନ ନିର୍ମାଣ ମୁଖ୍ୟତଃ ଅନଧିକୃତ ଭୂମି ବ୍ୟବହାର (୩୫% ମାମଲା), କୋଠା ଯୋଜନା ବିଚ୍ୟୁତି (୨୮%), ଅଗ୍ନି ନିରାପତ୍ତା ପ୍ରମାଣପତ୍ରର ଅଭାବ (୨୨%), ଏବଂ ପରିବେଶଗତ ମଞ୍ଜୁରୀ ଉଲ୍ଲଂଘନ (୧୫%) ସହିତ ଜଡିତ। ୨୩୭ଟି ମାମଲା କୋର୍ଟରେ ବିଚାରାଧୀନ, ବିକ୍ରୟ ପରେ ବିଲ୍ଡରମାନେ ଫେରାର୍ (୪୨% ମାମଲା), ଭାଙ୍ଗିବା ପାଇଁ ବିଏମସିର ୧୮ କୋଟି ଟଙ୍କାର କ୍ଷତିପୂରଣ ଆବଶ୍ୟକତା, ଏବଂ ୧୪୭ଟି ସନ୍ଦିଗ୍ଧ ବେନାମୀ ସମ୍ପତ୍ତି ଚିହ୍ନଟ ହୋଇଥିବା ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

# ୨୦୨୫ରେ ୪ ପରାଗ ଓ ଗ୍ରହଣ

**ଭୁବନେଶ୍ୱର :** ୨୦୨୫ ମସିହାରେ ମୋଟ ୪ଟି ପରାଗ ଓ ଗ୍ରହଣ ସଂଗଠିତ ହେବ, ଦୁଇଟି ଆଶିଂକ ସୂର୍ଯ୍ୟ ପରାଗ ଏବଂ ଦୁଇଟି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ – କିନ୍ତୁ ସେଥିମଧ୍ୟରୁ କେବଳ ଗୋଟିଏ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଭାରତରୁ ଦେଖିହେବ। ଚଳିତ ବର୍ଷର ପ୍ରଥମ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ମାର୍ଚ୍ଚ ୧୪ତାରିଖରେ ଆମେରିକା, ପଶ୍ଚିମ ୟୁରୋପ, ପଶ୍ଚିମ ଆଫ୍ରିକା ଏବଂ ଉତ୍ତର ଏବଂ ଦକ୍ଷିଣ ଆଟଲାଣ୍ଟିକ୍ ମହାସାଗର ପରି ଅଞ୍ଚଳରେ ଦେଖାଯିବ ଓ ଏହା ଭାରତରୁ ଦୃଶ୍ୟମାନ ହେବ ନାହିଁ।ଆଂଶିକ ଚନ୍ଦ୍ର ଗ୍ରହଣ ଭାରତୀୟ ସମୟ ପୂର୍ବାହ୍ନ ୧୦ଟା ୩୯ମିନିଟରେ ଆରମ୍ଭ ହୋଇ ପୂର୍ଣ୍ଣ ଗ୍ରହଣ ଦିନ ୧୧ଟା ୫୬ରୁ ଦିନ୧.୦୧ପର୍ଯ୍ୟନ୍ତ ଦେଖାଯିବ। ସେ ସମୟରେ ଚନ୍ଦ୍ର ସଂପୂର୍ଣ୍ଣ ରକ୍ତ ବର୍ଣ୍ଣ ଧାରଣ କରିବ।ଆଂଶିକ ଚନ୍ଦ୍ର ଗ୍ରହଣ ଭାରତୀୟ ସମୟ ଦିନ୦୨ଟା ୧୮ମିନିଟରେ ଶେଷ ହେବ। ଯେହେତୁ ଏହା ଭାରତରେ ଦିନ ସମୟରେ ଘଟୁଛି ଏହା ଭାରତର କୌଣସି ସ୍ଥାନରେ ଦୃଶ୍ୟମାନ ହେବ ନାହିଁ। ଅପରପକ୍ଷରେ ଆଂଶିକ ସୂର୍ଯ୍ୟ ପରାଗ ମାର୍ଚ୍ଚ ମାସ ୨୯ ତାରିଖରେ ଉତ୍ତର ଆମେରିକା, ଗ୍ରୀନଲ୍ୟାଣ୍ଡ, ଆଇସଲ୍ୟାଣ୍ଡ, ଉତ୍ତର ଆଟଲାଣ୍ଟିକ୍ ମହାସାଗର, ୟୁରୋପ ଏବଂ ଉତ୍ତର-ପଶ୍ଚିମ ଋଷରେ ଦୃଶ୍ୟମାନ ହେବ ଓ ଏହା ଭାରତରୁ ଦୃଶ୍ୟମାନ ହେବ ନାହିଁ। ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ସେପ୍ଟେମ୍ବର ୭–୮ ତାରିଖରେ ସମଗ୍ର ଭାରତ ସହ ଏସିଆର ଅନ୍ୟ ଦେଶ ତଥା ୟୁରୋପ, ଆଣ୍ଟାର୍ଟିକା, ପଶ୍ଚିମ ପ୍ରଶାନ୍ତ ମହାସାଗର, ଅଷ୍ଟ୍ରେଲିଆ ଏବଂ ଭାରତ ମହାସାଗରର କିଛି ଅଞ୍ଚଳରେ ମଧ୍ୟ ଦୃଶ୍ୟମାନ ହେବ। ଚନ୍ଦ୍ରଗ୍ରହଣ ସେପ୍ଟେମ୍ବର ୭ ତାରିଖ ରାତି ୮.୫୮ ରୁ ୨.୨୫ ପର୍ଯ୍ୟନ୍ତ ରହିବ। ପୂର୍ଣ୍ଣ ଗ୍ରହଣ ରାତି ୧୦.୦୦ରୁ ରାତି ୧୨.୨୨ ଦୀର୍ଘ ୨ ଘଣ୍ଟା ୨୨ ମିନିଟ୍ ଧରି ଦେଖାଯିବ ଓ ସେ ସମୟରେ ଚନ୍ଦ୍ର ସଂପୂର୍ଣ୍ଣ ରକ୍ତ ବର୍ଣ୍ଣ ଧାରଣ କରିବ। ୨୦୨୫ ବର୍ଷର ଅନ୍ତିମ ଆଂଶିକ ସୂର୍ଯ୍ୟ ପରାଗ ସେପ୍ଟେମ୍ବର ୨୧-୨୨ ତାରିଖରେ ନ୍ୟୁଜିଲ୍ୟାଣ୍ଡ, ଇଷ୍ଟର୍ଣ୍ଣ ମେଲାନେସିଆ ଏବଂ ପଶ୍ଚିମ ଆଣ୍ଟାର୍ଟିକାରେ ଦୃଶ୍ୟମାନ ହେବ ଏହା ମଧ୍ୟ ଭାରତରେ ଦୃଶ୍ୟମାନ ହେବ ନାହିଁ। ୨୦୨୫ ମସିହାରେ ଦୁଇଟି ଆଶିଂକ ସୂର୍ଯ୍ୟ ପରାଗ ଏବଂ ଦୁଇଟି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ସଂଗଠିତ ହେବ- କିନ୍ତୁ ସେଥିମଧ୍ୟରୁ କେବଳ ଗୋଟିଏ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଭାରତରୁ ଦେଖିହେବ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ରାସନ କାର୍ଡରେ ମିଳିବ ଗହମ: ମନ୍ତ୍ରୀ



**ଭୁବନେଶ୍ୱର :** ଆଗାମୀ ଦିନରେ ରାଜ୍ୟର ଲୋକଙ୍କୁ ରାସନ କାର୍ଡ ମାଧ୍ୟମରେ ପୂର୍ବ ଭଳି ଗହମ ଯୋଗାଇ ଦିଆଯିବ। ଏନେଇ ଏକ ପ୍ରଶ୍ନ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ ଲିଖିତ ଉତ୍ତର ପ୍ରଦାନ କରିଛନ୍ତି। ପଟାଙ୍ଗୀର କଂଗ୍ରେସ ବିଧାୟକ ରାମ ଚନ୍ଦ୍ର କାଡାମ୍ ଜାଣିବାକୁ ଚାହିଁଥିଲେ ଯେ,ପୂର୍ବ ସରକାରଙ୍କ ସମୟରେ ଗରିବ, ଖଟିଖିଆ ଓ ରୋଗାଗ୍ରସ୍ତମାନଙ୍କୁ ରାସନ କାର୍ଡ ମାଧ୍ୟମରେ ଗହମ ବଣ୍ଟନ ବନ୍ଦ କରିଥିଲେ। ବର୍ତ୍ତମାନର ସରକାର ପୁନଃ ରାସନ କାର୍ଡ ମାଧ୍ୟମରେ ଗହମ ଯୋଗାଣ ପାଇଁ ବ୍ୟବସ୍ଥା କରିବେ କି, ଯଦି ହଁ, ତେବେ ଏହି ଗହମ ବଣ୍ଟନ ରାସନ କାର୍ଡ ମାଧ୍ୟମରେ କେବେ ବଣ୍ଟନ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ଇତିମଧ୍ୟରେ କେନ୍ଦ୍ର ସରକାର ୨୦୨୫ ମାର୍ଚ୍ଚ ମାସଠାରୁ ଖାଉଟିମାନଙ୍କୁ ସମ୍ପୂର୍ଣ୍ଣ ଚାଉଳ ଯୋଗାଇ ଦେବା ପାଇଁ ଆବଣ୍ଟନ ପତ୍ର ଜାରି କରିଛନ୍ତି। ରାଜ୍ୟ ସରକାର ଗହମ ଉଠାଣ ପାଇଁ ସମସ୍ତ ଜିଲ୍ଲାରେ ପରିବହନ ବ୍ୟବସ୍ଥା ସ୍ଥିରୀକୃତ ହେବା ପରେ ଏନେଇ କେନ୍ଦ୍ର ସରକାରଙ୍କୁ ଅବଗତ କରାଇବେ। କେନ୍ଦ୍ର ସରକାରଙ୍କଠାରୁ ପ୍ରାପ୍ତ ପରିବର୍ତ୍ତିତ ଆବଣ୍ଟନ ପତ୍ର ଆଧାରରେ ହିତାଧିକାରୀଙ୍କୁ ଖାଦ୍ୟଶସ୍ୟ ବଣ୍ଟନ କରାଯିବ ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

## ଭୁବନେଶ୍ୱରରରେ ଦୂର ହେବ ଟ୍ରାଫିକ୍ ସମସ୍ୟା

# ଗଙ୍ଗୁଆ ନାଳ ଉପରେ ହେବ ୬ ଲେନ୍ ରାସ୍ତା



**ଭୁବନେଶ୍ୱର :** ଭୁବନେଶ୍ୱରରେ ସଡ଼କ ଭିତ୍ତିଭୂମି ପ୍ରକଳ୍ପକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ, କେନ୍ଦ୍ର ସରକାର ସ୍ମାର୍ଟ ସିଟିରେ ଟ୍ରାଫିକ୍ ଜାମ୍ ସମସ୍ୟାକୁ ହ୍ରାସ କରିବା ପାଇଁ ଗଙ୍ଗୁଆ ନାଳର ପଳାସୁଣିରେ ଥିବା ସେତୁକୁ ଛଅ ଲେନ୍ ବିଶିଷ୍ଟ କରିବା ପାଇଁ ଅନୁମୋଦନ ପ୍ରଦାନ କରିଛନ୍ତି। ଗଙ୍ଗୁଆ ନାଳ ଉପରେ ଏକ ଛଅ ଲେନ୍ ରାସ୍ତା ନିର୍ମାଣ ପ୍ରସ୍ତାବକୁ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଅନୁମୋଦନ କରିଛନ୍ତି। ଭୁବନେଶ୍ୱରର ସାଂସଦ ଅପରାଜିତା ଷଡ଼ଙ୍ଗୀ ବୁଧବାର ଦିଲ୍ଲୀ ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବା ପରେ ଏହି ବିକାଶ ହୋଇଛି। ସୂତ୍ର ଅନୁସାରେ ଗଙ୍ଗୁଆ ନାଳା ଉପରେ ବିଦ୍ୟମାନ ସେତୁର ସମ୍ପ୍ରସାରଣ ଏବଂ ପଳାସୁଣି ଅଞ୍ଚଳରେ ଟ୍ରାଫିକ୍ ଭିଡ଼ ଦୂର କରିବା ପାଇଁ ଅତିରିକ୍ତ ୬ ଲେନ୍ ରାସ୍ତା ନିର୍ମାଣ ଅନ୍ତର୍ଭୁକ୍ତ ଏହି ପ୍ରକଳ୍ପକୁ ୫୦ କୋଟି ଟଙ୍କାର ବଜେଟ୍ ସହିତ ମଞ୍ଜୁର କରାଯାଇଛି, ଏହା ସହିତ ପ୍ରସ୍ତାବର ଏକ ଅଂଶ ଭାବରେ, ବର୍ତ୍ତମାନ ଥିବା ଚାରି ଲେନ୍ ରାସ୍ତାକୁ ଛଅ ଲେନ୍ ରାସ୍ତାରେ ଉନ୍ନୀତ କରାଯିବ। ବର୍ତ୍ତମାନ, ଗଙ୍ଗୁଆ ନାଲା ଉପରେ ରାସ୍ତାଟି ଚାରି ଲେନ୍ ଅଛି, ବାମ ଏବଂ ଡାହାଣ ଉଭୟ ପାର୍ଶ୍ୱରେ ଗୋଟିଏ ସେତୁ ଅଛି। ନୂତନ ଯୋଜନାରେ ଉଭୟ ପାର୍ଶ୍ୱରେ ଦୁଇଟି ଅତିରିକ୍ତ ଲେନ୍ ଯୋଡାଯିବା ସହିତ ୨୪୦ ମିଟର ଲମ୍ବ ଏକ ବିସ୍ତାରିତ ସେତୁ ନିର୍ମାଣ କରାଯିବ। ଏହା ଟ୍ରାଫିକ୍ ପ୍ରବାହକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ ଏବଂ ଅଞ୍ଚଳରେ ଭିଡ଼ ହ୍ରାସ କରିବ। ଏହି ପ୍ରକଳ୍ପକୁ ଅନୁମୋଦନ କରିବା ଏବଂ ଭୁବନେଶ୍ୱରର ବିକାଶକୁ ନିରନ୍ତର ସମର୍ଥନ ପାଇଁ ସାଂସଦ ଅପରାଜିତା ଷଡ଼ଙ୍ଗୀ କେନ୍ଦ୍ର ମନ୍ତ୍ରୀ ଗଡକରୀଙ୍କ ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରିଛନ୍ତି। ଏହି ରାସ୍ତା ଉନ୍ନତିକରଣ ପଦକ୍ଷେପ ପଳାସୁଣୀ ଅଞ୍ଚଳରେ ଟ୍ରାଫିକ୍ ସୁଗମ କରିବ ଏବଂ ସହରର ଭିତ୍ତିଭୂମି ଅଭିବୃଦ୍ଧିରେ ଯୋଗଦାନ କରିବ ବୋଲି ଆଶା କରାଯାଉଛି।

# କମୁଛି ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବେଶର ମାତ୍ରା



**ଭୁବନେଶ୍ୱର :** ଲଗାତାର କମୁଛି ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବେଶର ମାତ୍ରା। ଛତିଶଗଡର ମନମୁଖୀ ପାଇଁ ମରୁଭୂମି ପାଲଟି ଗଲାଣି ଓଡ଼ିଶାର ଜୀବନ ରେଖା ମହାନଦୀ। ହୀରାକୁଦ ଜଳଭଣ୍ଡାରକୁ ମାତ୍ର ୬୮୬ ଘନଫୁଟ ଜଳ ପ୍ରବେଶ କରୁଛି। ବର୍ତ୍ତମାନ ହୀରାକୁଦ ପାଇଁ ୧୦ ହଜାର ଘନଫୁଟ ଜଳ ଆବଶ୍ୟକ ଥିବାବେଳେ ମାତ୍ର ୫୦୦ ରୁ ୬୦୦ ଘନଫୁଟ ପାଣି ଆସୁଛି। ଯାହାକୁ ନେଇ ଚିନ୍ତାରେ ନଈ କୂଳିଆ। ସେପଟେ ବର୍ତ୍ତମାନ ଚାଷ କାମ ପାଇଁ ୪୫୦୦ ଘନଫୁଟ ଓ ବିଦ୍ୟୁତ୍ ଉତ୍ପାଦନ ପାଇଁ ୫୦୦୦ ଘନଫୁଟ ଆବଶ୍ୟକ ରହିଛି। ଏହି ପରିସ୍ଥିତିରେ ଛତିଶଗଡ କାହିଁକି ପାଣି ଛାଡୁନି ବୋଲି ସବୁଠି ଚର୍ଚ୍ଚା ହେଲାଣି। ସବୁଠାରୁ ବଡ଼କଥା ହେଲା ମହାନଦୀ ଟ୍ରିବ୍ୟୁନାଲର ନିର୍ଦ୍ଦେଶ ପରେ ମଧ୍ୟ ପାଣି ଛାଡୁନି ଛତିଶଗଡ଼। କିନ୍ତୁ କାହିଁକି ରାଜ୍ୟ ସରକାର ଚୁପ୍ ବୋଲି ଲୋକେ ପ୍ରଶ୍ନ କଲେଣି।

## ନିର୍ମାଣ ନିୟମ ସହଜ କଲେ ଓଡ଼ିଶା ସରକାର

# ସଶକ୍ତ ହେବ ଏମ୍‌ଏସ୍‌ଏମ୍‌ଇ ଓ ଆଇଟି କ୍ଷେତ୍ର

**ଭୁବନେଶ୍ୱର :** ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ, ଓଡ଼ିଶା ନଗର ଯୋଜନା ଏବଂ ଉନ୍ନତି ଟ୍ରଷ୍ଟ (ଯୋଜନା ଏବଂ କୋଠା ମାନକ) ନିୟମ, ୨୦୨୧(ବିଜ୍ଞପ୍ତି ନମ୍ବର ୪୬୭, ତାରିଖ ୨୧.୦୨.୨୦୨୫) ଏବଂ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ (ଯୋଜନା ଏବଂ କୋଠା ମାନକ) ନିୟମ, ୨୦୨୦(ବିଜ୍ଞପ୍ତି ନମ୍ବର ୪୬୮, ତାରିଖ ୨୧.୦୨.୨୦୨୫)ରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନଗୁଡ଼ିକୁ ଅଧିସୂଚିତ କରିଛି। ଏହି ସଂଶୋଧନଗୁଡ଼ିକ ରାଜ୍ୟର ସ୍ୱତନ୍ତ୍ର ଏବଂ ଫ୍ଲାଟେଡ୍ କାରଖାନା, ବିଶେଷକରି ଏମଏସଏମଇ କ୍ଷେତ୍ର ଏବଂ ଆଇଟି/ଆଇଟିଇଏସ ଉଦ୍ୟୋଗଗୁଡ଼ିକ ପାଇଁ ପ୍ରମୁଖ ଆଶ୍ୱସ୍ତି ଆଣିଛି। ଏହି ସଂଶୋଧନଗୁଡ଼ିକ ଅର୍ଥନୈତିକ ସର୍ଭେର ଆହ୍ୱାନ ଅନୁଯାୟୀ ବ୍ୟବସାୟ କରିବା ସହଜତାକୁ ପ୍ରୋତ୍ସାହିତ କରିବା ଏବଂ ନିୟନ୍ତ୍ରଣ ଖର୍ଚ୍ଚ ହ୍ରାସ କରିବା ପାଇଁ ନିର୍ମାଣ ମାନଦଣ୍ଡ ସଂଶୋଧନ କରିବା ପାଇଁ କୁହାଯାଇଛି, ଯାହା ଦ୍ୱାରା ନିଯୁକ୍ତି ସୃଷ୍ଟି ଏବଂ ଆର୍ଥିକ ଅଭିବୃଦ୍ଧି ବୃଦ୍ଧି ପାଇବ। ଅଧିସୂଚିତ ସଂଶୋଧନଗୁଡ଼ିକ ଓଡ଼ିଶାରେ ଆର୍ଥିକ ସ୍ୱାଧୀନତା ଏବଂ ବ୍ୟବସାୟ କରିବାର ସହଜତା ବୃଦ୍ଧି କରିଛି। ସଂଶୋଧନଗୁଡ଼ିକ ଭୂମି କଭରେଜର ଆବଶ୍ୟକତାକୁ ହଟାଇଥାଏ, ପାର୍କିଂ ଏବଂ ସେଟବ୍ୟାକ୍ ହ୍ରାସ କରିଥାଏ ଏବଂ କାରଖାନା ଏବଂ ଆଇଟି/ଆଇଟିଇ ପାଇଁ ମୂଳ ମହଲା କ୍ଷେତ୍ର ଅନୁପାତ (ଏଫଏଆର) ବୃଦ୍ଧି କରିଥାଏ। ଫଳସ୍ୱରୂପ, ପ୍ଲଟେଡ୍ ଏବଂ ଫ୍ଲାଟେଡ୍ କାରଖାନାଗୁଡ଼ିକ ୭୦ ପ୍ରତିଶତରୁ ଅଧିକ ହାସଲ କରିପାରିବେ। ଫ୍ଲାଟେଡ୍ କାରଖାନାଗୁଡ଼ିକ ପୂର୍ବ ତୁଳନାରେ ଦୁଇଗୁଣ ୟୁନିଟ୍ ସ୍ଥାନ ପାଇପାରିବେ ଏବଂ ଆଇଟି/ଆଇଟିଇଏସ ଉଦ୍ୟୋଗଗୁଡ଼ିକ କମ୍ ସଂଖ୍ୟକ ମହଲାରେ ଅଧିକ ନିର୍ମାଣ କରିପାରିବେ। ପ୍ରଶସ୍ତ ରାସ୍ତା ପାର୍ଶ୍ୱରେ ବୃହତ ପରିମାଣର ବାଣିଜ୍ୟିକ ବିକାଶକୁ ଆକର୍ଷିତ କରିବା ପାଇଁ, ଫ୍ଲୋର ଏରିଆ ଅନୁପାତରେ ରିହାତି ଆକାରରେ ପ୍ରୋତ୍ସାହନ ପ୍ରଦାନ କରାଯାଇଛି। ବିଶେଷକରି, ବୃହତ ପରିମାଣର ବାଣିଜ୍ୟିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ୧୮ ମିଟର କିମ୍ବା ତା'ଠାରୁ ଅଧିକ ପ୍ରସ୍ଥ ବିଶିଷ୍ଟ ରାସ୍ତାରେ ବାଣିଜ୍ୟିକ ବିକାଶ ପାଇଁ ମୂଳ ଏଫଏଆର ବୃଦ୍ଧି କରାଯାଇଛି। ସମସ୍ତ ଶିଳ୍ପ କୋଠା ପାଇଁ, ଭୂମି କଭରେଜ ଉପରେ ପ୍ରତିବନ୍ଧକ ଏବଂ କ୍ରୟଯୋଗ୍ୟ ଏଫଏଆର କିମ୍ବା ଟିଡିଆର ପାଇଁ ଆବଶ୍ୟକତାକୁ ସମ୍ପୂର୍ଣ୍ଣ ଭାବରେ ହଟାଇ ଦିଆଯାଇଛି। ଅଧିକ ଶିଳ୍ପ ଅଞ୍ଚଳ ନିର୍ମାଣ କରିବା ପାଇଁ ଶିଳ୍ପ କୋଠା ପାଇଁ ପାର୍କିଂ ଆବଶ୍ୟକତାକୁ ୩୦ ପ୍ରତିଶତରୁ ୮ ପ୍ରତିଶତକୁ ହ୍ରାସ କରାଯାଇଛି। ଆର୍ଥିକ ସର୍ଭେ ୨୦୨୪-୨୫ ସୁପାରିଶ କରିଛି ଯେ, ବ୍ୟକ୍ତି ଏବଂ କ୍ଷୁଦ୍ର ବ୍ୟବସାୟ ପାଇଁ ଆର୍ଥିକ ସ୍ୱାଧୀନତା ବୃଦ୍ଧି କରିବା ହେଉଛି ଭାରତର ମଧ୍ୟମକାଳୀନ ଅଭିବୃଦ୍ଧି ସମ୍ଭାବନାକୁ ପରିଭାଷିତ ଏବଂ ସଶକ୍ତ କରିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନୀତିଗତ ପ୍ରାଥମିକତା। ଏହି ପରିପ୍ରେକ୍ଷୀରେ ମୁଖ୍ୟ ସଚିବ ମନୋଜ ଆହୁଜା କହିଛନ୍ତି ଯେ, ନିୟନ୍ତ୍ରଣମୁକ୍ତି ଏକ ଧାରଣା ଯାହାର ସମୟ ଆସିଛି। ଏହି ନିୟାମକ ସଂସ୍କାରଗୁଡ଼ିକ ବ୍ୟବସାୟ କରିବାର ସହଜତାକୁ ପ୍ରୋତ୍ସାହିତ କରିବ, ନବସୃଜନକୁ ପ୍ରୋତ୍ସାହିତ କରିବ, ନୂତନ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିବାରେ ସାହାଯ୍ୟ କରିବ ଏବଂ ଓଡ଼ିଶା ପାଇଁ ପ୍ରତିଯୋଗିତାମୂଳକ ଲାଭର ଏକ ଉତ୍ସ ହେବ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟ ନିୟାମକ ଏବଂ ନିୟାମକଙ୍କ ମଧ୍ୟରେ ସମ୍ପର୍କରେ ଏକ ମୌଳିକ ପରିବର୍ତ୍ତନ ଆଣିବା ଉପରେ ଧ୍ୟାନ ଦେଉଛି, ରାଜ୍ୟ ନିୟାମକଙ୍କ ଭୂମିକାରୁ ଏକ ସୁବିଧାଦାତା ହେବା ସହିତ। ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ କହିଛନ୍ତି ଯେ, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ସ୍ଥାନୀୟ ପରିପ୍ରେକ୍ଷୀରେ ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବା ଏବଂ ବିଶ୍ୱାସ ସୃଷ୍ଟି କରିବା ଏବଂ ପ୍ରତିରୋଧକୁ ଦୂର କରିବା ପାଇଁ ଅଂଶଗ୍ରହଣକାରୀ ନିଷ୍ପତ୍ତି ଗ୍ରହଣରେ ଅଂଶୀଦାରମାନଙ୍କୁ ନିୟୋଜିତ କରିବାର ଆବଶ୍ୟକତାକୁ ସ୍ୱୀକାର କରେ। କୋଠା ନିୟମାବଳୀରେ ଏହି ସଂଶୋଧନଗୁଡ଼ିକ ପ୍ରଶାସନିକ ବାଧାଗୁଡ଼ିକୁ ଯଥେଷ୍ଟ ହ୍ରାସ କରିବ ଯାହା ଫଳରେ ବ୍ୟବସାୟ କରିବାର ସହଜତାରେ ଉନ୍ନତି ଆସିବ ଏବଂ ଆର୍ଥିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରାଯିବ। ଏହି ସଂସ୍କାରର ପ୍ରମୁଖ ଲାଭାର୍ଥୀ ହେଉଛନ୍ତି ଏମଏସଏମଇ। କୋଠା ମାନଦଣ୍ଡ ପାଇଁ ହରାଇଥିବା ଜମି ଏମଏସଏମଇ ପାଇଁ ୬୦ ପ୍ରତିଶତ ହ୍ରାସ ପାଇଛି, ଯାହା ନିଯୁକ୍ତି ସୃଷ୍ଟି ଏବଂ ଅଭିବୃଦ୍ଧି ବୃଦ୍ଧି ପାଇଁ ଅଧିକ ସୁଯୋଗ ସୃଷ୍ଟି କରିଛି। ଏହି ସଂସ୍କାର ସହିତ, ଓଡ଼ିଶା ଶିଳ୍ପ ଜମି ଅପ୍ଟିମାଇଜେସନ୍ରେ ଏକ ନେତା ଭାବରେ ଉଭା ହୋଇଛି, ଉଦ୍ୟୋଗୀ, ଷ୍ଟାର୍ଟଅପ୍ ଏବଂ ବିଶ୍ୱ ନିବେଶକଙ୍କ ପାଇଁ ଦୃଢ଼ ଅଭିବୃଦ୍ଧି ସୁଯୋଗ ସୁନିଶ୍ଚିତ କରିବା ସହିତ ଅନୁପାଳନ ବୋଝ ହ୍ରାସ କରିଛି। ଏହି ସଂସ୍କାରଗୁଡ଼ିକ ଶିଳ୍ପ ପ୍ଲଟର ବ୍ୟବହାରକୁ ବୃଦ୍ଧି କରି କାରଖାନା ସ୍ଥାପନର ସହଜତାରେ ଓଡ଼ିଶାକୁ ଏକ ସୀମାନ୍ତ ରାଜ୍ୟ କରିଥାଏ। 'ବିକଶିତ ଓଡ଼ିଶା' ପାଇଁ ଉଦ୍ୟୋଗୀମାନଙ୍କ କାର୍ଯ୍ୟକୁ ସହଜ କରିବା ଏବଂ ଅଧିକ ନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ଏପରି ଆହୁରି ନିର୍ମାଣ ସଂସ୍କାର ଆରମ୍ଭ କରିବାକୁ ପ୍ରତିଶ୍ରୁତିବଦ୍ଧ।





କାହା କଥାରେ ଯଦି କୌଣସି ଭୁଲ୍ କିମ୍ବା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।

EKAMATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୭ - ୨୩ ମାର୍ଚ୍ଚ, ୨୦୨୫

# ଫେରେଇ ନେବାର ଅଧିକାର

ସମ୍ବାଦକୀର୍ତ୍ତି
ତାରକ ମହାନ୍ତି



କିଟ ପ୍ରସଙ୍ଗରୁ ନଜର ହଟାଇବା କି ଅନ୍ୟ କୌଣସି କାରଣରୁ ହେଉ ଜୟନାରାୟଣ ମିଶ୍ରଙ୍କ ବୟନ ଉପରେ ଯେପରି ବିତର୍କ ଆରମ୍ଭ ହୋଇଛି ତାହା କେତେ ଗ୍ରହଣୀୟ ରାଜ୍ୟବାସୀ ବୁଝିସାରିଛନ୍ତି। ରାଜନୀତିରେ ବୟାନବାଜି କିଛି ନୂଆ କଥା ନୁହେଁ। ହେଲେ ବିଧାନସଭା ଭିତରେ ଯାହା ଘଟିଲା ତାହାକୁ କେହି ସହଜରେ ଗ୍ରହଣ କରୁନଥିଲା ବେଳେ ବିରୋଧୀ କିନ୍ତୁ ବିରୋଧ ବାହାନାରେ ସରକାରଙ୍କୁ ଅକଳିଆ ଅବସ୍ଥାରେ ପକାଉଛନ୍ତି। ସରକାର ମଧ୍ୟ ଜାଣିବା କଥା ନବୀନଙ୍କ ଦୀର୍ଘ ବର୍ଷ ଶାସନରେ ବିଜୁ ଜନତା ଦଳର ଚେର କେତେ ଗଭୀରତାକୁ ଯାଇଥିବ। ତେଣୁ ପୁରୁଣା ଚେରର ମୂଳ କେଉଁଠି ନଖୋଜି ଯେବେ ନିଜ ଇଚ୍ଛାରେ କିଛି କରିବେ ତେବେ ଅଡୁଆ ନିଶ୍ଚୟ ସୃଷ୍ଟି ହେବ। ବିଜେଡିର ପ୍ରସଙ୍ଗ ନଥିବା ସମୟରେ ଜୟନାରାୟଣଙ୍କ ବୟାନ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ଏହି କଥାଟି ଖୋଦ ଶାସକ ଦଳର ଜଣେ ବରିଷ୍ଠ ନେତା କିପରି ଉଠାଇଲେ ତାହା ସନ୍ଦେହ ସୃଷ୍ଟି କରୁଛି। କାରଣ ଏହା ଜୟନାରାୟଣଙ୍କ ମନର କଥା ନା ଏହା ପଛରେ ଆଉ କେହି ଅଛନ୍ତି। କଥା ଏତିକିରେ ସରୁନାହିଁ, ରାଜା ଚକ୍ର ଗିରଫଦାରୀ ଓ ନବୀନ ଦିଲ୍ଲୀ ଯିବା ପଛର କାରଣ କଣ ଯଦି ଚିନ୍ତା କରାଯାଏ ତେବେ ପ୍ରସଙ୍ଗ ହେଉଛି ରାଜା ଚକ୍ର ସହ ବିଜେଡିର ସମ୍ପର୍କ କଣ ? କେଉଁଥିପାଇଁ ପାଣ୍ଡିଆନ ଓ ନବୀନ ବିବ୍ରତ. ନବୀନଙ୍କ ଦିଲ୍ଲୀ ଯିବା ପଛରେ ନାହାନ୍ତି ତ ପାଣ୍ଡିଆନ ? ଅନ୍ଧ ଧୃଷ୍ଟରାଷ୍ଟ୍ର ଭଳି ନବୀନ ସବୁ ଜାଣି ଚୁପ ରହିବା ଏହାର ମୂଳ କାରଣ। ସମସ୍ତେ ଜାଣନ୍ତି ଯେ, ନବୀନ କିଛି ଜାଣନ୍ତିନି କି ବୁଝନ୍ତିନି। ଏହା ଏକ ବିରାଟ ଭ୍ରମ, କ୍ଷମତାରେ ରହିବା ପାଇଁ ବ୍ୟାକୁଳ ନବୀନ ସର୍ବଦା ପର କାନ୍ଧରେ ବନ୍ଧୁକ ଫୁଟାଇ ନିଜକୁ ସୁରକ୍ଷିତ ରଖିବାରେ ସେଭଳି ଧୁରୀଣ ବ୍ୟକ୍ତି ବିରଳ। ସବୁ ଜାଣି ସବୁ ବୁଝି ପ୍ୟାରୀଙ୍କ ପରେ ପାଣ୍ଡିଆନଙ୍କ କାନ୍ଧରେ ବନ୍ଧୁକ ରଖି ଚୌକି ମୋହରେ ବନ୍ଦୀ ନବୀନ ଦଳୀୟ ନେତାଙ୍କ ପାପ କେତେ ଏହାର ସମୀକ୍ଷା କରି କେବେ ସମାଧାନ ଖୋଜନ୍ତିନି। ତେଣୁ ବିଜେଡିର ଅନେକ ନେତା ଖଣି ପାଣି ଭଳି ଅନେକ ଦୁର୍ନୀତିରେ ଲିପ୍ତ ଜାଣି ସୁଦ୍ଧା ସେ କାହାକୁ ବିରୋଧ କରିନାହାନ୍ତି। ବରଂ ଅନ୍ୟାୟକୁ ପ୍ରଶୟ ଦେଇ ନିଜ ଚୌକିର ସୁରକ୍ଷା କରିପାରିଥିଲେ। ଆଜି ବିରୋଧୀ ଦଳ ଆସନରେ ବସିବା ପରେ ତାଙ୍କର ମାନସିକତା ସେଇ ପୁରୁଣା ଦିନରେ ଅଟକି ଯାଇଥିବା ଭଳି ମନେହୁଏ। ଯାହାଙ୍କ ପାଇଁ ୨୦୨୪ ନିର୍ବାଚନରେ ବିଜେଡି ପରାଜୟ ବରଣ କଲା ତାହା ନବୀନଙ୍କ ପାଇଁ ଯେତିକି ଗୁରୁତ୍ୱ ବହନ କରେନି ଭିକେ ପାଣ୍ଡିଆନଙ୍କ ସୁରକ୍ଷା ତାଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଯେଉଁଥିପାଇଁ ସେ ଗତ ଗୁରୁବାର ଦିଲ୍ଲୀ ଗସ୍ତ କରିଛନ୍ତି। ରାଜା ଚକ୍ର ଗିରଫଦାରୀ ପରେ କାଳେ ତାଙ୍କ ପ୍ରିୟ ଲୋକଙ୍କ ନାମ ଏହି ତାଲିକାରେ ଆସିବ ତାହା ପୂର୍ବରୁ ସେ ଏହାକୁ ରଫା ଦଫା କରିବାକୁ ଦିଲ୍ଲୀ ଯାଇଥିବା ନେଇ ଚର୍ଚ୍ଚା ଜୋର ଧରୁଛି। ରାଜା ଚକ୍ର କଳା ସାମ୍ରାଜ୍ୟ ପଛରେ ସେଇ ବିଜେଡିର ଦ୍ୱିତୀୟ କ୍ଷମତା କେନ୍ଦ୍ର ବୋଲି ଖବର ସାମ୍ନାକୁ ଆସିବା ପରେ ନବୀନ ଏହି ନିଆଁରେ ପାଣି ଢାଳିବାକୁ ଦିଲ୍ଲୀ ଗମନ କରିଥିବା ଏବେ ଚର୍ଚ୍ଚାର ପରିଧିରେ ରହିଛି। କାରଣ ବିଧାନସଭା ଚାଲିଥିଲା ବେଳେ ଏଭଳି କଣ କାର୍ଯ୍ୟ ପଡିଲା ବିରୋଧୀ ଦଳ ନେତା ଦିଲ୍ଲୀ ଯିବାକୁ ବାଧ ହେଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି। କେହି କେହି କହୁଛନ୍ତି ରାଜା ଚକ୍ର ଲିଙ୍କରେ ବିଜେଡିର କିଛି ଟାଣୁଆ ନେତା ଥିବାରୁ କାଳେ ଆଗକୁ ସେମାନଙ୍କ ନାଁ ଉଠିବ ତା ପୂର୍ବରୁ ଦିଲ୍ଲୀ ଯାଇ ରଫା ଦଫା କରିଦେଲେ ଭଲ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଏହା ବି ମଧ୍ୟ ଆଲୋଚନା ରାଜା ଚକ୍ର ଘଟଣାରେ ଜଡିତ ବିଜେଡି ନେତାଙ୍କୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାରଙ୍କ ଟାଣୁଆ ନେତାଙ୍କ ସହ ଆଲୋଚନା କରିପାରନ୍ତି ନବୀନ। କିଟରେ ଘଟିଥିବା ଘଟଣାରେ ଜାତୀୟ ମାନବାଧିକାର କମିଶନଙ୍କ ତଦନ୍ତ ପର କାର୍ଯ୍ୟାନୁଷ୍ଠାନ ବିଷୟରେ ହୁଏତ ନବୀନ ବୁଝିପାରନ୍ତି। କାରଣ ଅଚ୍ୟୁତ ବାବୁ ବିଜେଡିରୁ ସାଂସଦ ହୋଇଥିଲେ ଏବଂ ବିଜେଡି ଶାସନ ସମୟରେ ଯଥେଷ୍ଟ ଅନୁକମ୍ପା ପାଇଥିଲେ। କିନ୍ତୁ ରାଜ୍ୟରେ ଶାସନ କ୍ଷମତା ପରିବର୍ତ୍ତନ ପରେ ଯେଉଁ ଘଟଣା ସବୁ ଘଟିଗଲା ଏବଂ କିଟ ବିରୋଧରେ ମାଳ ମାଳ ଅଭିଯୋଗ ବିଭିନ୍ନ ଗଣମାଧ୍ୟମରେ ଚାଲିଲା ତାକୁ ଦେଖି ମନେ ହେଲା କିଛି ଗୋଟେ ନୂଆ ହେବ। କିନ୍ତୁ ରାଜ୍ୟ ସରକାର ସେଭଳି କିଛି କାର୍ଯ୍ୟାନୁଷ୍ଠାନ ନେଉଥିବା ସାମ୍ନାକୁ ଆସିନାହିଁ। ବର୍ତ୍ତମାନର ସରକାର ଯେଭଳି ଚାଲିଛି ସେଥିରେ ରାଜ୍ୟ ବିକାଶ ଅପେକ୍ଷା ନେତାଙ୍କ ବିକାଶ ଅଧିକ ବୋଲି ଜଣାପଡୁଛି। କାରଣ କିଟ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନୀତିକୁ ଦେଖିଲେ ସେଥିରୁ ଆଦୌ ଜଣାପଡୁନି ଯେ ଏ ସରକାର ପୂର୍ବ ସରକାରଙ୍କ ଦୁର୍ନୀତିର ଚେର ଖୋଜୁଛି। ବରଂ ଚେର ସୁରକ୍ଷିତ ରଖି ନିଜ ସରକାର କିଭଳି ବଞ୍ଚିବ ଓ ସେଥିରେ ବିଜେଡିର ଯୋଗଦାନ କିଭଳି ହେବ ସେଇ ଚିନ୍ତାରେ ଏ ସରକାର ବୋଲି ସ୍ପଷ୍ଟ ପ୍ରତୀତ ହେଉଛି। କିଛି ଲୋକ ଅଭିଯୋଗ କଲେଣି ଯେ ବିଜେଡି ସହଯୋଗରେ ବିଜେପି କରିଛି ସରକାର। ଲକ୍ଷ୍ୟ ଗୋଟିଏ, କେନ୍ଦୁଝରର ଖଣି ସେମାନେ ଲୁଟିଲେ ଓ ଏମାନେ ଲୁଟିବେ। ଅନ୍ୟ ସବୁ ଏକ ନାଟକ ଭଳି ପରିବେଷଣ କରାଯାଉଛି। ମୁଖିଆ ଯଦି ଅଯୋଗ୍ୟ ଯୋଗ୍ୟ ଲୋକ ଲୁଟିବା ସହଜ ହୋଇଯିବ। ଲାଗୁଛି ଏବେ ଓଡ଼ିଶାରେ ସେଇଆ ଚାଲିଛି। ତେଣୁ ଶାସନ କଳ ସହିତ ନିଜ ଦଳର ନେତାଙ୍କୁ ନିୟନ୍ତ୍ରଣରେ ରଖିବା ଯେକୌଣସି ଶାସକଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପୂର୍ବ ସରକାର ଭଳି ଅମଲାତନ୍ତ୍ର ହାତରେ ଦାୟିତ୍ୱ ଦେଇ ନିରବରେ ବଂଶୀ ବାଦନ କଲେ ଶାସନ ଚାଲିବ ହେଲେ ରାଜ୍ୟ ଖୋଳ। ତେଣୁ ରାଜ୍ୟକୁ ସମୃଦ୍ଧ ଏବଂ ରାଜ୍ୟବାସୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରାନଗଲେ ଆଜି ନହେଲେ ଆସନ୍ତାକାଲି ଯେ ଗୃହଯୁଦ୍ଧ ନହେବ କିଏ କହିବ। ନବୀନଙ୍କ ଶାସନ ସିନା ଯାଇଛି ହେଲେ ଦଳର ନେତା ବିଧାୟକ ଏବେ ସେହି ପୁରୁଣା ଦମରେ ଅଛନ୍ତି। ଫଳରେ ସରକାରକୁ ସରକାର ଚଳାଇବା ଏତେ ସହଜ ହେଉନାହିଁ। ଯାହାକି ପ୍ରଗତିର ପଥ ରୋକ ଭଳି ସମସ୍ୟା ଉପୁଜାଉଛି। ଯେଉଁ ପ୍ରସଙ୍ଗକୁ ନିର୍ବାଚନ ଅସ୍ତ୍ର କରି ଭାଜପା ଶାସନ କ୍ଷମତାକୁ ଆସିଛି ସେହି ସବୁ ସମସ୍ୟାର ସମାଧାନ ନହେଲେ ଲୋକେ କହିବେ କଣ ? ଜନତାଙ୍କ ସହିତ ବିଶ୍ୱାସଘାତ କଲେ ବିଳମ୍ବରେ ହେଉ ପଛେ ପରିଣାମ ଭୋଗିବାକୁ ହୁଏ। ଏହି କଥା ବୁଝିପାରିଲାନି ବିଜେଡି। ନିଜ ଅହଂକାର ବଳରେ ବିଜେଡି ଭାବିନେଇଥିଲା ଯେ, ଓଡ଼ିଆ ଲୋକ ବିଜୁ ବାବୁଙ୍କୁ ଶ୍ରଦ୍ଧା କରନ୍ତି ଓ ସମ୍ମାନ ଦେଇ ବିଜେଡିକୁ ଭୋଟ ଦେଇଦେଉଛନ୍ତି। ଏ ପର୍ଯ୍ୟନ୍ତ କଥା ଠିକ ଥିଲା, ବିଜୁଙ୍କ ସହ ଓଡ଼ିଆ ଥିଲେ। ଯେଉଁଦିନ ଠାରୁ ନବୀନ ବାବୁ ବିଜୁଙ୍କ ଆସନ ଜଣେ ଅଣ ଓଡ଼ିଆଙ୍କ ହାତରେ ଚତୁରତାର ସହ ଦେବାକୁ ଚାହିଁଲେ ସେଦିନ ଓଡ଼ିଆ ବୁଝିଗଲେ ଯେ, ଆଉ ନୁହେଁ। ତେଣୁ ବିଜେପି ଓଡ଼ିଆ ଅସ୍ମିତାକୁ ଆୟୁଧ କରି ନିର୍ବାଚନ ଲଢ଼ିଲା, ଜିତିଲା ଓ ଶାସନ କ୍ଷମତା ଅକ୍ତିଆର କଲା। ଏଥିରୁ ଭାବନ୍ତୁ ଭୋଟର ବୋକା ହୋଇପାରନ୍ତି କିନ୍ତୁ ସବୁଦିନ ପାଇଁ ନୁହେଁ। ବିଜେଡି ଶାସନ ଭାବି ନେଇଥିଲା ଯେ, ମାଗଣା ଯୋଜନାରେ ଅନ୍ଧ ଓଡ଼ିଆଙ୍କ ଉପରେ ଯାହା ବି ଲଦିଦେବ ସେମାନେ ସାରା ଜୀବନ ବୋଝ ବୋହିବେ ! ପରିବର୍ତ୍ତନ ସଂସାରର ନିୟମ ଏହାକୁ ଅତିକ୍ରମ କରିବା ଆଦୌ ସମ୍ଭବ ନୁହେଁ। ପ୍ରତ୍ୟେକ ପାପର ପ୍ରାୟଶ୍ଚିତ ଭଳି କ୍ଷମତା ଲିପସୁ ମାନେ ବୁଝିବା ଦରକାର ଯିଏ କ୍ଷମତା ଦିଏ ଫେରେଇ ନେବାର ଅଧିକାର ତାଙ୍କରି ହାତରେ ରହିଛି।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

**ଚାରି ଦଶନ୍ଧି ଧରି ପ୍ରତାରଣାର ଶୀକାର**

# ଓଡ଼ିଶାର ସାମ୍ବାଦିକମାନଙ୍କୁ ପେନସନ୍ ଓ ସୁରକ୍ଷା ପ୍ରତିଶ୍ରୁତି ପାଣିରେ ଗାର



ରବି ରଥ

ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ଦୀର୍ଘବର୍ଷ ଧରି ରାଜ୍ୟର ସାମ୍ବାଦିକମାନେ ଅବହେଳିତ, ଉପେକ୍ଷିତ ଓ ନିର୍ଯ୍ୟାତିତ ହୋଇ ଆସୁଛନ୍ତି। ବିଭିନ୍ନ ସମୟରେ ସାମ୍ବାଦିକମାନଙ୍କ ପକ୍ଷରୁ ବିଭିନ୍ନ ସାମ୍ବାଦିକ ସଂଘ ଦ୍ୱାରା ସମସ୍ୟାର ସମାଧାନ ଲାଗି ବିଭିନ୍ନ ମଞ୍ଚରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଇଥିବା ଏବଂ ବିଭିନ୍ନ ଦାବି ଉପସ୍ଥାପିତ କରାଯାଉଥିଲେ ମଧ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ବର୍ଷ ବର୍ଷ ଧରି ବହୁ ବର୍ଷ ବିତିଯାଇଥିଲେ ସୁଦ୍ଧା କୌଣସି ପ୍ରତିକାର କରାଯାଉନାହିଁ। ଯଦିବା ମୁଖ୍ୟମନ୍ତ୍ରୀମାନଙ୍କ ଠାରୁ ଆରମ୍ଭ କରି ମନ୍ତ୍ରୀମାନେ ବିଭିନ୍ନ ସମୟରେ ସାମ୍ବାଦିକମାନଙ୍କ ସମସ୍ୟାକୁ ନେଇ ଗଭୀର ଉଦବେଗମାନ ପ୍ରକାଶ କରୁଥିବା ଓ ବାରମ୍ବାର ନିର୍ଭର ପ୍ରତିଶ୍ରୁତି ଦେଇ ଆସୁଥିଲେ ମଧ୍ୟ ପ୍ରତିଶ୍ରୁତି ସବୁ ପାଣିର ଗାର ସଦ୍ୟଶ ହୋଇଯାଉଥିବା ଯୋଗୁଁ ରାଜ୍ୟର ସାମ୍ବାଦିକମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ, ନିରାଶ ଓ ହତାଶ ମନୋଭାବ ପ୍ରକାଶ ପାଇବାରେ ଲାଗିଛି। ଏପରିକି ଗତ ବିଧାନସଭା ଅଧିବେଶନ ବେଳେ ଅର୍ଥାତ୍ ୫.୪.୨୦୧୨ ଓ ୬.୪.୨୦୧୩ ତାରିଖ ଦୁଇଦିନ ଧରି ବିଧାନସଭା ଗୃହରେ ଓଡ଼ିଶାର ସାମ୍ବାଦିକମାନଙ୍କ ବହୁବିଧ ସମସ୍ୟାକୁ ନେଇ ବିସ୍ତୃତ ଆଲୋଚନା ହୋଇଥିବା ଓ ସମସ୍ତ ରାଜନୈତିକ ଦଳର ମାନ୍ୟବର ବିଧାୟକମାନେ ଗଭୀର ଉଦବେଗ ପ୍ରକାଶ କରି ରାଜ୍ୟ ସରକାର ସାମ୍ବାଦିକମାନଙ୍କ ସମସ୍ୟା ଯଥାଶୀଘ୍ର ପୂରଣ କରିବା ପାଇଁ ଦୃଢ଼ ଦାବି କରିବା ପରେ ବାସ୍ତବ ଅବସ୍ଥା ହୃଦୟଙ୍ଗମ କରି ସାମ୍ବାଦିକମାନଙ୍କ ପାଇଁ ପେନସନର ବ୍ୟବସ୍ଥା, କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସରକାରୀ ବାସଗୃହ ଯୋଗାଣ, ସାମ୍ବାଦିକ କଲ୍ୟାଣ ପାଣ୍ଠିର ସରଳୀକରଣ, ସାମ୍ବାଦିକମାନଙ୍କୁ ସୁରକ୍ଷା ପ୍ରଦାନ ସମେତ ଅନ୍ୟାନ୍ୟ ସମସ୍ୟା ଗୁଡ଼ିକ ତୁରନ୍ତ ଦୂର କରିବା ଲାଗି ବିଧାନସଭା ଗୃହରେ ମାନ୍ୟବର ବାଚସ୍ପତି ପ୍ରଦୀପ କୁମାର ଅମାତ ସରକାର ପଦକ୍ଷେପ ନେବା ପାଇଁ ଏକ ରୁଲିଂ ଦ୍ୱାରା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିଧାନସଭା ଗୃହରେ ମାନ୍ୟବର ବାଚସ୍ପତି ଯେଉଁ ରୁଲିଂ ଦେଉଛନ୍ତି ତାକୁ ସରକାର ଠିକ୍ ଭାବେ ପାଳନ କରୁନାହାନ୍ତି ବୋଲି ମାନ୍ୟବର ବିଧାୟକମାନେ ମତବ୍ୟକ୍ତ କରି, ଏ ଦିଗରେ ମାନ୍ୟବର ବାଚସ୍ପତି ତୁରନ୍ତ ଧ୍ୟାନ ଦେବା ପାଇଁ ସବୁ ରାଜନୈତିକ ଦଳର ମାନ୍ୟବର ବିଧାୟକମାନେ ଦାବି କରିଥିଲେ। କିନ୍ତୁ ବାଚସ୍ପତିଙ୍କ ରୁଲିଂ ଦେଇଥିଲେ ମଧ୍ୟ ସାମ୍ବାଦିକମାନଙ୍କ ସମସ୍ୟା ଦୂର କରିବା ଦିଗରେ ସରକାର କାଣିଚାଏ ମଧ୍ୟ ପଦକ୍ଷେପ ନେଇନଥିବା ଯୋଗୁଁ ବିଧାନସଭାର ଆଲୋଚନା ବେଳେ ବାଚସ୍ପତିଙ୍କ ରୁଲିଂକୁ ନେଇ ବାଚସ୍ପତିଙ୍କ ରୁଲିଂ ଫୁସୁକେଇ ନଯାଉ ବୋଲି ଯେଉଁ ଆଶଙ୍କା ପ୍ରକଟ କରିଥିଲେ ଏବେ ସେହି ଆଶଙ୍କା ସତ୍ୟରେ ପରିଣତ ହୋଇଛି ବୋଲି ରାଜ୍ୟର ସାମ୍ବାଦିକମାନଙ୍କ ମଧ୍ୟରେ ମତ ପ୍ରକାଶ ପାଇବାରେ ଲାଗିଛି। ବିଭିନ୍ନ ସମୟରେ ବିଧାନସଭାରେ ଆଲୋଚନା ହୋଇଛି। ସଦସ୍ୟମାନଙ୍କ ଉଦବେଗ ଥିଲା ବାଚସ୍ପତି ଯେଉଁ ରୁଲିଂ ଦେଉଛନ୍ତି ତାକୁ ସରକାର ଠିକ୍ ଭାବେ ପାଳନ କରୁନାହାନ୍ତି। ତେଣୁ ଜଟିଳ ପରିସ୍ଥିତି ସୃଷ୍ଟି ହେଉଛି ଏବଂ ଗୃହର ମର୍ଯ୍ୟାଦା ହାନୀ ହେଉଛି। ବାଚସ୍ପତି ଗତକାଲି ଦେଇଥିବା ନିର୍ଦ୍ଦେଶ ଯେପରି ଠିକ୍ ଭାବେ କାର୍ଯ୍ୟକାରୀ ହେବ ସେଥିପାଇଁ ଉଭୟ ଶାସକ ଓ ବିରୋଧୀ ସାହାଯ୍ୟ ଦାବି କରିଥିଲେ।

ବିଜେଡ଼ି ବିଧାୟକ ପ୍ରଦୀପ ମହାରଥୀ ସାମ୍ବାଦିକମାନଙ୍କ ପ୍ରସଙ୍ଗ ଉଠାଇ କହିଥିଲେ ଯେ, କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯାଉ, ଚଳିତ ଆର୍ଥିକ ବର୍ଷରୁ ପେନସନ୍ ପ୍ରଦାନ, କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ଓ କଲ୍ୟାଣ ପାଣ୍ଠି ନିୟମ ସରଳୀକରଣ ପାଇଁ ଦାବି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସମସ୍ତଙ୍କ ଦାବୀ ପୂରଣ କରୁଛନ୍ତି। ସାମ୍ବାଦିକମାନଙ୍କୁ ଅବହେଳା କରିବା ଆଦୌ ଉଚିତ ନୁହେଁ। ସେ କହିଥିଲେ ଯେ, ସାମ୍ବାଦିକମାନେ ନ୍ୟାଯ୍ୟ ଦାବି ଉପସ୍ଥାପନ କରୁଛନ୍ତି। ମାନ୍ୟବର ବାଚସ୍ପତି ମଧ୍ୟ ସରକାରଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାଚସ୍ପତିଙ୍କ ଏହି ନିର୍ଦ୍ଦେଶ ଫୁସକି ନଯାଉ। ଏହାକୁ ସରକାର କାର୍ଯ୍ୟକାରୀ କରାନ୍ତୁ। ଅପରାହ୍ନ ଅଧିବେଶନରେ ବିରୋଧୀ ଦଳ ନେତା ଭୁପିନ୍ଦର ସିଂହ ପୁନର୍ବାର ଏହି ପ୍ରସଙ୍ଗ ଉଠାଇ ସରକାର ସାମ୍ବାଦିକମାନଙ୍କ ଦାବି ଉପରେ କଣ ପଦକ୍ଷେପ ନେଉଚନ୍ତି ତାହା ଜାଣିବାକୁ ଚାହିଁଥିଲେ। ସେ କହିଥିଲେ ଯେ, ବିଧାନସଭା ଅଧିବେଶନ ଆଜି ଶେଷ ହେଉଛି। ସରକାର ସାମ୍ବାଦିକମାନଙ୍କ ସମସ୍ୟା ପ୍ରତି କେତେ ସମ୍ବେଦନଶୀଳ ତାହା ପ୍ରକାଶ କରନ୍ତୁ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରସାଦ ହରିଚନ୍ଦନ କହିଥିଲେ ଯେ, ଉଭୟ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମର ପ୍ରତିନିଧିମାନେ ଗତ ୧୩ ବର୍ଷ ହେଲା ସରକାରୀ ସୁବିଧା ସୁଯୋଗରୁ ବଂଚିତ ହେଉଛନ୍ତି। ସେମାନଙ୍କୁ ସରକାରୀ ବାସଗୃହ ଯୋଗାଇଦେବା କ୍ଷେତ୍ରରେ ସରକାର ନୂଆ ନୀତି କରାଯିବା ଆଳ କରି ସରକାର ସବୁ ପ୍ରକ୍ରିୟା ବନ୍ଦ ରଖିଛନ୍ତି। କେତେଦିନ ଏମିତି ସରକାର ସାମ୍ବାଦିକମାନଙ୍କୁ ବାସଗୃହ ସୁବିଧାରୁ ବଂଚିତ କରିବେ ? ଶ୍ରୀ ହରିଚନ୍ଦନ କହିଥିଲେ ଯେ, ପ୍ରଚଳିତ ନୀତି ଅନୁସାରେ ସରକାର ସାମ୍ବାଦିକମାନଙ୍କୁ ବାସଗୃହ ତୁରନ୍ତ ଯୋଗାଇ ଦିଅନ୍ତୁ ଓ ପେନସନ୍ ପ୍ରଦାନ ସହିତ ସାମ୍ବାଦିକ କଲ୍ୟାଣ ପାଣ୍ଠିର ନିୟମ ସଂଶୋଧନ କରନ୍ତୁ

ଅବସରପ୍ରାପ୍ତ ତଥା ବୟୋବୃଦ୍ଧ ସାମ୍ବାଦିକମାନଙ୍କୁ ତୁରନ୍ତ ପେନସନ୍ ଦେବା ବ୍ୟବସ୍ଥା କରିବା, ସାମ୍ବାଦିକମାନଙ୍କ ବୃତ୍ତିଗତ ଓ ସାମାଜିକ ସୁରକ୍ଷା ନେଇ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା, ସାମ୍ବାଦିକ ଚିହ୍ନଟ ପ୍ରକ୍ରିୟା ତୁରନ୍ତ ଶେଷ କରିବା, ସାମ୍ବାଦିକମାନଙ୍କୁ ବୀମାଭୁକ୍ତ କରିବା, ବ୍ଲକରୁ ରାଜ୍ୟସ୍ତରୀୟ ପର୍ଯ୍ୟନ୍ତ ସାମ୍ବାଦିକମାନଙ୍କୁ ଆବାସିକ ସୁବିଧା ଦେବା, ରାଜ୍ୟରେ ଏକ ପ୍ରେସ୍ ? ଏକାଡ଼େମୀ ଗଠନ କରିବା, ସାମ୍ବାଦିକ କଲ୍ୟାଣ ପାଣ୍ଠିକୁ ସରଳୀକରଣ କରିବା ପ୍ରଭୃତି ବିଭିନ୍ନ ଦାବି ନେଇ ବହୁ ବର୍ଷ ହେଲା ସରକାରଙ୍କ ଠାରେ ଦାବି ହୋଇଆସୁଛି।

ସାମ୍ବାଦିକ ପେନସନକୁ ନେଇ ୪୦ ବର୍ଷ ଧରି ପ୍ରତାରଣା : ରାଜ୍ୟର ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ସାମାଜିକ ସୁରକ୍ଷ ପ୍ରଦାନ ଲାଗି ମାସିକ ପେନସନ୍ ଦେବା ସକାଶେ ଦୀର୍ଘ ୪୦ ବର୍ଷ ଧରି ରାଜ୍ୟ ସରକାର ଅବିଚାର କରିଆସୁଛନ୍ତି। ଓଡ଼ିଶା ବ୍ୟତିତ ଦେଶର ବିଭିନ୍ନ ରାଜ୍ୟ ସରକାରମାନେ ସଂପୃକ୍ତ ରାଜ୍ୟର ସାମ୍ବାଦିକ ତଥା ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ଲାଗି ବିଭିନ୍ନ ସୁବିଧା ସୁଯୋଗ ଦେଇ, ବହୁବିଧ ପଦକ୍ଷେପମାନ ନେଇ ଆସିଥିବା, ଏପରିକି ତାମିଲନାଡୁ ରାଜ୍ୟ ସରକାର ସଂପୃକ୍ତ ରାଜ୍ୟର ସବୁ ଶ୍ରେଣୀର ସାମ୍ବାଦିକମାନଙ୍କୁ ମାସିକ ୫ ହଜାର ଟଙ୍କା ପେନସନ୍ ଦେଉଥିବା ଏବଂ ଆମ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ସରକାର କେବଳ ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ମାସିକ ୨ ହଜାର ଟଙ୍କା ପେନସନ୍ ଦେଇ ଆସୁଛନ୍ତି। ତେବେ ଓଡ଼ିଶା ରାଜ୍ୟ ସରକାର ବିଗତ ୪୦ ବର୍ଷ ଧରି ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ପେନସନ ଦେବା କ୍ଷେତ୍ରରେ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରତାରଣା କରି ଆସୁଛନ୍ତି।

୧୯୭୫ ମସିହା ଠାରୁ ୨୦୧୩ ମସିହା ପର୍ଯ୍ୟନ୍ତ ଦୀର୍ଘ ୩୮ ବର୍ଷ ଧରି ରାଜ୍ୟରେ ଏକ ସାମ୍ବାଦିକ ପେନସନ୍ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ସାମ୍ବାଦିକ ସଂଗଠନ ପକ୍ଷରୁ ଲଗାତାର ଦାବି ହୋଇଆସିଛି। ୧୯୮୧ ମସିହା ଠାରୁ ୨୦୦୦ ମସିହା ମଧ୍ୟରେ ଚାରି ଚାରି ଜଣ ମୁଖ୍ୟମନ୍ତ୍ରୀ ଏଥିପାଇଁ ପ୍ରତିଶ୍ରୁତି ଦେଇଆସିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ସର୍ବପ୍ରଥମେ ୧୯୮୧ ମସିହାରେ ତା. ୧୫.୩.୧୯୮୧ ରିଖରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ଉକଳ ସାମ୍ବାଦିକ ସଂଘର ୨୮ତମ ବାର୍ଷିକ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତକାଳୀନ ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ପେନସନ ଦେବା ପାଇଁ ପଦକ୍ଷେପ ନେଉଛନ୍ତି ଓ ଏହା ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୧୯୯୧ ମସିହାରେ ତା. ୧୨.୧.୧୯୯୧ ରିଖ ତକାଳୀନ ରାଜ୍ୟ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଆସିକା ଚିନିଶିଳ୍ପ ଅତିଥି ଭବନରେ ଅନୁଷ୍ଠିତ ମିଟ୍ ଦି ପ୍ରେସ୍ କାର୍ଯ୍ୟକ୍ରମରେ ଓଡ଼ିଶାର ପେସାଦାର ସାମ୍ବାଦିକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପେନସନ୍ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ଘୋଷଣା କରିଥିଲେ। ୨୦୦୦ ମସିହାରେ ନୂଆବର୍ଷ ଉପଲକ୍ଷେ ୧.୧.୨୦୦୦ ତାରିଖରେ ତକାଳୀନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ଏକ ସରକାରୀ ବିଜ୍ଞପ୍ତିରେ (ବିଭିନ୍ନ ସମ୍ବାଦପତ୍ରରେ ବିଜ୍ଞାପନ ରୂପେ ପ୍ରକାଶ ପାଇଥିଲା) ସାମ୍ବାଦିକ ପେନସନ୍ ଯୋଜନା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ଘୋଷଣା କରିଥିଲେ। ତେବେ ଏସବୁ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ହିଁ ରହିଥିଲା। ସେହି ୨୦୦୦ ମସିହା ତା. ୧.୫.୨୦୦୦ ତାରିଖରେ ମଇ ମାସ ୧ ତାରିଖରେ ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ ଭୁବନେଶ୍ୱର ଠାରେ ଉକଳ ସାମ୍ବାଦିକ ସଂଘ ପକ୍ଷରୁ ଅନୁଷ୍ଠିତ ଶ୍ରମିକ ଦିବସ ଉତ୍ସବରେ ତକାଳୀନ ମୁଖ୍ୟମନ୍ତ୍ରୀ ତଥା ଆଜିର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ସାମ୍ବାଦିକମାନଙ୍କ ପାଇଁ ପେନସନ୍ ଯୋଜନା କାର୍ଯ୍ୟକାରୀ କରିବା ସକାଶେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ଘୋଷଣା କରିଥିଲେ। ତେବେ ଦୀର୍ଘ ୧୩ ବର୍ଷ ବିତିଯାଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏଥି ମଧ୍ୟରେ ରାଜ୍ୟର ବହୁ ସାମ୍ବାଦିକ ବୃଦ୍ଧାବସ୍ଥାରେ ନାନା ପ୍ରକାର ଆର୍ଥିକ ଅନାଟନ ଓ ରୋଗ ବ୍ୟାଧୀରେ ପଡ଼ି ମରି ହଜିଗଲେଣି। ସାମ୍ବାଦିକମାନଙ୍କ ଲଗାତାର ଦାବି ଫଳରେ ସାମ୍ବାଦିକମାନଙ୍କୁ ପେନସନ୍ ଦେବା ସକାଶେ ସରକାରୀ ସ୍ତରରେ ଗତ ୧.୧.୨୦୦୫ ତାରିଖରେ ଏକ ସାମ୍ବିଧାନିକ ପରାମର୍ଶଦାତା କମିଟି ଗଠନ କରାଯାଇଥିଲା। ସାମ୍ବାଦିକଙ୍କୁ ପେନସନ୍ ଦେବା ପରାମର୍ଶଦାତା କମିଟିରେ ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଚେୟାରମ୍ୟାନ୍ ରୂପେ ରହିଥିଲା ବେଳେ ଅର୍ଥ ବିଭାଗ ସଚିବ, ଶ୍ରମ ବିଭାଗର ସଚିବ, ସୂଚନା ଓ ଲୋକ ସଂପର୍କ ବିଭାଗର ସଚିବ ଏବଂ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ଏହି ସାମ୍ବାଦିକ ପେନସନ୍ କମିଟିରେ ସରକାରୀ ସଭ୍ୟ ରୂପେ ନିଯୁକ୍ତି ପାଇଥିଲା ବେଳେ, ବେସରକାରୀ ସଭ୍ୟ ରୂପେ ଧରିତ୍ରୀର ସଂପାଦକ ତଥାଗତ ଶତପଥୀ, ପ୍ରଜାତନ୍ତ୍ର ପ୍ରଚାର ସମିତିର ଚେୟାରମ୍ୟାନ୍ ଭର୍ତ୍ତୃହରି ମହତାବ, ପ୍ରଗତିବାଦୀରୁ ଲଳିତ ମୋହନ ପାଟ୍ଟଯୋଶୀ, ସମୟରୁ କେନ୍ଦ୍ର ମୁଖ୍ୟ ଅମ୍ବିକା ପ୍ରସାଦ ଦାଶଙ୍କୁ ନେଇ ଏକ ୯ ଜଣିଆ କମିଟି ସରକାର ଗଠନ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏହି କମିଟି ସଂପର୍କରେ ସୂଚନା ଓ ଲୋକ ସଂପର୍କ ବିଭାଗର ନୋଟିଫିକେସନ୍ ନଂ.୨୭୦୮୨-ପିସି/୩୩/୨୦୦୫ ଆଇପିଆରରେ ଘୋଷଣା କରାଯାଇଥିଲା ବେଳେ ରାଜ୍ୟ ସରକାରଙ୍କ ଅତିରିକ୍ତ ଓଡ଼ିଶା ଗେଜେଟରେ ମଧ୍ୟରେ ପ୍ରକାଶ ପାଇଥିଲା। ରାଜ୍ୟର ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ସରକାର ପେନସନ୍ ଦେବା ପାଇଁ, ଏହି ପରାମର୍ଶଦାତା କମିଟି ଗଠନ କରିଥିଲେ ମଧ୍ୟ ଗଠିତ କମିଟିର ଆନ୍ତରିକତା ଅଭାବରୁ ଏହା ସ୍ଥାଣୁ ପାଲଟିଗଲା। ପରବର୍ତ୍ତୀ ଅବସ୍ଥାରେ ବିଭିନ୍ନ ସାମ୍ବାଦିକ ସଂଗଠନ ପକ୍ଷରୁ ପୁଣି ପେନସନ ଯୋଜନାକୁ ନେଇ ଦାବି ହେବା ଫଳରେ ୨୨.୫.୨୦୦୭ ତାରିଖରେ ତକାଳୀନ ସୂଚନା ଓ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ଦେବାଶିଷ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଭିନ୍ନ ରାଜ୍ୟ ଗସ୍ତରେ ଯାଇ ସାମ୍ବାଦିକମାନଙ୍କୁ ଦିଆଯାଉଥିବା ପେନସନ୍ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଓ ପେନସନ୍ ସଂପର୍କରେ ଅନୁଧାନ କରି ଫେରିଥିଲେ। ତେବେ କ୍ଷୋଭର କଥା କମ୍ପ୍ୟୁଟର ମାଧ୍ୟମରେ ୱେବସାଇଟ୍ ଦ୍ୱାରା ବିଭିନ୍ନ ରାଜ୍ୟରେ ସାମ୍ବାଦିକମାନଙ୍କୁ ଦିଆଯାଉଥିବା ସୁବିଧା ସୁଯୋଗ ସଂପର୍କରେ ତତ୍କ୍ଷଣାତ୍ ଉପଲବ୍ଧି ହେଉଥିଲେ ମଧ୍ୟ ଓଡ଼ିଶା ସରକାର ତାହା ନକରି ଅଯଥା ସରକାରୀ ଅର୍ଥ ଶ୍ରାଦ୍ଧ କରି ବିଭାଗୀୟ ମନ୍ତ୍ରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଭିନ୍ନ ରାଜ୍ୟ ଗସ୍ତ କରି ଫେରିଲେ ଓ ସରକାରଙ୍କ ସେମାନଙ୍କ ଅନୁଧାନ ରିପୋର୍ଟ ମଧ୍ୟ ଦେଲେ। ଅଥଚ ସରକାର କିମ୍ବା ସରକାରଙ୍କ ପେନସନ୍ କମିଟି କୌଣସି ପଦକ୍ଷେପ ନନେଇ ନୀରବ ରହିଲେ। ପରବର୍ତ୍ତୀ ଅବସ୍ଥାରେ ଗତ ୨୦୧୦-୧୧ ବର୍ଷ ପାଇଁ ୨୦୧୦ ମାର୍ଚ୍ଚ ମାସରେ ଅନୁଷ୍ଠିତ ବିଧାନସଭାର ଆର୍ଥିକ ବଜେଟରେ ରାଜ୍ୟ ସରକାର ସାମ୍ବାଦିକମାନଙ୍କୁ ପେନସନ୍ ଦେବା ଓ ସ୍ୱାସ୍ଥ୍ୟବୀମା ଯୋଜନା କାର୍ଯ୍ୟକାରୀ କରିବା ସକାଶେ ୨୦ ଲକ୍ଷ ଟଙ୍କା ଆର୍ଥିକ ବଜେଟରେ ପ୍ରଦାନ କଲେ ଅଥଚ ବଜେଟରେ ୨୦ ଲକ୍ଷ ଟଙ୍କା ମଞ୍ଜୁର ହେବାର ୩ ବର୍ଷ ବିତିଯାଇଥିଲେ ମଧ୍ୟ ପେନସନ୍? ଯୋଜନା କାର୍ଯ୍ୟକାରୀ ହେଲା ନାହିଁ। ପରବର୍ତ୍ତୀ ଅବସ୍ଥାରେ ସାମ୍ବାଦିକମାନଙ୍କ ସମସ୍ୟା ସମାଧାନ ପାଇଁ ମନ୍ତ୍ରୀସ୍ତରୀୟ ବୈଠକ ଖୁବ୍‌ଶୀଘ୍ର ଡ଼କାଯିବ ବୋଲି ତକାଳୀନ ସୂଚନା ଓ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଘୋଷଣା କରିଥିଲେ ମଧ୍ୟ ମନ୍ତ୍ରୀସ୍ତରୀୟ ବୈଠକ ଡ଼କାଗଲା ନାହିଁ। ୨୦୧୦ ମସିହା ଡ଼ିସେମ୍ବର ମାସ ୧୫ ତାରିଖରେ ଅନୁଷ୍ଠିତ ବିଧାନସଭାରେ ସାମ୍ବାଦିକମାନଙ୍କ ସମସ୍ୟା ତୁରନ୍ତ ଦୂର କରି ପେନସନ୍ ଦେବା ପାଇଁ ବିରୋଧୀ ଦଳ ନେତା ଭୁପିନ୍ଦର ସିଂଙ୍କ ସମେତ ବହୁ ମାନ୍ୟବର ସରକାରୀ ଓ ବିରୋଧ ଦଳର ବିଧାୟକ ବୃନ୍ଦ ବିଧାନସଭାରେ ସରଗରମ ଆଲୋଚନା କରି ସରକାର ତୁରନ୍ତ ଏକ ଗୃହ କମିଟି ଗଠନ କରିବା ପାଇଁ ମଧ୍ୟ ଦାବି କଲେ। ଅଥଚ ସରକାର ସୁଣ୍ଠି କାନ ପରି ସବୁ ଶୁଣି ସବୁ ଜାଣି ଅଜଣା ହୋଇ ରହିଲେ। ଚକ୍ଷୁକୁଟା ହିଁ ସାର ହେଲା। ରାଜ୍ୟ ସରକାରଙ୍କ ଏହିପରି ନୀରବତା ରାଜ୍ୟର ବହୁ ଅବସରପ୍ରାପ୍ତ ସାମ୍ବାଦିକମାନଙ୍କ ମନକୁ ଗଭୀର ଆଘାତ ଦେଇଥିଲା ବେଳେ ହତାଶ ମନୋଭାବ ସୃଷ୍ଟି କଲା।

ରାଜ୍ୟ ସରକାରଙ୍କ ଏପରି ନୀରବତା ଅବଲମ୍ବନ କରିଥିଲା ବେଳେ ତାମିଲନାଡୁ ସରକାର ସେହି ରାଜ୍ୟର ସବୁ ଶ୍ରେଣୀର ସାମ୍ବାଦିକମାନଙ୍କୁ ଅର୍ଥାତ୍ ଖବରକାଗଜର ସଂପାଦକ, ସହ ସଂପାଦକ, ବାର୍ତ୍ତା ସଂପାଦକ, ସାମ୍ବାଦିକ, ପ୍ରେସ ଫଟୋଗ୍ରାଫର, ପ୍ରୁଫ ରିଡ଼ର ଶ୍ରେଣୀର ସମସ୍ତ ସାମ୍ବାଦିକମାନଙ୍କୁ ଯେଉଁ ମାନଙ୍କର ବୟସ ୫୮ ବର୍ଷ ହୋଇଥିବ ଏବଂ ୨୦ ବର୍ଷ ସାମ୍ବାଦିକତା କରିଥିବେ, ସେମାନଙ୍କୁ ତାମିଲନାଡୁ ସରକାର ମାସିକ ୫ ହଜାର ଟଙ୍କା ପେନସନ ଦେଉଛନ୍ତି। ଏହା ବ୍ୟତୀତ ପରିବାର ପେନସନ୍ ଦେବା ସଂଗେ ସଂଗେ ୨୦ ବର୍ଷ କାର୍ଯ୍ୟ କରିଥିବା କୌଣସି ସାମ୍ବାଦିକ ଯଦି ପ୍ରାଣ ହରାନ୍ତି ତେବେ ତାଙ୍କ ପରିବାରଙ୍କୁ ୨ ଲକ୍ଷ ଟଙ୍କା, ୧୫ ବର୍ଷ କାର୍ଯ୍ୟ କରିଥିବା ସାମ୍ବାଦିକ ଯଦି ପ୍ରାଣ ହରାନ୍ତି ତେବେ ୧ ଲକ୍ଷ ୫୦ ହଜାର ଟଙ୍କା, ୧୦ ବର୍ଷ ସାମ୍ବାଦିକତା କ୍ଷେତ୍ରରେ ୧ ଲକ୍ଷ ଟଙ୍କା ଏକ୍ସଗ୍ରାସିଆ ପ୍ରଦାନ କରୁଛନ୍ତି। ତାମିଲନାଡୁରେ ପେନସନ୍ ପାଇବାକୁ ଯୋଗ୍ୟ ବିବେଚିତ ସାମ୍ବାଦିକମାନେ ଆବଶ୍ୟକୀୟ ପ୍ରମାଣପତ୍ର ସହ ସିଧାସଳଖ ସେଠିକାର ନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ ବିଭାଗକୁ ଆବେଦନ କରିପାରିବେ ଓ ବିଭାଗୀୟ କର୍ତ୍ତୃପକ୍ଷ ଜିଲ୍ଲାପାଳ ଓ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ଅଫିସରଙ୍କ ଦ୍ୱାରା ଦରଖାସ୍ତ ଗୁଡ଼ିକର ଯାଞ୍ଚ ପରେ ସେମାନଙ୍କ ସୁପାରିଶ କ୍ରମେ ତାମିଲନାଡୁ ସରକାର ସବୁ ଶ୍ରେଣୀର ସାମ୍ବାଦିକମାନଙ୍କୁ ବର୍ତ୍ତମାନ ମାସିକ ୫ ହଜାର ଟଙ୍କା ପେନସନ ଦେଇ ଆସୁଛନ୍ତି। ଯାହାକି ତାମିଲନାଡୁ ସରକାର ସୂଚନା, ପର୍ଯ୍ୟଟନ ଓ ଲୋକସଂପର୍କ ବିଭାଗ ଜିଓ -ଏମ୍ଏସ୍ ନଂ.୯୮ ତା. ୧୭.୪.୧୯୯୭ରେ ସରକାରୀ ନୋଟିଫିକେସନ୍‌ରେ ଘୋଷଣା କରାଯାଇଛି। ସେହିଭଳି ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ପଶ୍ଚିମବଙ୍ଗ ରାଜ୍ୟ ସରକାର ସୂଚନା ଓ ସଂସ୍କୃତି ବିଭାଗ ପକ୍ଷରୁ ନୋଟିଫିକେସନ୍ ନଂ.୨୭୨୫/ଆଇସିଏ ତା. ୧୩.୧୦.୨୦୧୦ରେ ଘୋଷଣା କରାଯାଇଥିବା ନୋଟିଫିକେସନ୍ ନଂ.୩୨୧୯ ଆଇସିଏ ତା. ୦୯.୧୨.୨୦୧୦ରେ ପଶ୍ଚିମବଙ୍ଗ ରାଜ୍ୟରେ କେବଳ ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ, ପ୍ରେସ୍ ଫଟୋଗ୍ରାଫର ଯେଉଁମାନଙ୍କ ବୟସ ୬୦ ବର୍ଷ ହୋଇଥିବ ଏବଂ ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଭାବେ ଅନ୍ତତଃ ୧୦ ବର୍ଷ ସାମ୍ବାଦିକତା କରିଥିବେ ସେମାନଙ୍କୁ ୦୧.୦୪.୨୦୦୬ ମସିହା ଠାରୁ ମାସିକ ୨ ହଜାର ଟଙ୍କା ପେନସନ ଦେବା ପାଇଁ ସରକାରୀ ଘୋଷଣା କରାଯାଇ ସେହି ଅନୁକ୍ରମରେ ସମସ୍ତ ସରକାରୀ ସ୍ୱୀକୃତିପ୍ରାପ୍ତ ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ୨୦୦୬ ମସିହାରୁ ମାସିକ ୨ ହଜାର ଟଙ୍କା ପେନସନ ଦିଆଯାଉଛି। ଏପରି କ୍ଷେତ୍ରରେ ଓଡ଼ିଶା ରାଜ୍ୟ ସରକାର ସାମ୍ବାଦିକମାନଙ୍କୁ ପେନସନ୍ ଦେବାକୁ ନେଇ ଦୀର୍ଘ ୩୫ ବର୍ଷ ଧରି ଯେପରି ଟାଳଟୁଳ ନୀତି ଅବଲମ୍ବନ କରିଆସୁଛନ୍ତି ଏପରିକି ୨୦୧୦ ମସିହା ମାର୍ଚ୍ଚ ମାସର ବଜେଟରେ ସାମ୍ବାଦିକଙ୍କୁ ପେନସନ ଦେବା ସକାଶେ ୨୦ ଲକ୍ଷ ଟଙ୍କା ମଞ୍ଜୁରୀ କରାଯାଇଥିଲେ ମଧ୍ୟ ରାଜ୍ୟର ଅବସରପ୍ରାପ୍ତ ବୃଦ୍ଧ ସାମ୍ବାଦିକ ମାନଙ୍କୁ କାହିଁକି ଯେ, ପେନସନ୍ ଦିଆଯାଇପାରୁ ନାହିଁ ତାହା ସାମ୍ବାଦିକ ମହଲରେ ବିସ୍ମୟ ସୃଷ୍ଟି କରିଥିବା ସଂଗେ ସଂଗେ ହତାଶ ମନୋଭାବ ସୃଷ୍ଟି କରିଛି। ୨୦୧୨ ମସିହା ମଇ ପହିଲାରେ ମଇ ଦିବସ ଉପଲକ୍ଷେ କଟକ ପ୍ରେସ କ୍ଲବରେ ଅନୁଷ୍ଠିତ ଶ୍ରମଜୀବୀ ସାମ୍ବାଦିକମାନଙ୍କ ଏକ ସମାବେଶରେ ମୁଖ୍ୟଅତିଥି ଭାବେ ଯୋଗଦେଇ ତତ୍କାଳୀନ ସୂଚନା ଓ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ବହୁ ସାମ୍ବାଦିକ, ବହୁ ବିଧାୟକ, ବହୁ ଶ୍ରମିକ ନେତାମାନଙ୍କ ଉପସ୍ଥିତିରେ ଘୋଷଣା କରିଥିଲେ ଯେ, ରାଜ୍ୟର ଅବସରପ୍ରାପ୍ତ ପେଷାଦାର ସାମ୍ବାଦିକମାନଙ୍କୁ ମାସିକ ପେନସନ୍ ପ୍ରଦାନ ବ୍ୟବସ୍ଥା କରିବାକୁ ଆଉ ମାତ୍ର ଦୁଇ ମାସ ମଧ୍ୟରେ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ଘୋଷଣା କରିଥିଲେ। କିନ୍ତୁ ଏଥିମଧ୍ୟରେ ୧୪ ମାସ ବିତିଯାଇଥିଲେ ସୁଦ୍ଧା ତାହା ହାତୀ-ପା-ଫୁ ହେଲା ସିନା ସାମ୍ବାଦିକ ପେନସନ ଯୋଜନା କାର୍ଯ୍ୟକାରୀ ହେଲା ନାହିଁ କିମ୍ବା ପେନସନ୍ ଯୋଜନାକୁ ନେଇ କେହି ନାମଗନ୍ଧ ମଧ୍ୟ ନେଲେ ନାହିଁ। ତେବେ ବହୁ ବିଳମ୍ବରେ ହେଲେ ମଧ୍ୟ ବର୍ତ୍ତମାନ ରାଜ୍ୟ ସରକାର ତାମିଲନାଡୁ ସରକାର କିମ୍ବା ପଶ୍ଚିମବଙ୍ଗ ସରକାରଙ୍କ ସାମ୍ବାଦିକ ପେନସନ୍ ଯୋଜନା ଅନୁଯାୟୀ ସେହି ପଦାଙ୍କ ଅନୁସରଣ କରି ତୁରନ୍ତ ଓଡ଼ିଶାର ଅବସରପ୍ରାପ୍ତ ବୃଦ୍ଧ ସାମ୍ବାଦିକମାନଙ୍କୁ ପେନସନ୍ ଦେବା ବ୍ୟବସ୍ଥା କରନ୍ତୁ। ବର୍ତ୍ତମାନ ଯେଉଁ ସାମ୍ବାଦିକମାନେ ବାର୍ଦ୍ଧକ୍ୟ ତାଡ଼ନା, ଉପାର୍ଜନ ଅସମର୍ଥତା ଯୋଗୁଁ ଆର୍ଥିକ ଅନାଟନ, ରୋଗବ୍ୟାଧିରେ ଓ ନାନା ଦୁର୍ଦ୍ଦଶାରେ ବଂଚି ରହିଛନ୍ତି ସେହି ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ତାମିଲନାଡୁ ସରକାରଙ୍କ ସାମ୍ବାଦିକ ପେନସନ୍ ଯୋଜନା ଅନୁଯାୟୀ ଯେଉଁମାନେ ଅନ୍ତତଃ ୧୦ ବର୍ଷ ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ରୂପେ କାର୍ଯ୍ୟ କରିଥିବେ ସେମାନଙ୍କୁ ମାସିକ ୫ ହଜାର ଟଙ୍କା ପେନସନ୍ ଦେବା ବ୍ୟବସ୍ଥା ତୁରନ୍ତ କରନ୍ତୁ ଏହାଛଡ଼ା ରାଜ୍ୟର ସାମ୍ବାଦିକ ଚିହ୍ନଟ ପ୍ରକ୍ରିୟା କାର୍ଯ୍ୟ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ତ୍ୱରାନ୍ୱିତ କରାଯାଇ ସାମ୍ବାଦିକମାନଙ୍କ ନାମତାଲିକା ଘୋଷଣା କରିବା ସଂଗେ ସଂଗେ ସାମ୍ବାଦିକମାନଙ୍କ ସାମାଜିକ ସୁରକ୍ଷା ପ୍ରଦାନର ବ୍ୟବସ୍ଥା, ସବୁ ଶ୍ରେଣୀର ସାମ୍ବାଦିକମାନଙ୍କୁ ବ୍ଲକ ଠାରୁ ରାଜ୍ୟସ୍ତରୀୟ ପର୍ଯ୍ୟନ୍ତ ସରକାରୀ ବାସଗୃହ ଯୋଗାଇବା ବ୍ୟବସ୍ଥା, ସାମ୍ବାଦିକମାନଙ୍କ ବୀମା ବ୍ୟବସ୍ଥା, ସାମ୍ବାଦିକ କଲ୍ୟାଣ ପାଣ୍ଠିର ସରଳୀକରଣ ବ୍ୟବସ୍ଥା, କାର୍ଯ୍ୟକ୍ଷେତ୍ରକୁ ଗଲାବେଳେ ସରକାରୀ ଓ ଘରୋଇ ଯାତ୍ରୀବାହୀ ବସରେ ମାଗଣା ଯାତାୟତର ବ୍ୟବସ୍ଥା, ସରକାର ତୁରନ୍ତ ଅଧୀସ୍ୱୀକୃତି କମିଟି ଗଠନ କରିବା ଓ ସେଥିରେ ବିଭିନ୍ନ ସାମ୍ବାଦିକ ସଂଗଠନ ଗୁଡ଼ିକର ପ୍ରତିନିଧିମାନଙ୍କୁ କମିଟିର ସଭ୍ୟ ରୂପେ ରଖିବା, ପ୍ରତ୍ୟେକ ସରକାରୀ ହସ୍ପିଟାଲରେ ଅଗ୍ରାଧିକାର ଭିତ୍ତିରେ ମାଗଣା ଚିକିତ୍ସା ବ୍ୟବସ୍ଥା ସହ ଅନ୍ୟାନ୍ୟ ସମସ୍ୟା ଗୁଡ଼ିକ ତୁରନ୍ତ ଦୂର କରିବା ପାଇଁ ସାମ୍ବାଦିକ ମାନଙ୍କ ମହଲରେ ଦୃଢ଼ ଦାବି ହୋଇଆସୁଛି। ପୂର୍ବରୁ ରାଜ୍ୟର ସାମ୍ବାଦିକମାନଙ୍କ ସମସ୍ୟା ଓ ପ୍ରତିକାର ପାଇଁ ଏକ ଖୋଲାଚିଠି ମାଧ୍ୟମରେ ମୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ତତ୍କାଳୀନ ସୂଚନା ଓ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଏବଂ ପରବର୍ତ୍ତୀ ସମୟରେ ବର୍ତ୍ତମାନର ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ଅରୁଣ କୁମାର ସାହୁ ଏବଂ ବିରୋଧୀ ଦଳ ନେତା ଶ୍ରୀ ଭୁପୁନ୍ଦର ସିଂହଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ କ୍ଷୋଭର କଥା ଖୋଦ୍ ମୁଖ୍ୟମନ୍ତ୍ରୀ ଓ ସୂଚନା ଏବଂ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ଦ୍ୱୟ ସାମ୍ବାଦିକମାନଙ୍କ ସମସ୍ୟା ଦୂର କରିବା ଦିଗରେ ପଦକ୍ଷେପ ନେବା ତ ଦୂରର କଥା ମୋ ଦ୍ୱାରା ପ୍ରେରିତ ଖୋଲାଚିଠିର ପ୍ରାପ୍ତି ସ୍ୱୀକାର ମଧ୍ୟ କଲେ ନାହିଁ। ତେବେ ବିରୋଧୀ ଦଳ ନେତା ଭୁପିନ୍ଦର ସିଂହଙ୍କ ଠାରୁ ପ୍ରାପ୍ତିସ୍ୱୀକାର ସହ ରାଜ୍ୟର ସାମ୍ବାଦିକ ମାନଙ୍କ ସମସ୍ୟା ଦୂର କରିବା ଲାଗି ମୋ ଦ୍ୱାରା ପ୍ରେରିତ ଖୋଲାଚିଠିକୁ ସୁପାରିଶ କରି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେ ମଧ୍ୟ ଦାବି କରିଥିଲେ। କିନ୍ତୁ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଭାଗୀୟ ମନ୍ତ୍ରୀ ଦ୍ୱୟ କୌଣସି ପ୍ରତିକାର କଲେ ନାହିଁ। ସେ ଯାହା ହେଉ ବହୁ ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାରଙ୍କୁ ମାନ୍ୟବର ବାଚସ୍ପତି ଶ୍ରୀ ପ୍ରଦୀପ କୁମାର ଅମାତ ରାଜ୍ୟର ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ତୁରନ୍ତ ଦୂର କରିବା ପାଇଁ ରୁଲିଂ ମାଧ୍ୟମରେ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର ବିଧାନସଭାର ଗାରିମା ଏବଂ ବାଚସ୍ପତିଙ୍କ ରୁଲିଂକୁ ସମ୍ମାନ ଦେଇ ଯଥାଶୀଘ୍ର ପଦକ୍ଷେପ ନେଲେ ଦୀର୍ଘଦିନ ଧରି ଅବହେଳିତ, ଉପେକ୍ଷିତ ସାମ୍ବାଦିକମାନେ ଉପକୃତ ହୁଅନ୍ତେ ଓ ଅନ୍ୟ ରାଜ୍ୟର ସାମ୍ବାଦିକମାନଙ୍କ ସହ ଆମ ରାଜ୍ୟର ସାମ୍ବାଦିକମାନେ ସମକକ୍ଷ ହୁଅନ୍ତେ।

ଏଠାରେ ଉଲ୍ଲେଖ କରାଯାଇପାରେ, ଭାରତ ବର୍ଷର ୧୪ଟି ରାଜ୍ୟରେ ସାମ୍ବାଦିକତ ପେନସନ ବ୍ୟବସ୍ଥା ପ୍ରଚଳନ ହୋଇଛି। ଓଡ଼ିଶାରେ ନୂତନ ଭାବେ ଭାଜପା ନେତୃତ୍ୱରେ ସରକାର ଗଠନ ହେବା ପରେ ତତ୍କାଳୀନ ରାଜ୍ୟପାଳ ରଘୁବର ଦାସ ଓ ବାଚସ୍ପତି ସୁରମା ପାଢ଼ୀ ଗତ ନଭେମ୍ବର ୧୬ ତାରିଖ ଜାତୀୟ ପେସ ଦିବସ ପାଳନ ଅବସରରେ ଓଡ଼ିଶାରେ ଖୁବଶୀଘ୍ର ସାମ୍ବାଦିକ ପେନସନ ବ୍ୟବସ୍ଥା ଲାଗୁ କରାଯିବ ବୋଲି ପ୍ରକାଶ କରିଥିଲେ। ଅଦ୍ୟାବଧି ଏ ସମ୍ପର୍କରେ କୌଣସି ନିଷ୍କର୍ଷ ବାହାରିପାରିନାହିଁ।

ବରିଷ୍ଠ ସାମ୍ବାଦିକ ତଥା ସମ୍ପାଦକ ନବୀନ
*ବ୍ରହ୍ମପୁର-୭୬୦୦୧୦*
*ଦୂରଭାଷ : ୯୮୬୧୦ ୧୩୭୮୦*

ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ

## ପୁଷ୍ପାରାଣୀ ପଟେଲ



ଭାଗ-୫୭

*ପୂର୍ବାଭାଷ ସହ କିଛି ପାଦ ଆଗକୁ -*

*ଜୀବନରେ କେତେ ସମ୍ପର୍କ ଆସନ୍ତି, କେତେ ପୁଣି ଅବେଳରେ ହଜି ବି ଯାଆନ୍ତି ଓ ଆଉ କିଛି ସମ୍ପର୍କ ଆମେ ଜାଣିଶୁଣି ହଜାଇ ଦେବାକୁ ବାଧ୍ୟ ହେଉ। କିଛି ଆସନ୍ତି କେବଳ ସ୍ୱାର୍ଥ ସିଦ୍ଧି ପାଇଁ। କିଛି ପୁଣି ଆସନ୍ତି ନିଃସର୍ତ୍ତରେ ଭଲ ପାଇବା ଅଜାଡି ଦେଇ ଲୁଚି ଯିବା ପାଇଁ। ସମ୍ପର୍କର ଏଇ ଚକ୍ରବ୍ୟୂହରୁ, ବାହାରିଲି ... ବାହାରିଲି .... ଭାବି ବିତୁଥାଏ ମଣିଷର ଜୀବନ ...। ସରୁଥାଏ ଆୟୁଷ। ଫିଟୁଥାଏ ନିଜର କୋଣ ଅନୁକୋଣରେ ଲୁଚିଥିବା ସୂକ୍ଷ୍ମ ଭାବନା ସବୁ ନିଜରି ପାଖରୁ। ସରେନି, କେବେ ଦୁଃଖରେ ଭାଙ୍ଗି ପଡିବା ତ ପୁଣି କେବେ ପ୍ରାପ୍ତିର ପୁଲକରେ ବିଭୋର ହେବା।*

*କେବେକେବେ ଆମ ଭାବନାରେ ବ୍ରେକ୍ କଷି ଆମକୁ ଚମ୍‌କାଇ ଦେଇ ପଶିଆସେ ମହାମାରୀ। ମହାମାରୀ ଆସେ ନାହିଁ ତ ଝାଡି ଦେଇ ଯାଏ ଆମ ମନ ଭିତରେ ଜମି ରହିଥିବା ପରସ୍ତ ପରସ୍ତ ଅଳନ୍ଧୁ। ମୁଖା ଖୋଲିଯାଏ ନିଜରି ମୁହଁରୁ, ଦର୍ପଣ ସାମ୍ନାରେ ଠିଆ ହେଉ ହେଉ, ବିଭତ୍ସ ଦିଶେ ନିଜରି ମୁହଁ। ବିକାର ଭାବ ଗ୍ରାସେ। ମନ କୁହେ, 'ଓଃ ... ଏଇ ନା ମୁଁ! ଏତେ ସ୍ୱାର୍ଥପର! ଦୁନିଆଁକୁ ଆଜି ଯାଏଁ ଦେଖାଉଥିଲି ମୁଁ ବଞ୍ଚେ ଅନ୍ୟମାନଙ୍କ ପାଇଁ, ତେବେ ସତରେ ମୁଁ କ'ଣ ବଞ୍ଚେ ଅନ୍ୟମାନଙ୍କ ପାଇଁ? ନା ତ! ବରଂ ମୁଁ ବଞ୍ଚେ ମୋ' ପାଇଁ, କେବଳ ମୋ' ପାଇଁ। ହଁ, ଆତ୍ମୀୟ ସ୍ୱଜନ ମୋ'ର ସ୍ୱାର୍ଥ ପୂରଣ ଅଭିଳାଷାରେ ସହାୟକ ହେଉଥିବା ଯାଏଁ ଆପଣାର ପରି ମନେ ହୁଅନ୍ତି ମୋତେ, ତେବେ ଦୁଃଖ ଓ ବିପତ୍ତି ଆସିଲେ ପ୍ରଥମେ ମୁଁ ମୋ' ନିଜକୁ ରଖେ। ନିଜ କଥା ଭାବେ'*

*ଏକଥା ବି ସତ, ନିଜକୁ ଭଲ ନପାଇଲେ ନିଜେ, କେଉଁ ଭଲ ପାଇ ହୁଏ ଅନ୍ୟକୁ? ଏସବୁ ଖୁବ୍ ସୂକ୍ଷ୍ମ ଅନ୍ତର୍ଚେତନାର କଥା। ବୁଝିବା ପାଇଁ ବେଶ୍ ନିରୋଳା ସମୟ ଲୋଡା। ଏ ବ୍ୟସ୍ତବହୁଳ ପ୍ରତିଦ୍ୱନ୍ଦ୍ୱିତା ଭରା ଜୀବନ ଦୌଡରେ କେଉଁ ମିଳିପାରେ ସେଭଳି ସମୟ! ତେଣୁ ହୁଏତ ଈଶ୍ୱର ରଚନ୍ତି ମହାମାରୀ। କେବେ ଦିନେ ହଇଜା, ପୁଣି କେବେ ଦିନେ କରୋନା : କୋଭିଡ୍ ନାଇନ୍‌ଟିନ୍।*

*ସତରେ ଏ ମହାମାରୀ କ'ଣ ଲେଖକଟିକୁ ନିଜ ଭିତରର ନିଜଟି ସହିତ କରେ କି ଆମ୍ନା ସାମ୍ନା? କିଛି ବ୍ୟତିକ୍ରମ ମଧ୍ୟ ଥାଏ କି ଲେଖକଟିର ଓ ସାଧାରଣ ମଣିଷଟିର ମହାମାରୀକୁ ଭୋଗିବାର ବାଟ? କ'ଣ କ'ଣ ସତରେ ଛାଡିଯାଏ ମହାମାରୀ ତା'ର ଆସିବା ଓ ଫେରିଯିବା ଭିତରେ!!*

**(ପୂର୍ବପ୍ରକାଶ ଉତ୍ତାରୁ)**

ମୋରି ପୂର୍ବଜ ଗୌତମ ବୁଦ୍ଧ ତ ପୁଣି ଦିନେ ବଶତା ସ୍ୱୀକାର କରିନଥିଲେ ଏଇ ମୃତ୍ୟୁର କଷ୍ଟ ପାଖରେ। ନିଜ ସାଧନା ବଳରେ ଜିତି ଯାଇଥିଲେ ମୃତ୍ୟୁକୁ। ହଜାର କୋଟି ଜୀବଙ୍କ ପାଇଁ ଖୋଲି ଦେଇଥିଲେ ମୁକ୍ତିର ଦ୍ୱାର। ନିର୍ବାଣର ମାର୍ଗ। ଏ ଛାର ଭୂତାଣୁ କ'ଣ ଜାଷରନା। ଏକଥା?

ଅବଶ୍ୟ ସାଧନାର ପଥ ସବୁବେଳେ କଣ୍ଟକିତ। ସହଜ ନୁହେଁ କେବେହେଲେ। ତା' ବୋଲି ହାରିଗଲେ କଣ ଚଳି? ଯଦି ହାରିଯିବି - ତେବେ ଏ ସୃଷ୍ଟିର ଶ୍ରେଷ୍ଠ ଜୀବ ବୋଲି ଗର୍ବ କରିବି କେଉଁ ଅଧିକାରରେ?

ଆଖି ବୁଜିଲି।

'ଓଃ ... ମୋତେ ଥରେ ନିଜକୁ ଭେଟିବାକୁ ପଡିବ! ଆଜିଯାଏ ମୁଁ ଉନ୍ମୁକ୍ତ ହେଇନାହିଁ ମୋ' ନିଜ ପାଖରେ।'

ହୃଦୟ ସାରା ଯେ ଝଲସି ଉଠୁଛି। ଇସ୍ ...ସ୍...। କି, ଅପୂର୍ବ ଉଜ୍ଜଳତା। ସ୍ପଷ୍ଟ ଦିଶିଯାଉଛି ଗୋଟିଏ ବିଭୋର ସଞ୍ଜର ମୁହଁ ଓ ତା' ଉପରେ ବିଞ୍ଚି ଚାଲିଛି ଆଲୁଅ ହିଁ ଆଲୁଅ- ଦୁଇଟି ମୌନ ଉଦାସ ଆଖି।

ଠିକ୍ ଏମିତି ହିଁ ତ, ସେଦିନ ସେଇ ସଞ୍ଜର ଝାପ୍‌ସା ଆଲୁଅରେ ମୁଁ ଯେବେ ତୁମକୁ ଶେଷଥର ପାଇଁ ନୀରବରେ ବିଦାୟ ମାଗିଲି, ତୁମର ଉଦାସ ଆଖି ଯୋଡିକ ମୋ' ହାତ ଛୁଇଁ କହିଥିଲେ, 'ତୁମେ ଏକା ନାହଁ ...। ମୁଁ ଅଛି।'

ଏ ପ୍ରତିଶ୍ରୁତି ପରେ, ପୁଣି ମୁଁ ଲୋଡୁଥିଲି କେଉଁ ଶବ୍ଦର ଆଧିପତ୍ୟ। କେଉଁ ଆତିଥ୍ୟ। କାହା ଡାକରାର ଅପେକ୍ଷାରେ ମୁଁ ବସିରହିଛି ଆଜିଯାଏଁ।

'ଯାଏ। ଖୁବ୍ ଡେରି ହେଲାଣି।'

: ଶ୍ରୀ ... ଶ୍ରୀ ...! ମାମା, ବାପାଙ୍କୁ ଫୋନ୍ କରି କହିବ, ଶୀଘ୍ର ଟିକେଟ୍ କରିବେ। ଆମେ ଯିବା ପୁରୀ। ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ସମର୍ପି ଦେଇ ଆସିବା ଯେତକ ଗର୍ବ, ଅହଙ୍କାର, ଭୟ, ଲୋଭ, କାମ...। ନୂଆବର୍ଷ ପାଇଁ ନେଇ ଆସିବା ତାଙ୍କର ଆଶୀଷ, କରୁଣା, ଧୈର୍ଯ୍ୟରୁ କିଛି।

ଟିକେଟ୍ କିନ୍ତୁ କରିବା .... ଅପ୍... ଡାଉନ୍ ... ରାଉରକେଲା-ଭୁବନେଶ୍ୱର। ପୁରୀ-ସମ୍ବଲପୁର। ପଶ୍ଚିମ ଓଡ଼ିଶା ରୁ ପୂର୍ବ ଓଡ଼ିଶା। ପୁଣି ପୂର୍ବ ଓଡ଼ିଶା ରୁ ପଶ୍ଚିମ ଓଡ଼ିଶା।

: ଭୁବନେଶ୍ୱର?

: ହଁ... ଭୁବନେଶ୍ୱର। ଅନେକ କଥା କହିବାକୁ ଅଛି ତୋତେବ। କହିବି ମାଆ। ସବୁ କହିବି, ଗୋଟିଏ ଗୋଟି କରି।

: (ହସିଲା ଶ୍ରୀ) - ମୁଁ ଜାଣେ ମାମା। ସବୁ କିଛି। ସବୁ କଥା କଣ କହିବା ଦରକାର ପଡେ। ତୁମେ ଯେମିତି, ମୁଁ ନକହିବି ବୁଝିପାର। ମୁଁ ବି ବୁଝିପାରେ, ତୁମ ମନକଥା। ତୁମରି ଭିତରୁ ବାହାରିଛି ଯେ ମୁଁ। ହଉ ବାବାଙ୍କୁ କହୁଛି ଟିକେଟ୍, ଅପ୍-ଡାଉନ୍... ରାଉରକେଲା-ଭୁବନେଶ୍ୱର। ପୁଣି ଭୁବନେଶ୍ୱର ରୁ ପୁରୀ। ପୁରୀ ରୁ...। (ହସି ହସି ଫୋନ୍ ନେଇ ଚାଲିଗଲା ଝିଅ।)

ଏବେ ତୁମେ ଓ ମୁଁ ଏକଦମ୍ ଏକା। ମୁଁ ଏଇ କୋଠରୀରେ। ତୁମେ ମୋ'ର ହୃଦୟରେ। ଶୁଣ ଯୋଗୀ- 'ହେ! ମୁଁ ଆସୁଛି ଖୁବ୍‌ଶୀଘ୍ର। ମୌନଯୋଗୀ ମୋର।'



ଏଇ ଦୁଇ ହଜାର କୋଡିଏ ମସିହାର ଶେଷ ଅସ୍ତଗାମୀ ସୂର୍ଯ୍ୟ ବୁଡିଯାଉଥିବା ବେଳେ, ମୁଁ ବସିଥିବି ତୁମ ବୋଉଙ୍କ ପାଦ ତଳେ। ନେଇ ଆସିବି ଆଶୀଷ ତାଙ୍କର। ତୁମ ଝିଅର ଚିବୁକକୁ ଛୁଇଁ ଟିକିଏ ଗେଲ କରିବି। ଫେରିବା ବେଳେ ଚୁମିଦେବି ତା'ର କପୋଳ। ଦେଖିବ, ମୋ' ସ୍ୱପ୍ନମାନେ ନିଶ୍ଚେ କଅଁଳି ଉଠିବେ। ଜୀବନ ଜିଇଁବାର ମୋହ ପୁଣି ଘାରିବ ମୋତେ। ସେଇଠି....

ବୋଉ ତୁମର ଯେତେବେଳେ ଡାକିବେ ତୁମକୁ, 'ଯୋଗୀ...!'

ଝିଅ ତୁମର ଗେହ୍ଲେଇ ହେଇ ଡାକିବ ତୁମକୁ, 'ବାବା...!'

ସେତେବେଳେ, ତୁମେ କରିବନା 'ଓ...!' ମୌନ ଯୋଗୀ ମୋର, ତୁମେ ନ ବି କରିପାର ଓ...। ତଥାପି ଚାହିଁବ ତ ଥରେ ନିଶ୍ଚେ ଆଖି ଉଠାଇ। ସେଇ ପ୍ରେମ ସରସର ଆଖି ଦୁଇଟିରେ ବୁଡିଯିବି ଘଡିଏ। ବିସ୍ମରି ଯିବି ନିଜକୁ। ତାହେଲେ ପ୍ରେମିକ-ଈଶ୍ୱର ମୋ'ର, ମୁଁ ନିଶ୍ଚେ ସାଉଁଟି ପାଇବି ଏ ଅସାର ଜୀବନକୁ ଜିଇଁବା ପାଇଁ ଲୋଡାଥିବା ଆଞ୍ଜୁଳାଏ ପ୍ରେମ।

ଓଃ ... ଆହୁରି ବି କେତେ କାମ ଯେ ବାକି ପଡି ରହିଛି। ହଠାତ୍ ମୃତ୍ୟୁ ଆସି ଯେ ଦୁଆର ମୁହଁରେ ଡାକ ନଦେବ, ସେକଥା କିଏ କହିପାରିବ। ତା' ପୂର୍ବରୁ ଏଇ ଯେ ମଣିଷ ମନରୁ ଲିଭି ଲିଭି ଆସୁଛି ସ୍ନେହ, ପ୍ରେମ, ଆବେଗ ଭଲ ପାଇବାର ଛଳ ଛଳ ଭାବ, ତାକୁ ଟିକିଏ ତେଜି ଦେବାକୁ ପଡିବ। ମିଛ ଗର୍ବ, ଅହଙ୍କାର ସବୁ ତା' ଛାତିରେ ଲଦିହେଇ ତାକୁ ଦୁର୍ବଳ କରିଚାଲିଛନ୍ତି। ତାକୁ ଦେଖେଇ ଦେବାକୁ ପଡିବ ତା' ନିଜ ଭିତରେ ଈଶ୍ୱରଙ୍କ ଉପସ୍ଥିତିକୁ ସେଇ ପରମେଶ୍ୱରଙ୍କ ପାଦତଳେ ନିଜକୁ ସମ୍ପୂର୍ଣ୍ଣ ସମର୍ପି ଦେଇ ପାରିଲେ ଯେଉଁ ପରମ ଶାନ୍ତିର ଅନୁଭବ ମିଳେ, ତା'କୁ ଟିକିଏ ସେଇ ଅମୃତର ସ୍ୱାଦ ଚଖାଇ ଦେବାକୁ ପଡିବ। ବର୍ଷ ବର୍ଷ ଧରି ସେ ପ୍ରେମ ନାଆଁରେ ଖୋଜୁଛି କେବଳ ଏଇ ସାଧାରଣ ଦେହ ସୁଖ ଟିକକ। ତାଙ୍କ କାନରେ କହିଦେବାକୁ ପଡିବ ଦେହାତୀତ ପ୍ରେମର ଚରମ ଉପଲବ୍ଧି ପରର ଗୂଢ଼ ତଥା ରହସ୍ୟମୟ ଭାବାର୍ଥ।

ତୁମର ସହଧର୍ମିଣୀ ହେବାର ସୌଭାଗ୍ୟରୁ ବଞ୍ଚିତ ବୋଲି ଦୁଃଖ କରିବି କାହିଁକି! ଏଇତ ମୁଁ ଚାଲିବାକୁ ଆରମ୍ଭ କଲି ଠିକ୍ ତୁମର ପଦଚିହ୍ନ ଉପରେ ପାଦ ପକାଇ। ତୁମ ହାତରେ ଦୁନିଆଁ ସାଥିରେ ଲଢ଼ିବା ପାଇଁ, ସୃଷ୍ଟିର ଶ୍ରେଷ୍ଠ ଜୀବକୁ ବଦଳେଇ ପାରିବାର ଅମୋଘ ଅସ୍ତ୍ର। ଅଖଣ୍ଡ କ୍ଷମତା। ଯଦି ସେଇ ତୁମର କଲମକୁ... ତା' କାଳିକୁ, ତୁମେ ବଢ଼ାଇ ଦେଇଛ ମୋ' ହାତକୁ, ତେବେ ପୁଣି ଦୁଃଖ କରିବି କାହାକୁ ନେଇ। ମୋ' ଭାଗ୍ୟକୁ ନେଇ ଗର୍ବ କରିବିନି ବା କେମିତି?

ଡେରି ହେଲାଣି, ବହୁତ। ଚାଲ...

'ମୋ' ପ୍ରେମ, କବିତା ହେଇ ଝରୁ ତୁମ କଲମର ମୁନ୍। ତୁମ ପ୍ରେମର ଔଜ୍ଜ୍ୱଲ୍ୟରେ ଝଲସି ଉଠୁ ମୋ' କଲମ ମୁନରୁ ଉତୁରି ଆସୁଥିବା ଶବ୍ଦର ମୋତି ମାଣିକ୍ୟ।

"ସରିଯାଉ ପଛେ ଗୋଟେ ଉପନ୍ୟାସ
ତେବେ ଜିଇଁଥାଉ ପ୍ରେମ ଆମ,
ଯୁଗ ପରେ ଯୁଗ, ଜନ୍ମ ପରେ ଜନ୍ମ!"

(ସମାପ୍ତ)

*ସହକାରୀ ଶିକ୍ଷୟିତ୍ରୀ*
*ସରକାରୀ ଉଚ୍ଚ ବିଦ୍ୟାଳୟ, ସେକ୍ଟର-୧୬, ରାଉରକେଲା-୦୩*
*ଦୂରଭାଷ : ୯୪୩୮୨୫୮୦୬୩*

# ବିଶେଷ କବିତା



## ଏବେ ଆସିଯିବ

### ମଦନ ମୋହନ ମହାପାତ୍ର



କେତେ ଦିନରୁ କଥା ହେଇ ନାହଁ,
କେତେ ଦିନରୁ ଆସିନି ତୁମ
ଫିସ ଫିସ ଶବ୍ଦ ଅଚାନକ ରାତି ଦୁଇଟାରେ।
ଲଙ୍ଗ ଡ୍ରାଇଭରେ ଯିବା ପାଇଁ କୋଣାର୍କ ଯାଏ ...
ଅପେକ୍ଷା କରିବା ପାଇଁ ତମ ବସକୁ,
ବାଟ ମଙ୍ଗଳାରେ।
ଆସି ନାହିଁ ସେ ଆଖିର ମାଦକ ବାରତା।
ଭେଟିବାକୁ ବାଣୀ ବିହାରର ହଷ୍ଟେଲ ବାହାରେ,
କେତେ ଦିନୁ ହେଇ ନାହଁ କଥା।
ଜାଣି ବାକୁ ଚାହିଁ ନାହଁ ସେ ଦିନରୁ
କେଉଁ ସ୍ମୃତିକୁ
ଜାବୁଡି ରଖିଛି ବୋଲି
କବିତା ମୁଁ ଲେଖେ ଏତେ ଦିନ,
ଏକା ଏକା ସମୁଦ୍ର କୂଳରେ...
ସ୍ୱପ୍ନକୁ ସାଉଣ୍ଟୁ ଥାଏ ଲୁଣି ପବନରେ...।
କେବେଠୁ ପଚାରିନାହଁ,
ଅଦ୍ୱୈତ ଆଶ୍ରମ ପଛ ସେ ମଧୁମାଳତୀ ଗଛରେ
ଆସି ଲାଣିକି ନାହିଁ ଲାଲ ଫୁଲ ପେନ୍ଥା..।
ଯାହା ତଳେ ତୁମ ଓଠ ମୋ ଓଠକୁ
ଛୁଇଁ ଥିଲା କହିବାକୁ ଛାତି ତଳ କଥା।
ସ୍ମୃତି କଣ ତୁମ ଭଳି ଦୁଷ୍ଟ ଝିଅ ଟିଏ?
ଯିଏ ବାରମ୍ବାର ଆସି ଥାଏ, ନିଦରୁ ଉଠାଏ...
ଓଲଟାଏ ପୁରୁଣା ଆଲବମ ପୃଷ୍ଠା
ରାତି ଅଧେ, ଖରାବେଳେ ଦିନ ଦିପହରେ..।
ହାତ ଟାଣି ନେଇଯାଏ ଆଉ ଥରେ ରଙ୍ଗ ଭରିବାକୁ
ତମର ସେ ପୁରୁଣା ସ୍କେଚରେ, କୋଣାର୍କ ମୁଦ୍ରାରେ
ପାହାନ୍ତି ବେଳାରେ,
ନିଦୁଆ ସମୁଦ୍ରକୂଳରେ...
ଶୀତ ସକାଳରେ ...।
ଖୋଜୁଥାଏ ସମୁଦ୍ର ବାଲିରେ
ଝାପ୍ସା ପାଦ ଚିନ୍‌ହ ସେ ଦିନର,
ଶାମୁକା,ଗରଡ଼ା ...।
ଖୋଜିଲେ ତ ମିଳିବ ନିଶ୍ଚୟ,
ଅଦିନରେ ଝଡି ଯାଇଥିବା
ଫୁଲର ପାଖୁଡା..
ଆମ କାହାଣୀର ଭଗ୍ନ ଶିଳାଲେଖ
ଖଣ୍ଡଗିରି ପାହାଡ଼ ଉପରେ
ଯାହା ଦିନେ ହୋଇଥିଲା ଗଢା...।
ବାସ୍ନା ସେଇ ଉନ୍ମୁକ୍ତ ଛାତିର
କୋଣାର୍କ ଝାଉଁ ବଣ ଶୀତଳ ଛାଇରେ..
'ନାରୀତ୍ୱ' କବିତାର ପଙ୍କ୍ତିସବୁ ଶାନ୍ତ ପବନରେ,
ଧଉଳି ଗିରିରେ...।
କେବେଠୁ ଆସିନି ଆଉ
ରଙ୍ଗର ଉତ୍ସବ
ଆକାଶକୁ ଭରି ତାର ପଲାଶ ରଙ୍ଗରେ,
ତଥାପି ବି ମୁଁ ଜାଣିଛି
ତମେ କିଛି ଭୁଲି ଯାଇନାହଁ,
ସେ ପ୍ରଭାତୀ ରଙ୍ଗ
ଯାଇନି ପବନେ ମିଳାଇ...।
କେମିତି ବା ପରିପୂର୍ଣ ହବ ଅଧା ସ୍ୱପ୍ନ ନେଇ?
ସମସ୍ତେ ଶୋଇ ଗଲେଣି
ରାତି ଦୁଇ ବାଜି ଲାଣି
ଲାଗେ ମତେ
ଏବେ ଆସିଯିବ ହୋଲି...।
ମିନି ସ୍କଟ ପିନ୍ଧି,
ନାଭିରେ କସ୍ତୁରୀ ଲେପି ଫଗୁ ରଙ୍ଗ ଗୋଳି...।
ଅନ୍ଧାରରେ ପାଦ ଚିପି ଚିପି
ବାହାରିବ କବାଟ କଣରୁ ଅବା ଖଟ ତଳୁ
ସମସ୍ତଙ୍କ ଅଲକ୍ଷ୍ୟରେ
ଧୀରେ ଆସି ଆବୋରିବ
ମୋ ଆକାଶ,
ଏକାକାର କରି ନେବ ତା ଭିତରେ...।
ମୋ ଛାତିରେ,
ରଙ୍ଗ ତାର ବୋଲି ....।

*ରଙ୍ଗମାଟିଆ,ମଞ୍ଚେଶ୍ୱର,ଭୁବନେଶ୍ୱର*

## ବୋଉଥିଲେ

### ଅନସୂୟା ପଣ୍ଡା



ଆବେଗର ପଂକ୍ତି ହେଇ
ଘର ଜୀଇଁଥାଏ ବୋଉଥିଲେ
ଆପଣା ଛାଏଁ ପାଦ ଦୌଡେ ସେଇ ଦିଶାରେ
ଶୋଚନା ଅନୁଶୋଚନାକୁ ଅଗ୍ରାହ୍ୟ କରି।

ଥରେ ଯାଇଥିଲି ବୋଉ ନଥିଲା ଘରେ
ଲାଗିଲା ଆସିଯାଇଛି ଭୁଲ୍ ଠିକଣାରେ
ବିଷର୍ଣ୍ଣ ଦାଣ୍ଡ ଦୁଆର ଥିଲା
ଖାଁ ଖାଁ ଲାଗୁଥିଲା ଘର
ବାକି ସମସ୍ତେ ଆପଣାର ଥିବା ସତ୍ତ୍ୱେ।

ବୋଉର ବାସ୍ନା ନଥିଲା
ଠାକୁର ଘରୁ ଆମର
କଖାରୁ ଡଙ୍କରେ ନଥିଲା
ସୁଆଦ ବୋଉ ହାତର
ସବୁ ଲାଗୁଥିଲା ପାଣିଚିଆ।

ଅଚାନକ ଆମକୁ ଦେଖି
ଚଞ୍ଚଳ ହୋଇ ଉଠେ
ଥକି ପଡିଥିବା ପାଦ
ନଇଁ ପଡିଥିବା ଅଣ୍ଟା
ସଳଖି ଠିଆ ହୁଏ ମନ ଜୋରରେ
ହାତ ଉତ୍ସାହରେ ଭରେ।

ବୋଉ ଏମିତି ହୃଦୟରେ
ବହୁଥିବା ଆଦ୍ୟ କଥା
ଆତ୍ମାରେ ବନ୍ଧା ପଡିଥିବା
ତୃପ୍ତିର ଚିର ସ୍ରୋତ।

ବୋଉମାନେ
ବୟସ ଗଡିବା ପରେବି ଅପରୂପା
ଯୋଗମାୟାଙ୍କ ପରି ଅଭୟ ଦାୟିନୀ
ବୋଉଥିଲେ ଉତ୍ସବ ଉତ୍ସବ ଲାଗେ ଘର
ଇଡି ହୋଇ ପଡୁଥାଏ ନିରନ୍ତର
ସ୍ନେହର ଅକ୍ଷତ ଶ୍ରୀଅଙ୍ଗରୁ ତା'ର।

*ବୁର୍ଲା, ସମ୍ବଲପୁର,*
*ଦୂରଭାଷ : ୮୩୨୮୯୪୫୮୮୫*

## ଆମରି ପ୍ରିୟ ପଖାଳ

### ରାମଚନ୍ଦ୍ର ବେହେରା



ପଖାଳ ଆମରି ଅତି ପ୍ରିୟ ଖାଦ୍ୟ
ଜୈବସାରେ ଭରପୁର
ଧନୀଠୁ ଦରିଦ୍ର ସଭିଏଁ ଖାଆନ୍ତି
ନକରି ବାଛ ବିଚାର
ଦେହକୁ ରଖେ ଶୀତଳ
ରୋଗ ପ୍ରତିରୋଧ ଶକତି ବଢାଏ
ଶରୀର ରୁହେ ଚଂଚଳ।
କୃଷକ ଶ୍ରମିକ ଦୀନ ମଜୁରିଆ
ଖାଆନ୍ତି ପଖାଳ ନିତି
ଦିବା ନିଶି ଶ୍ରମ କରନ୍ତି ସରାଗେ
ଦୂରେଇ ପରାଣୁ କ୍ଲାନ୍ତି
ତା' ସୁଆଦ ଅନୁପମ
ଶରୀରକୁ ହିତ ରଖେ ରୋଗମୁକ୍ତ
ଖାଦ୍ୟ ମଧ୍ୟେ ସର୍ବୋତ୍ତମ।
ପଖାଳରେ ଅଛି ଔଷଧୀୟ ଗୁଣ
ଜଳୀୟଅଂଶ ବହୁତ
ରୌଦ୍ରତାପ ଡର ନରୁହେ ପରାଣେ
ପିଇଲେ ତୋରାଣୀ ମିତ
ସବୁଠି ପାଏ ଆଦର
ବାତ ଅଂଶୁଘାତ ରକ୍ତଚାପ ପିତ୍ତ
ପଖାଳ କରଇ ଦୂର।
ଭୃସଂଗ ଜୀରାର ଛୁଂକରେ ପଖାଳ
ବାସିଉଠେ ମହମହ
ଅଦା ଲଂକା ଛେଚା ଲେମ୍ବୁ ଘୋଳଦହି
ବଢାଏ ଖାଇବା ମୋହ
ବଡିଚୁରା ଶାଗଭଜା
ଚୂନାମାଛ ସହ ପୋଡା ଆଳୁଭର୍ତ୍ତା
ପାଟିକୁ ଲାଗଇ ମଜା।
କିଛି ନମିଳିଲେ ଲଂକା ପିଆଜରେ
ହୋଇଥାଏ ମନବୋଧ
କଅଁଳ କାକୁଡି କଷି ଆମ୍ବ ନସି
ବଢାଏ ତୋରାଣୀ ସ୍ୱାଦ
ଆମରି ପ୍ରିୟ ପଖାଳ
ତୋରାଣୀରେ ତା'ର ଭିଟାମିନ୍ ତତ୍ତ୍ୱ
ଦେହକୁ ରଖେ କୋମଳ।
ଆମ ରାଇଜର ଗୌରବ ପଖାଳ
ଏକଥା ମନେ ରଖିବା
ତା'ନିହିତ ଗୁଣ ବିଶ୍ୱ ଦରବାରେ
ପରିଚିତ କରାଇବା
ଜଗତ ଜନଂକ ହିତେ
ମାର୍ଚ୍ଚ କୋଡିଏରେ ପଖାଳ ଦିବସ
ମନାଇବା ଖୁସି ଚିତ୍ତେ।

*ତେନ୍ତୁଳିପଦା,ଜଗତସିଂହପୁର*
*ଦୂରଭାଷ : ୭୩୫୫୬୩୪୩୪୬*

## ମଣିଷ ପଣିଆ

### ସୁଧୀର ମେହେର



କା' ଖୁସିରେ
ଚେନାଏ ହସ ହୋଇ ବାଣ୍ଟି ହେବା,
କା'ଦୁଃଖରେ
ଟୋପେ ଲୁହ ହେବା
କ'ଣ ଅପରାଧ?
ଶରବିଦ୍ଧ ପକ୍ଷୀକୁ ମୁଁ ଯଦି
ଲହୁଣିପଟି ବାନ୍ଧି ଉଡେଇ ଦେଲି,
ଅନ୍ଧ ଲୋକଟିକୁ ମୁଁ ଯଦି ଗହଳି ଭିତରୁ
କାଢି ଆଣି ବାଟ କଡେଇ ଦେଲି,
ଜଣେ ଫୁଟ୍ ପାଥରେ ଶୀତରେ ଥୁରୁଥୁରୁ
ଅସହାୟ ଲୋକଟିକୁ ମୁଁ ଯଦି
ନିଜ ବାରଣ୍ଡାରେ ଶୋଇବାକୁ ଜାଗା ଦେଲି,
ସୁଅ ମୁହଁରେ ଭାସି ଯାଉଥିବା ପିମ୍ପୁଡ଼ିଟିକୁ
ମୁଁ ଯଦି ପତ୍ରଟିଏ ପକେଇ ଦେଲି ମୁଁ କିଛି
ଅପରାଧ କଲି କି?
କିଛି ବୁଝି ନ ସୁଝି
କାହିଁକି ଦେଖଣାହାରୀଏ ତିଳକୁ ତାଳ କରି
ଧୋବ ଫରଫର ଛାତିରେ
ଛିଞ୍ଚି ଦିଅନ୍ତି ପୁଳାଏ କାଳି,
ସ୍ପଷ୍ଟ ଦିଶୁଥିବା ମୁହଁକୁ କରିଦିଅନ୍ତି ବିଭତ୍ସ,କଦାକାର!
କାହିଁକି,
ଏମାନେ ଅଣ୍ଡାଳି ବସନ୍ତି
ଉଦାରତାର ରହସ୍ୟ ଓ କାରଣ?
କାହାର ଆବଶ୍ୟକ ବେଳେ
ତା'ପାଖରେ ଠିଆ ହେବା,
ତା'କାନ୍ଧରେ ହାତ ଥାପିବା କ'ଣ ଅପରାଧ!
ଦୁନିଆର ଶ୍ରେଷ୍ଠ ଜୀବ ହୋଇବି
ଏମାନେ ଏତେ ନିର୍ଦ୍ଦୟ କେମିତି
ହୋଇ ପାରନ୍ତି ସତେ!
କୁଆଡେ ଗଲା ମଣିଷପଣିଆ!

ଚିଚୈଗୁଡା, ଜୁନାଗଡ଼,
*କଳାହାଣ୍ଡି,ପିନ୍-୭୬୬୦୧୪*
*ଦୂରଭାଷ : ୯୫୮୩୫୮୮୮୭*

## ଅପୂର୍ବ ପ୍ରେମ

### ସୁଧାଂଶୁ ଶେଖର ଦ୍ୱିବେଦୀ



ମଣିଆ ମଉସା ଗାଁର ଜଣେ ଜଣାଶୁଣା ଚାଷୀ ଭାବେ ପରିଚିତ। ସ୍ନେହ ସମ୍ମାନ ସ୍ୱଭାବ ଦ୍ୱାରା ଗାଁର ପ୍ରତିଟି ଲୋକଙ୍କ ନିକଟରେ ସେ ଆପଣାର ହୋଇପାରିଥିଲେ। ତାଙ୍କର ବଡ଼ ପରିବାର। ସମସ୍ତେ ନିଜ ନିଜ କର୍ମ ଧନ୍ଦାରେ ବ୍ୟସ୍ତ। ପରିବାରରେ ସ୍ୱଜନଙ୍କ ସଂଖ୍ୟା କମ୍ କିନ୍ତୁ ଗୃହପାଳିତ ପଶୁଙ୍କ ସଂଖ୍ୟା ସେମାନଙ୍କଠାରୁ ଅଧିକ ଥିଲା। ଗାଈ, ବଳଦ, ବାଛୁରୀଙ୍କ ବ୍ୟତୀତ କିଛି ଛେଳି ମଧ୍ୟ ତାଙ୍କ ପରିବାରରେ ଅଂଶୀଦାର ଥିଲେ। ସେ ତାଙ୍କ ରକ୍ତ ସମ୍ପର୍କୀୟଙ୍କୁ ଯେତେ ଭଲ ପାଉଥିଲେ ସେତେ ପରିମାଣରେ ପାଳିତ ପଶୁଙ୍କୁ ଭଲ ପାଉଥିଲେ। କେତେକଙ୍କୁ ନାମକରଣ କରି ସେହି ନାମରେ ଡାକୁଥିଲେ। ସେମା ନଙ୍କ ମଧ୍ୟରୁ ଦୁଇଟି ଗାଈର ନାମ ଝୁମୁରି ଓ ଘୁଙ୍ଗୁରି ରଖିଥିଲେ। ମଣିଆ ମଉସାଙ୍କର ଅତି ପ୍ରିୟ ଥିଲେ ଦୁଇଟି ଗାଈ। ସେ ଯୋଉଠି ବି ଥାଆନ୍ତୁ ଝୁମୁରି ଓ ଘୁଙ୍ଗୁରି ବୋଲି ଡାକ ମାରିଲେ ଦୁହେଁ ତା'ଙ୍କ ନିକଟକୁ ଦୌଡ଼ି ଆସନ୍ତି। ଗାଈ ଦୁଇଟିଙ୍କ ପ୍ରତି ମଣିଆ ମଉସାଙ୍କର ବିଶେଷ ସ୍ନେହ ଶ୍ରଦ୍ଧା ଥିଲା। କେବଳ ସେ ଦୁହିଙ୍କୁ ନୁହେଁ ସମସ୍ତ ଗୃହପାଳିତ ପଶୁଙ୍କ ପ୍ରତି ତାଙ୍କର ଅଗାଧ ସ୍ନେହ ଅଶେଷ ଭଲପାଇବା ଥାଏ। ଗୋରୁ ଖୁଆଡ଼ରେ ମଣିଆ ମଉସା ଯେବେ ଝୁମୁରି ଓ ଘୁଙ୍ଗୁରିର ଗଳା ଆଉଁସି ଦିଅନ୍ତି ଦୁହେଁ ପ୍ରଫୁଲ୍ଲିତ ହୋଇ କୋମଳମତି ଶିଶୁଙ୍କ ଭଳି ତାଙ୍କ ଉପରେ ଆଉଜି ପଡ଼ନ୍ତି। ତାଙ୍କ ଉପସ୍ଥିତିରେ ଖୁଆଡ଼ରେ ଥିବା ସମସ୍ତ ପଶୁଙ୍କ ମନରେ ଅଦ୍ଭୁତ ଖୁସି ର ଲହରୀ ଖେଳିଯାଏ। ଚାରଣଭୂଇଁ ହେଉ କି କ୍ଷେତରୁ ଫେରିବା ପରେ ହେଉ ସମସ୍ତେ ଯେମିତି ମଣିଆ ମଉସାଙ୍କ ସାନ୍ନିଧ୍ୟ ପାଇବାକୁ ଅପେକ୍ଷା କରିଥାନ୍ତି। ପଶୁ ଓ ମଣିଷ ମଧ୍ୟରେ ଏଭଳି ଏକ ପ୍ରେମ ସମ୍ପର୍କ ଥିଲା ଯେବେ ମଣିଆ ମଉସା ରାତିରେ ଥରେ ଦିଇଥର ଗୁହାଳ ଘରକୁ ଯାଇ ସଭିଙ୍କୁ କୁଟା, ଘାସ ଖାଇବାକୁ ଦିଅନ୍ତି ସ୍ନେହରେ ସଭିଙ୍କ ପିଠିରେ ହାତ ରଖନ୍ତି ସେମାନେ ଆତ୍ମତୃପ୍ତିରେ ବିଭୋର ହୋଇଯାଆନ୍ତି।

ଗହ୍ମା ପୂର୍ଣ୍ଣିମା ଦିନ ଗ୍ରାମର ସମସ୍ତଙ୍କ ଘରେ ଗୋ-ମାତାଙ୍କର ପୂଜା ନିମନ୍ତେ ସିନ୍ଦୁର, ଚନ୍ଦନ ଓ ଫୁଲ ମାଳ ପିନ୍ଧାଇ ସଜା ହେଉଥାଏ। ଈଶ-ଲଙ୍ଗଳ, ଦ୍ୱାର ବନ୍ଧ ଆଦି ପୂଜା ହେଉଥାଏ। ଗାଁର ବାତାବରଣ ପୂରା ଉଲ୍ଲାସରେ ଭରିଯାଇଥାଏ। କିନ୍ତୁ ମଣିଆ ମଉସାଙ୍କ ଖୁଆଡ଼ ରେ ଥିବା ଗୋରୁମାନେ ଉଦାସ ଥିବା ଭଳି ଜଣାପଡୁଥାନ୍ତି। ସେମା ନଙ୍କ ମନରେ ଖୁସି ନଥାଏ କି ଉଲ୍ଲାସ ନଥାଏ।ବେଳେ ବେଳେ ହମା ରଡି ଓ ମେଏଂ-ମେଏଂ ଶବ୍ଦରେ ବାତାବରଣକୁ ପ୍ରକମ୍ପିତ କରୁଥାନ୍ତି।ମୂଲିଆ ବଟ ଦାସ ସମସ୍ତ ଗୃହପାଳିତ ପଶୁଙ୍କ କପାଳରେ ଚନ୍ଦନ,ସିନ୍ଦୁର ଲଗେଇ ଗଳାରେ ଫୁଲମାଳ ପିନ୍ଧାଇ ସଜେଇ ଦେଇଥାଏ।ତଥାପି ସେମାନଙ୍କ ମନରେ ଆନନ୍ଦ ନଥାଏ।କାରଣ ସ୍ପଷ୍ଟ-ଗୋଟେ ସପ୍ତାହ ହେବ ମଣିଆ ମଉସାଙ୍କ ସ୍ନେହର ସ୍ପର୍ଶ ସେମାନଙ୍କ ଦେହରେ ବାଜି ନାହିଁ।କୋଉଠି ଅଛନ୍ତି ମଣିଆ ମଉସା? ବୋଧହୁଏ ଏଭଳି ପ୍ରଶ୍ନ ସେମାନଙ୍କ ମନରେ ବାରମ୍ବାର ବିସ୍ମୟ ସୃଷ୍ଟି କରୁଥାଏ।



ପ୍ରତିଦିନ ଘୁଙ୍ଗୁରି ଖୁଆଡ଼କୁ ଯିବାବେଳେ ମଣିଆ ମଉସା ଯେଉଁ ଘରେ ଶୁଅନ୍ତି ସେଇ ଅଗଣା ବାଟେ ଯାଏ। ମଉସା କାହା ସହିତ ବାର୍ତ୍ତାଳାପ କରୁଥିବା କି ଛିଙ୍କିବା ଅବସ୍ଥାର ଉପସ୍ଥିତିକୁ ଅନୁଭବ କରି ନିଏ। କିନ୍ତୁ ୭ ଦିନ ହେଲାଣି ତାଙ୍କର ଉପସ୍ଥିତିକୁ ଅନୁଭବ କରି ନପାରି ମନ ଦୁଃଖରେ ବାରଣ୍ଡା ପାରିହେବା ବେଳେ ଏପଟ ସେପଟ ଚାହିଁ ଖୋଜିହେଉଛି। ସେ କାହୁଁ ଜାଣିପାରିବ ମଣିଆ ମଉସା ୭ ଦିନ ହେବ ହସ୍ପିଟାଲ ବେଡ୍ ରେ ଚିକିତ୍ସା ହେଉଛନ୍ତି! ଗହ୍ମା ପୂର୍ଣ୍ଣିମା ରାତିରେ ମଣିଆ ମଉସାଙ୍କୁ ହସ୍ପିଟାଲରୁ ଛୁଟି ମିଳିଲା। ଆହୁରି ଗୋଟେ ସପ୍ତାହ ଆରାମ ନେବାପାଇଁ ଡାକ୍ତର ତାଙ୍କୁ ପରାମର୍ଶ ଦେଇଛନ୍ତି। ହେଲେ ଝୁମୁରି, ଘୁଙ୍ଗୁରି ଓ ଅନ୍ୟ ପଶୁଙ୍କର ହାଲଚାଲ ଜାଣିବାକୁ ମନ ତାଙ୍କର ବିଚଳିତ ହେଉଥାଏ। ତା ପରଦିନ ସକାଳୁ ସକାଳୁ ମଣିଆ ମଉସାଙ୍କ ବଡ଼ ବୋହୂ ଚା' ଦେବାକୁ ଯାଇ ଆଶ୍ଚର୍ଯ୍ୟ ଚକିତ ହୋଇପଡିଲା। ମଉସାଙ୍କ ପଲଙ୍କ ନିକଟରେ ଘୁଙ୍ଗୁରି ଓ ଝୁମୁରି ଆରାମରେ ଶୋଇଥାନ୍ତି। ମଣିଆ ମଉସା ଦୁଇ ହାତରେ ଦୁହିଙ୍କ ଗଳାକୁ ସ୍ନେହରେ ଆଉଁସି ଦେଉଥାନ୍ତି। ସତରେ ଇଏ ଏକ ଅପୂର୍ବ ପ୍ରେମ ପଶୁ ଓ ମଣିଷ ମଧ୍ୟରେ!

*ବିସି-୭୪,ସଲ୍ଟ ଲେକ୍,କଲକତା-୬୪*
*ମୋ-୯୬୮୧୩୭୩୫୧୨*

**ଶାସ୍ତ୍ରୀୟ ଭାଷା ଓଡ଼ିଆ ପୁସ୍ତକ ଉନ୍ମୋଚିତ**

# ‘ଓଡ଼ିଆ ଭାଷାର ଶାସ୍ତ୍ରୀୟତା ସନ୍ଦର୍ଭ ପାଠ୍ୟପୁସ୍ତକ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ’



**ଭୁବନେଶ୍ୱର :** ଓଡ଼ିଆ ଭାଷା ସର୍ବଭାରତୀୟ ସ୍ତରରେ ଶାସ୍ତ୍ରୀୟ ସ୍ୱୀକୃତି ପାଇସାରିଛି, ମାତ୍ର ଶିକ୍ଷାକ୍ଷେତ୍ରରେ ପାଠ୍ୟପୁସ୍ତକ ଭାବରେ ଏ ପର୍ଯ୍ୟନ୍ତ ଗ୍ରହଣୀୟ ହୋଇ ନାହିଁ। ଏପରିକି ଓଡ଼ିଶାର ରାଜନୈତିକ, ସାଂସ୍କୃତିକ, ଅର୍ଥନୈତିକ, ସାମାଜିକ ତଥା ଭାଷା ଓ ସାହିତ୍ୟର ତଥ୍ୟଭିତ୍ତିକ ଇତିହାସ ଏ ପର୍ଯ୍ୟନ୍ତ ଲେଖା ଯାଇନାହିଁ। ତେଣୁ ଶାସ୍ତ୍ରୀୟତା ଆଧାରରେ ଓଡ଼ିଶା ଇତିହାସ ପୁନଃଲିଖନର ଆବଶ୍ୟକତା ଅଛି ବୋଲି ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ମାନ୍ୟବର ଉଚ୍ଚଶିକ୍ଷା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ଓଡ଼ିଆ ଭାଷାପାଇଁ ସମର୍ପିତ ବ୍ୟକ୍ତିତ୍ୱ ଡକ୍ଟର ସୁବ୍ରତ କୁମାର ପୃଷ୍ଟିଙ୍କ ଅବଦାନକୁ ଏ ଜାତି ଚିର ସ୍ମରଣୀୟ ରଖିବା ସହିତ ଆଜିର ଏହି ପବିତ୍ର ଦିନରେ ତିନୋଟି ଅମୂଲ୍ୟ ଗ୍ରନ୍ଥ ଶାସ୍ତ୍ରୀୟତା ଏକ ସଂଘର୍ଷ, ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମ ବିକାଶ, ଏବଂ ଶାସ୍ତ୍ରୀୟ ଭାଷା ଓଡ଼ିଆ ପୁସ୍ତକ ଉନ୍ମୋଚିତ କରି ନିଜକୁ ଗର୍ବିତ ମନେ କରୁଛି। ଡକ୍ଟର ପୃଷ୍ଟିଙ୍କର ଭାଷା, ଇତିହାସ, ସଂସ୍କୃତିକୁ ଖୋଜି ଉପଯୁକ୍ତ ତଥ୍ୟ ଆଧାରରେ ଅଢେଇ ବର୍ଷର ଭାଷା ବୋଲି ପ୍ରମାଣିତ ହେବା ଆମପାଇଁ ଗୌରବ ଆଣି ଦେଇଛି। ଅଥଚ ଏହି ଗୌରବ ଆଣିଥିବା ଡକ୍ଟର ପୃଷ୍ଟି ପ୍ରଚ୍ଛଦପଟରୁ ହଜିଯିବା ଏ ଜାତିର ଦୁର୍ଭାଗ୍ୟକୁ ସୂଚାଉଛି। ବର୍ତ୍ତମାନ ଓଡ଼ିଶା ସରକାର ଏ ଦିଗରେ ବିଭିନ୍ନ ପଦକ୍ଷେପ ନେବାପାଇଁ ଉଦ୍ୟମ କରୁଛନ୍ତି। ଲୋକାର୍ପିତ ହୋଇଥିବା ତିନୋଟି ପୁସ୍ତକର ଆଲୋଚନା କରି ପ୍ରଦ୍ୟୁମ୍ନ ଶତପଥୀ, ବିଶିଷ୍ଟ ଗାଳ୍ପିକ ଦେବ ପ୍ରସାଦ ଦାସ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଶାସ୍ତ୍ରୀୟତା ପ୍ରାପ୍ତିର ପ୍ରାକ୍ ଇତିହାସ ସହିତ ଓଡ଼ିଶାର ଲୁକ୍କାୟିତ ଇତିହାସକୁ ଉନ୍ମୋଚନ କରିଥିଲେ। ସଭାର ଉଦ୍ଘାଟକ ଭାବରେ ପଦ୍ମଶ୍ରୀ କୁମକୁମ ମହାନ୍ତି, ଡକ୍ଟର ପୃଷ୍ଟିଙ୍କ ଉଦ୍ୟମକୁ ପ୍ରଶଂସା କରିଥିବା ବେଳେ ଶାସ୍ତ୍ରୀୟତା ରାଜନୈତିକ ରୂପ ଦେଇ ସଫଳତା ଆଣିଥିବା ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଶାସ୍ତ୍ରୀୟତା ସଂଗ୍ରାମର ସୂଚିତାରଣ କରି ଡକ୍ଟର ପୃଷ୍ଟିଙ୍କ ଏକନିଷ୍ଠା ଗୁଣପାଇଁ ବାରମ୍ବାର ଗାଳି ଦେଉଥିଲେ ବି ଏହା କିପରି ଓଡିଆ ଭାଷାକୁ ଶାସ୍ତ୍ରୀୟମାନ୍ୟତା, ଓଡ଼ିଆ ବିଶ୍ୱବିଦ୍ୟାଳୟ, ସ୍ଥାପନା, ଓଡ଼ିଆରେ ଉଚ୍ଚଶିକ୍ଷା, ଓଡ଼ିଆରେ ନିଯୁକ୍ତି ପରୀକ୍ଷାର ବାଟ ଫିଟାଇ ପାରିଛି, ତାହା ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ମୀର ଅହମଦ ଅଲ୍ଲୀ, ନିରଦ ବରଣ ଖୁଣ୍ଟିଆ, ମନମୋହନ ସାହୁ, ତୁଳସୀ ବିଶ୍ୱାଳ, ରଶ୍ମିତା ଗିରି, ମନୋଜ ସାହୁ ଓ ଦେବେନ୍ଦ୍ର ଆଚାର୍ଯ୍ୟ ପରିଚାଳନା କରିଥିବାବେଳେ ଓଡ଼ିଶାର ବିଶିଷ୍ଟ ପ୍ରକାଶକ ବିକେ ପ୍ରକାଶନୀର ବିଜୟ କୁମାର ମହାପାତ୍ର, ଧନ୍ୟବାଦ ଅର୍ପଣ କରିଥିଲେ।

# ବୋରୀଗାଁରେ ଫଗୁଣ ମଣ୍ଡେଇ ପାଳିତ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ବୋରୀଗାଁ ଠାରେ ଆଦିବାସୀ ମାନଙ୍କ ପାରମ୍ପାରିକ ଫଗୁଣ ମଣ୍ଡେଇ ରବିବାର ପାଳିତ ହୋଇଯାଇଛି। ତୁରୀ, ବାଦ୍ୟ, ଢୋଲ, ମାଦଳ ବାଦ୍ୟର ତାଳେତାଳେ ଶେଷ ହୋଇଛି ଏହି ଉତ୍ସବ। ଏଥିରେ ବୋରୀଗାଁ, ଘୋଡ଼ାଖୁଣ୍ଟା, ଜୁନାପାଣି, ଜବାଗୁଡା, ବଡ଼ଓଲମା, କୋଇଲାରି ଗ୍ରାମ ପଞ୍ଚାୟତ ସମେତ ପ୍ରତ୍ୟେକ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଲାଠି, କୁର୍ଚି ଓ ପାଲିଙ୍କି ଠାକୁରାଣୀ ମନ୍ଦିରରେ ବହୁ ସଂଖ୍ୟାରେ ଯୋଗଦେଇ ଠାକୁରାଣୀ ଗୁଡିରେ ପୂଜାର୍ଚ୍ଚନା ହୋଇଥିଲା। ପୂଜାରୀ, ଶିରା ଓ ଦିଶାରିମାନେ ସାଜସଜା ହୋଇ ଖଣ୍ଡା ଧରି ଗର୍ଦନଭଟ୍ଟା ଠାରେ ଦେବାଦେବୀଙ୍କର ନୃତ୍ୟ ପରିବେଷଣ କରିଥିଲେ। ପରେ ସନ୍ଧ୍ୟାରେ ସମସ୍ତ ଲାଠି, କୁର୍ଚି, ବିମାନ ନଗର ପରିକ୍ରମା କରି ଗର୍ଦନଭଟ୍ଟା ଠାରେ ଦେବାଦେବୀଙ୍କର ନୃତ୍ୟ ପରିବେଷଣ କରିଥିଲେ। ପରେ ମୁଖ୍ୟ ପୂଜାରୀ ସୁକାଲୁ ପୂଜାରୀଙ୍କ ଘରେ ଏକତ୍ରିତ ହୋଇଥିଲେ। ସୋମବାର ଲାଠି, କୁର୍ଚି ଓ ଶିରା ପୂଜାରୀ ମାନଙ୍କୁ ନୂତନ ବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇ ବିଦାୟ ଦିଆଯିବ। ଏହି ମଣ୍ଡେଇ ପାଳନରେ ଦର୍ଶକ ମାନଙ୍କ ମନୋରଞ୍ଜନ ପାଇଁ ରାତ୍ରିରେ ୨ଟି ଦେଶୀଆ ନାଟ (ଆଦିବାସୀ ନାଟକ) ଯଥା-ଝରିଗାଁ ବ୍ଲକ ତେଲକନାରୀ ଗ୍ରାମର ଭୁବନ ଗୁରୁଙ୍କ ନିର୍ଦ୍ଦେଶିତ ଓ କୁନ୍ଦ୍ରା ବ୍ଲକ ଜାମକନାରୀ ଗ୍ରାମର ଦାମ ଗୁରୁଙ୍କ ନିର୍ଦ୍ଦେଶିତ ନାଟ୍ୟ ପରିବେଷଣ କରାଯାଇଛି। ଏଥିରେ ଡାବୁଗାଁ ଲୋକପ୍ରିୟ ବିନାୟକ ମନୋହର ରନ୍ଧାରୀ, ଜିଲ୍ଲାପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଧନସିଂ ଭତରା, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝୀ, ପାପଡାହାଣ୍ଡି ଜିଲ୍ଲା ପରିଷଦ ସଭ୍ୟା ଡା. ଲିପିକା ମାଝୀ, ବିଜେପି ଜୟନ୍ତ ପାତ୍ର ଓ ଜି କିରଣ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେଡିରେ ...

ନବୀନ ପଟ୍ଟନାୟକ? ଆଗକୁ ବବି-ପାଣ୍ଡିଆନଙ୍କ ବିରୋଧରେ ଅସନ୍ତୋଷ ନେବାକୁ ଯାଉଛି ବିସ୍ଫୋରକ ରୂପ? ବିଜେଡି ନେତା ସଞ୍ଜୟ ଦାସବର୍ମାଙ୍କ ୟୁ-ଟର୍ଣ୍ଣକୁ ନେଇ ଏବେ ସବୁଠି ଚର୍ଚ୍ଚା। ବିଶେଷକରି ଏବେ ବବିଙ୍କ ରାଜନୀତିକ ପତିଆରା ବଢ଼ାଇବା ଓ ପାଣ୍ଡିଆନଙ୍କୁ ଖୁସି କରିବା ନିମନ୍ତେ ସଞ୍ଜୟ ଲାଗିପଡ଼ିଥିବା ଦଳୀୟ ମହଲରେ ଚର୍ଚ୍ଚା ହେଉଛି। ବରିଷ୍ଠ ନେତା ଅଶୋକ ପଣ୍ଡା ଦଳକୁ ସଂଗଠିତ ଓ ସୁଦୃଢ଼ କରିବାକୁ ଦେଇଥିବା ମନ୍ତବ୍ୟ ପରୋକ୍ଷରେ ବବି-ପାଣ୍ଡିଆନଙ୍କ ମାମଲାତି ଆଡ଼କୁ ଇଙ୍ଗିତ କରୁଥିବାରୁ ସଞ୍ଜୟ ଆଗକୁ ଆସି ଏହା ଅଶୋକଙ୍କ ବ୍ୟକ୍ତିଗତ ମତ କହି ବିରୋଧ କରିଛନ୍ତି। ଅନୁଭବ ଏବଂ ବର୍ତ୍ତମାନ ପୀଢ଼ୀ ମଧ୍ୟରେ ସମନ୍ୱୟ ରଖି ସଂଗଠନକୁ ଶକ୍ତିଶାଳୀ କରିବା ଦିଗରେ ସମସ୍ତେ ଚେଷ୍ଟା କରିବା ଉଚିତ୍। ଦଳ ଏବେ ଅତ୍ୟନ୍ତ କଠିନ ସମୟରେ ଗତି କରୁଛି। ଆମ ସମସ୍ତଙ୍କୁ ଏକଜୁଟ ହୋଇ ଦଳକୁ ଶକ୍ତିଶାଳୀ କରିବାର ଆବଶ୍ୟକତା ରହିଛି ବୋଲି ସଞ୍ଜୟ କହିଛନ୍ତି।

### ଭାରତୀୟ ...

ଆମେରିକା ସହ ସମ୍ପର୍କ ନେଇ କହିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ସୁସମ୍ପର୍କ ରହିଛି। ଟ୍ରମ୍ପଙ୍କୁ ଜଣେ ସାହସୀ ନେତା ବୋଲି ଅଭିହିତ କରିଛନ୍ତି ମୋଦି। ଚାଇନା ପ୍ରସଙ୍ଗରେ କହିଛନ୍ତି ଆମେ ଡିସପୁଟ ନୁହେଁ ଡାଏଲଗ ଚାହୁଁ। ଗୁଜରାଟ ଦଙ୍ଗା ପ୍ରସଙ୍ଗକୁ ନେଇ କହିଛନ୍ତି ବିଶ୍ୱରେ ଏମିତି କିଛି ଆତଙ୍କବାଦୀ କାର୍ଯ୍ୟକଳାପର ବଡ଼ ଘଟଣା ମାନ ଘଟିଥିଲା । ଯାହା ସେତେବେଳେ ଇନ୍ଧନ ଯୋଗାଇଥିଲା ଗୁଜରାଟ ଦଙ୍ଗାକୁ। ଭାରତର ଲୋକତନ୍ତ୍ରକୁ ନେଇ କହିଛନ୍ତି ମୁଁ ଯେତେବେଳେ ବିଦେଶରେ ବିଭିନ୍ନ ବଡ଼ବଡ଼ ନେତାଙ୍କ ସହିତ ହାତ ମିଳାଏ ସେତେବେଳେ ମତେ ଲାଗେ ମୁଁ ନୁହେଁ ସମଗ୍ର ଭାରତୀୟ ହାତ ମିଶାଉଛନ୍ତି। ମୋ ସାହସ ମୋ ନାମ ନୁହେଁ, ମୋ ସମସ୍ତ ଭାରତୀୟ। ଫ୍ରିଡମ୍ୟାନ ପ୍ରଧାନମନ୍ତ୍ରୀଙ୍କୁ ପଚାରିଥିବା ଏକ ପ୍ରଶ୍ନର ଉତ୍ତର ଦେଇ ମୋଦି ଏହି ମନ୍ତବ୍ୟ ଦେଇଥିଲେ ଯେ ସଂଘର୍ଷ କରୁଥିବା, ଦୁନିଆରେ ହଜିଯାଇଥିବା ଏବଂ ନିଜ ପଥ ଖୋଜିବା ପାଇଁ ଚେଷ୍ଟା କରୁଥିବା ଯୁବକମାନଙ୍କୁ ସେ କ’ଣ ପରାମର୍ଶ ଦେଇପାରିବେ। ରାତି ଯେତେ ଅନ୍ଧାର ଦେଖାଯାଉ, ରାତି ଅଛି, ଏବଂ ସକାଳ ନିଶ୍ଚିତ ଭାବରେ ଆସିବ। ସେଥିପାଇଁ ଆମକୁ ଧୈର୍ଯ୍ୟ ଏବଂ ଆତ୍ମବିଶ୍ୱାସର ଆବଶ୍ୟକତା ଅଛି। ହଁ, ଚ୍ୟାଲେଞ୍ଜଗୁଡ଼ିକ ପ୍ରକୃତ, କିନ୍ତୁ ମୁଁ ମୋର ପରିସ୍ଥିତି ଦ୍ୱାରା ପରିଭାଷିତ ନୁହେଁ। ମୁଁ ଏଠାରେ ଏକ ଉଦ୍ଦେଶ୍ୟ ପାଇଁ ଅଛି, ଏକ ଉଚ୍ଚ ଶକ୍ତି ଦ୍ୱାରା ପଠାଯାଇଛି, ଏବଂ ମୁଁ ଏକା ନୁହେଁ। ଯିଏ ମୋତେ ପଠାଇଛନ୍ତି ସେ ସର୍ବଦା ମୋ ସହିତ ଅଛନ୍ତି। ଏହି ଅଟଳ ବିଶ୍ୱାସ ସର୍ବଦା ଆମ ଭିତରେ ରହିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ମୋଦି ଆହୁରି କହିଛନ୍ତି ଯେ ଅସୁବିଧାଗୁଡ଼ିକ ଧୈର୍ଯ୍ୟର ପରୀକ୍ଷା। ସେଗୁଡ଼ିକ ମୋତେ ପରାସ୍ତ କରିବା ପାଇଁ ନୁହେଁ। କଷ୍ଟ ମୋତେ ଶକ୍ତିଶାଳୀ କରିବା ପାଇଁ, ମୋତେ ବଢ଼ିବାରେ ଏବଂ ଉନ୍ନତି କରିବାରେ ସାହାଯ୍ୟ କରିବା ପାଇଁ ଅଛି, ମୋତେ ନିରାଶା କିମ୍ବା ନିରୁତ୍ସାହ ଅନୁଭବ କରାଇବା ପାଇଁ ନୁହେଁ। ବ୍ୟକ୍ତିଗତ ଭାବରେ, ମୁଁ ପ୍ରତ୍ୟେକ ସଙ୍କଟ, ପ୍ରତ୍ୟେକ ଚ୍ୟାଲେଞ୍ଜକୁ ଏକ ସୁଯୋଗ ଭାବରେ ଦେଖେ। ସମସ୍ତ ଯୁବକଙ୍କୁ, ମୁଁ କହୁଛି, ଧୈର୍ଯ୍ୟ ରଖନ୍ତୁ, ଜୀବନରେ କୌଣସି ସର୍ଟକଟ୍ ନାହିଁ, ମୋଦି କହିଛନ୍ତି, “ଆମର ରେଳ ଷ୍ଟେସନଗୁଡ଼ିକରେ, ଯେଉଁମାନେ ଅଭ୍ୟାସଗତ ଭାବରେ ବ୍ରିଜ ବ୍ୟବହାର କରିବା ପରିବର୍ତ୍ତେ ଟ୍ରାକ୍ ପାର ହୁଅନ୍ତି ସେମାନଙ୍କ ପାଇଁ ଏକ ସଙ୍କେତ ଝୁଲୁଛି, ଏଥିରେ ଲେଖା ଅଛି, ସର୍ଟକଟ୍ ଆପଣଙ୍କ ଜୀବନକୁ ଛୋଟ କରିଦେବ। ମୁଁ ଯୁବକମାନଙ୍କୁ ସମାନ କହିବି, ସର୍ଟକଟ୍ ଆପଣଙ୍କୁ ଛୋଟ କରିଦେବ। ଜୀବନରେ କୌଣସି ସର୍ଟକଟ୍ ନାହିଁ। ଧୈର୍ଯ୍ୟ ଏବଂ ଦୃଢ଼ତା ଅତ୍ୟାବଶ୍ୟକ। ଆମକୁ ଯେକୌଣସି ଦାୟିତ୍ୱ ଦିଆଗଲେ, ଆମେ ଏଥିରେ ଆମର ହୃଦୟ ଢାଳିବା ଉଚିତ। ଆମେ ଏହାକୁ ଉତ୍ସାହର ସହିତ ବଞ୍ଚିବା ଉଚିତ।

### ବିଷଠୁ ବି ...

ଗତ ୪ ବର୍ଷ ମଧ୍ୟରେ ଦ୍ୱିଗୁଣିତ ହୋଇଛି ଏସି ବ୍ୟବହାର। ଭାରତରେ ହିଟିଂ, ଭେଣ୍ଟିଲେସନ୍, ଏୟାର କଣ୍ଡିସନିଂ ଏବଂ ରେଫ୍ରିଜିରେସନ୍ ଶିଳ୍ପ ଅଭୂତପୂର୍ବ ଅଭିବୃଦ୍ଧି ହୋଇଛି। ବର୍ତ୍ତମାନ ଦେଶରେ ବାର୍ଷିକ ପ୍ରାୟ ଦେଢ କୋଟି ନୂଆ ଏସି ଲାଗୁଛି। ଚାରି ବର୍ଷ ପୂର୍ବକୁ ଯଦି ଯିବା ୪ ବର୍ଷ ପୂର୍ବେ ବର୍ଷକୁ ମାତ୍ର ୭୦ ଲକ୍ଷ ଏସି ଲାଗୁଥିଲା।

### ଆନ୍ତଃ ନଦୀ ...

ଦୂର କରିବାକୁ ନବୀନ ସରକାର ୭୨ଟି ଆନ୍ତଃନଦୀ ଜଳାଶୟ ନିର୍ମାଣ ପାଇଁ କାମ ଆରମ୍ଭ କରିଥିଲେ। ମହାନଦୀ ଜଳ ବିବାଦ ମାମଲା ଟ୍ରିବ୍ୟୁନାଲରେ ଝୁଲିଛି। ଟ୍ରିବ୍ୟୁନାଲର ରାୟକୁ ଅପେକ୍ଷା ନ କରି ଏବେ ସରକାର ଚାହିଁଲେ ମହାନଦୀରେ ଏକାଧିକ ଆନ୍ତଃନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ କରିପାରିବେ। ଯଦି ନଦୀ ପଠାରେ କିଛି ବିସ୍ଥାପିତ ସମସ୍ୟା ଉପୁଜେ ତାହେଲ ସେଥିପାଇଁ ସରକାର କ୍ଷତିପୂରଣ ଦେଇପାରିବେ। ଏପରି କଲେ କେବଳ ମହାନଦୀ ହିଁ ଜଳ ସଂକଟ ଦୂର କରିବାରେ ବଡ଼ ସହାୟକ ହୋଇପାରିବ। କେନ୍ଦ୍ର ସରକାର ସହଯୋଗ କଲେ ଛତିଶଗଡ଼ ସରକାରଙ୍କ ସହ ଆପୋଷ ଆଲୋଚନାରେ ବି ମହାନଦୀ ଜଳ ବିବାଦର ସମାଧାନ ବାହାରିପାରିବ। ଆଉ ତାକୁ ଟ୍ରିବ୍ୟୁନାଲ ଗ୍ରହଣ କରିବାରେ ଅସୁବିଧା ହେବନି। ୨୦୨୪-୨୫ ଆର୍ଥିକ ବର୍ଷରେ ବିଭାଗର ସଂଶୋଧିତ ବ୍ୟୟ ଅଟକଳ ୧୦ ହଜାର ୪୧୬ କୋଟି ୩୭ ହଜାର ଥିଲା। କିନ୍ତୁ ତୃତୀୟ କ୍ୱାର୍ଟର ସୁଦ୍ଧା ମାତ୍ର ୫୪ ପ୍ରତିଶତ ଖର୍ଚ୍ଚ ହୋଇପାରିଛି। ଯାହାକି ଅତି ନଗଣ୍ୟ। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଜଳ ସମ୍ପଦ ବିଭାଗ ପାଇଁ ୧୨ ହଜାର କୋଟିର ବଜେଟ୍। ଖୋଦ ବିଧାନସଭା ବିଭାଗୀୟ ସ୍ଥାୟୀ କମିଟି ମଧ୍ୟ ଜଳ ସଂକଟ ଦୂର କରିବା ପାଇଁ ଆଇଏସ୍‌ଏସ୍ ନିର୍ମାଣ କାମ ତ୍ୱରାନ୍ୱିତ କରିବାକୁ ସୁପାରିସ କରିଛି। ହେଲେ ଏ ସରକାର ତାକୁ ଗୁରୁତ୍ୱ ଦେଇ କାମ କଲେ ତ?

### ପ୍ରସ୍ତୁତିରେ ...

ଗ୍ରହଣ କରିଛନ୍ତି ଆୟୋଗ। ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର, ନିର୍ବାଚନ ଆୟୋଗ ସୁଖବୀର ସିଂ ସନ୍ଧୁ ଓ ମୁଖ୍ୟ ନିର୍ବାଚନ ଆୟୋଗ ବିବେକ ଯୋଶୀ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ମାର୍ଚ୍ଚ ୧୮ରେ କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ, ବିଧାୟୀ ବିଭାଗର ସଚିବ ରାଜୀବ ମଣି ଓ ୟୁଆଇଡିଏଆଇର ସିଇଓ ଭୁବନେଶ କୁମାରଙ୍କୁ ସାକ୍ଷାତ କରିବେ। ଏହି ବୈଠକ ସେହି ସମୟରେ ହେବାକୁ ଯାଉଛି ଯେବେ ତୃଣମୂଳ କଂଗ୍ରେସର ସାଂସଦ ପଶ୍ଚିମବଙ୍ଗ ସହିତ କିଛି ରାଜ୍ୟରେ ଭୋଟରକାର୍ଡ ପ୍ରସଙ୍ଗ ଉଠାଇଛନ୍ତି। ନିର୍ବାଚନ ଆୟୋଗ ମଧ୍ୟ ନିଜର ଭୁଲ୍ ଜାଣି ପାରିଛନ୍ତି ଯେ, କିଛି ରାଜ୍ୟରେ ଭୁଲ ଆଲଫାନ୍ୟୁମେରିକ ସିରିଜ୍ କାରଣରୁ ଗୋଟିଏ ନମ୍ବରକୁ ପୁନର୍ବାର ଜାରି କରାଯାଇଛି।

### ୮୧% ମହିଳା ...

ଉପରେ ବିବାହ ପାଇଁ ଚାପ ପକାଇଥାନ୍ତି। ଏହି କାରଣରୁ ଅନେକ ଯୁବତୀ ଅନିଚ୍ଛା ସତ୍ତ୍ୱେ ବିବାହ କରିଥାନ୍ତି। ସର୍ଭେ ଅନୁଯାୟୀ, ୩୩ ପ୍ରତିଶତ ଲୋକଙ୍କ ମତରେ ସେମାନେ ବିବାହ ବନ୍ଧନରେ ବାନ୍ଧି ହେବା ପରେ ଦୀର୍ଘ ସମୟ ସମ୍ବନ୍ଧରେ ରହିବା ନେଇ ଚାପ ଅନୁଭବ କରନ୍ତି। ଲୋକଙ୍କୁ ଲାଗୁଛି ଯେ, ବିବାହ କେବଳ ସମ୍ବନ୍ଧକୁ ନିଭାଇବା ନାଁରେ ଯୁବକ-ଯୁବତୀ ଆଜୀବନ ଏକାଠି ରୁହନ୍ତି। ଆଜିର ସମୟରେ ମହିଳା ଏଥିପାଇଁ ବିବାହ କରିବାକୁ ନାରାଜ କାରଣ ବିବାହ ପରେ ସେମାନଙ୍କୁ ଚାକିରି ଛାଡ଼ିବାକୁ କୁହାଯାଉଛି। ସଂପ୍ରତି ମହିଳାମାନେ ଜୀବନସାରା ନିଜ ଗୋଡ଼ରେ ଛିଡ଼ା ହେବାକୁ ଚାହାନ୍ତି। ସେମାନେ କାହା ଉପରେ ନିର୍ଭରଶୀଳ ରହିବାକୁ ପସନ୍ଦ କରୁ ନାହାନ୍ତି। ତେଣୁ ସେମାନେ ବିବାହ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ଡେଟିଂ ଆପ ବମ୍ବଲର ସର୍ଭେରେ ଭାରତର ୮୧ ପ୍ରତିଶତ ଯୁବତୀଙ୍କ କହିବା କଥା ସେମାନେ ବିବାହ ନ କରି ଏକାକୀ ରହିବାରେ ବହୁତ ଖୁସି ଅନୁଭବ କରନ୍ତି। ୬୨ ପ୍ରତିଶତ ମହିଳାଙ୍କ ମତରେ ନିଜର ଆବଶ୍ୟକତା ଓ ପ୍ରାଥମିକତା ସହିତ ସାଲିସ୍ କରି ପାରିବେ ନାହିଁ। ୮୩ ପ୍ରତିଶତ ଯୁବତୀଙ୍କ କହିବା କଥା ଯେ ପର୍ଯ୍ୟନ୍ତ ସେମାନଙ୍କୁ ପସନ୍ଦର ସାଥୀ ନ ମିଳିଛି ସେମାନେ ସେ ପର୍ଯ୍ୟନ୍ତ ବିବାହ କରିବେ ନାହିଁ।

### ଭୁବନେଶ୍ୱରରେ ...

ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ ଶାଖାରେ ଖଣ୍ଡଗିରି, ଉଦୟଗିରି, ହାତୀ ଗୁମ୍ଫା, ଲିଙ୍ଗରାଜ ମନ୍ଦିର, ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟମନ୍ଦିର ପରି ସ୍ଥାପତ୍ୟ ସ୍ଥାନ ଦେବାକୁ ପରାମର୍ଶ ରଖିଥିଲେ ଓଡ଼ିଶା ମୁଖ୍ୟମନ୍ତ୍ରୀ। ପୁଣି ଥରେ ରାଜ୍ୟ ସରକାରଙ୍କ ଦାବିକୁ କେନ୍ଦ୍ର ନିକଟରେ ଭୁବନେଶ୍ୱର ସାଂସଦ ଦୋହରାଇବା ପରେ ଏ ଦିଗରେ ସକାରାତ୍ମକ ପଦକ୍ଷେପ ଗ୍ରହଣ ନେଇ ପ୍ରତିଶ୍ରୁତି ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ। ସାରାଦେଶରେ ଭୁବନେଶ୍ୱର ମନ୍ଦିର ମାଳିନୀ ନଗରୀ ଭାବେ ଖ୍ୟାତି ଅର୍ଜନ କରିଛି। ପର୍ଯ୍ୟଟନ ଓ ସଂସ୍କୃତି ଦିଗରୁ ଦେଖିବାକୁ ଗଲେ ଭୁବନେଶ୍ୱରରେ ଅନେକ ପ୍ରାଚୀନ କୀର୍ତ୍ତିରାଜି ରହିଛି। ଏବେ ଭୁବନେଶ୍ୱର ଏକ କ୍ରମ ବର୍ଦ୍ଧନଶୀଳ ସହରିକରଣର ସାମ୍ନା କରୁଛି। ତେଣୁ ଏହି ଅବସରରେ ପର୍ଯ୍ୟଟକଙ୍କୁ ଅଧିକ ସଂଖ୍ୟାରେ ଆକୃଷ୍ଟ କରିବାକୁ, ଆମର ପ୍ରାଚୀନ କୀର୍ତ୍ତିରାଜି ଓ ସମୃଦ୍ଧ ଐତିହ୍ୟ ସମ୍ପର୍କରେ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କୁ ଅବଗତ କରିବାକୁ, ଭୁବନେଶ୍ୱରରେ ଏକ ଜାତୀୟ ସ୍ତରର ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ ଶାଖାର ଆବଶ୍ୟକତା ବହୁଳ ଭାବରେ ଅନୁଭବ କରାଯାଉଛି ବୋଲି କେନ୍ଦ୍ର ମନ୍ତ୍ରୀଙ୍କ ନିକଟରେ ଭୁବନେଶ୍ୱର ସାଂସଦ ଦାବିରେ କହିଛନ୍ତି। ଓଡ଼ିଶା ଏହାର ସମୃଦ୍ଧ କଳା, ଅଦ୍ୱିତୀୟ ଭାସ୍କର୍ଯ୍ୟ ଓ ପ୍ରାଚୀନ ଐତିହାସିକ ସ୍ଥଳକୁ ନେଇ ବେଶ୍ ଋଦ୍ଧିମନ୍ତ। ତେଣୁ ରାଜଧାନୀ ଭୁବନେଶ୍ୱରରେ ଏନଜିଏମଏର ଗୋଟିଏ ବ୍ରାଞ୍ଚ ଭୁବନେଶ୍ୱରରେ ସ୍ଥାପନ କରାଗଲେ, ଏହା ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି ପ୍ରସ୍ତାବ ଦେବା ସହିତ ଦାବି ରଖିଛନ୍ତି ଭୁବନେଶ୍ୱର ସାଂସଦ। ଓଡ଼ିଶାରେ ଜାତୀୟ ସ୍ତରର ମଡର୍ଣ୍ଣ ଆର୍ଟ ଗ୍ୟାଲେରୀର ଗୋଟିଏ ଶାଖା ପ୍ରତିଷ୍ଠା ହେଲେ, ରାଜ୍ୟର ଅନେକ ପ୍ରଖ୍ୟାତ କଳାକାରଙ୍କ କାରିଗରି ମଧ୍ୟ ଏଠାରେ ସ୍ଥାନ ପାଇପାରିବ ବୋଲି କହିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ। ବର୍ତ୍ତମାନ ପୂର୍ବ ଭାରତରେ ମଡର୍ଣ୍ଣ ଆର୍ଟ ଗ୍ୟାଲେରୀର କୌଣସି କେନ୍ଦ୍ର ନଥିବାରୁ, ସେହି ଦୃଷ୍ଟିରୁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଏହାକୁ ସ୍ଥାନ ଦେଇ, ପୂର୍ବ ଭାରତରେ ଏହାର ଅଭାବ ପୂରଣ ଦିଗରେ ପଦକ୍ଷେପ ନେବାକୁ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଭୁବନେଶ୍ୱର ସାଂସଦ। ଭୁବନେଶ୍ୱରରେ ଏକ ଜାତୀୟ ସ୍ତରର ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ ଶାଖା ପ୍ରତିଷ୍ଠା କରାଗଲେ ଏହା ଆମର ଆଗାମୀ ପୀଢ଼ିକୁ ଆମର ପ୍ରାଚୀନ ଐତିହ୍ୟ, ସଂସ୍କୃତି ସମ୍ପର୍କରେ ଶିକ୍ଷା ପ୍ରଦାନ କରିବାରେ ମାର୍ଗଦର୍ଶକ ହେବ ବୋଲି ପ୍ରସ୍ତାବରେ ଉଲ୍ଲେଖ କରିଛନ୍ତି ଭୁବନେଶ୍ୱର ସାଂସଦ।

### ମହୁଲ ...

ଦିନକୁ ଦିନ ମଦଭାଟି ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ମଦରୁ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ କରୁଛନ୍ତି ରାଜ୍ୟ ସରକାର। ମଦରେ ରାଜସ୍ୱ ଆଦାୟ କରିବାରେ କଳାହାଣ୍ଡି ଜିଲ୍ଲା ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛି । ଜିଲ୍ଲାର ଜୁନାଗଡ଼, ଗୋଲାମୁଣ୍ଡା, ଥୁଆମୂଳ ରାମପୁର, ମଦନପୁର ରାମପୁର, କୋକସରା, ଜୟପାଟଣା, ଲାଞ୍ଜିଗଡ଼, କଳମପୁର, ନର୍ଲା ବ୍ଲକ ସମେତ ପାହାଡ଼ି ଇଲାକରେ ଥିବା ଗାଁ ଗୁଡିକରେ ଶହ ଶହ ଆଦିବାସୀ ମହୁଲ ସଂଗ୍ରହ କରିଥାନ୍ତି। ବର୍ଷକରେ ୩ ମାସ ଜୀବିକା ନିର୍ବାହ କରୁଥିବା ବେଳେ ମହୁଲ ଅଭାବି ବିକ୍ରି ତାଙ୍କ ପେଟପାଟଣା ପାଇଁ ପ୍ରତିବନ୍ଧକ ସାଜିଛି। ଗ୍ରାମାଞ୍ଚଳରେ ମଦଭାଟି ମାଲିକମାନେ କିଛି ଲୋକଙ୍କୁ ରଖି ଆଗୁଆ କମ ଦରରେ ମହୁଲ କିଣି ଗଚ୍ଛିତ ରଖିଛନ୍ତି। ପରବର୍ତ୍ତୀ ଅବସ୍ଥାରେ ନାମକୁ ମାତ୍ର ମହୁଲ କିଣି ସରକାରୀ ଦପ୍ତରରେ ଲୋକ ଦେଖାଣିଆ ଭାବେ କାଗଜକଲମରେ ଦେଖାଉଛନ୍ତି। ବର୍ଷ ତମାମ ମହୁଲକୁ ସଂଗ୍ରହ କରି ରଖୁଥିବା ବେଳେ ଭାଟିରୁ ତିଆରି ମଦରେ ମହୁଲିର ଅସଲି ଗନ୍ଧ ରହୁନାହିଁ। ଶସ୍ତା ପୋଡା ଗୁଡ଼ରେ ତିଆରି ହେଉଛି ମହୁଲି ମଦ। ମହୁଲ କ୍ରୟ ଓ ବିକ୍ରୟ ଉପରେ ଜିଲ୍ଲାର ସମସ୍ତ ପଞ୍ଚାୟତର ଜନ ପ୍ରତିନିଧି ଏବଂ କିଛି ସରକାରୀ କର୍ମଚାରୀଙ୍କୁ ନେଇ କମିଟି ହେବା କଥା। ସେହି କମିଟିରେ ମୂଲ୍ୟ ଧାର୍ଯ୍ୟ ନିଷ୍ପତ୍ତି ହେବା ପରେ ନିର୍ଦ୍ଦେଶନାମା ଜାରି କରିବା ସହିତ କ୍ରେତା ମାନଙ୍କୁ ଲାଇସେନ୍ସ ପ୍ରଦାନ କରିବା କଥା। କିନ୍ତୁ ଏ ସବୁରେ ବ୍ୟତିକ୍ରମ ଦେଖା ଦେଇଛି। ତୁରନ୍ତ ରାଜ୍ୟ ସରକାର ଏନେଇ ପଦକ୍ଷେପ ନେଲେ ଆଦିବାସୀମାନେ ଉପକୃତ ହୋଇପାରିବେ ବୋଲି ଦାବି ହୋଇଛି।

# ଏନ୍‌ସିସିର ସାଇକଲ ଶୋଭାଯାତ୍ରା



**କଟକ :** ଓଡ଼ିଶା ଏନସିସି ନିର୍ଦ୍ଦେଶାଳୟ ଅନ୍ତର୍ଗତ କଟକ ଗ୍ରୁପ ଏନସିସି ଆନୁକୁଲ୍ୟରେ ସାରା ରାଜ୍ୟରେ ଜନସାଧାରଣଙ୍କ ମଧ୍ୟରେ ସାମାଜିକ ସଚେତନତା ଏବଂ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା ପାଇଁ ଏକ ବୃହତ ସାଇକଲ ରାଲିର ଉଦ୍‌ଘାଟନ ସମାରୋହ ପୁରୀଜିଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କଟକ ଏନସିସି ଗ୍ରୁପର ଗ୍ରୁପ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ଅତିଥି ଭାବରେ କର୍ଣ୍ଣେଲ ସ୍ୱାଇଁ ଯୋଗଦେଇ କ୍ୟାଡେଟ ମାନଙ୍କୁ ଉତ୍ସାହିତ କରିବା ପାଇଁ ପତାକା ପ୍ରଦର୍ଶନ କରି ଶୋଭାଯାତ୍ରାର ଶୁଭାରମ୍ଭ କରିବା ସହ ସମବେତ କ୍ୟାଡେଟ ମାନଙ୍କୁ ଶୋଭାଯାତ୍ରାର ଉଦ୍ଦେଶ୍ୟ କେବଳ ଏକ ଯାତ୍ରା ନୁହେଁ; ଏହା ସମ୍ପ୍ରଦାୟକୁ ପ୍ରେରଣା, ଶିକ୍ଷିତ ଏବଂ ସଶକ୍ତ କରିବ ଯାହା ରାଷ୍ଟ୍ର ନିର୍ମାଣ, ଶୃଙ୍ଖଳା ଏବଂ ସାମାଜିକ ସଚେତନତାର ମୂଲ୍ୟବୋଧକୁ ସୁଦୃଢ଼ କରିବ ବୋଲି ଆଲୋକପାତ କରିଥିଲେ। ଚଳିତ ମାର୍ଚ୍ଚ ମାସ ୧୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ଦୀର୍ଘ ୨୦ ଦିନ ବ୍ୟାପୀ ଓଡିଶାର ପ୍ରାୟ ୧୫ଟି ଜିଲ୍ଲା ପରିକର୍ମା କରି ଆସନ୍ତା ଏପ୍ରିଲ ମାସ ୨ ତାରିଖରେ କଟକ ଏନସିସି ଗ୍ରୁପ୍ ମୁଖ୍ୟାଳୟରେ ଠାରେ ପହଞ୍ଚିବ। ପ୍ରଥମ ଓଡ଼ିଶା ମେଡିକାଲ କମ୍ପାନୀ ଏନସିସି ର କମାଣ୍ଡିଂ ଅଫିସର ମେଜର ଆଶୁତୋଷ ତ୍ରିପାଠୀ, ୨୦ ଜଣ ଏନସିସି କ୍ୟାଡେଟ ଏବଂ ୧୦ ଜଣ ଏନସିସି କର୍ମଚାରୀଙ୍କୁ ନେଇ ଏହି ସାଇକଲ ଶୋଭାଯାତ୍ରା ସଡ଼କ ସୁରକ୍ଷା ସଚେତନତା, ପରିବେଶ ସଂରକ୍ଷଣ, ସାଇବର ସୁରକ୍ଷା, ମହିଳା ସଶକ୍ତିକରଣ, ନିଶା ନିବାରଣ ସଚେତନତା, ଏନସିସିର ଆଭିମୁଖ୍ୟ ତଥା ଭାରତୀୟ ସେନାବାହିନୀରେ ନିଯୁକ୍ତି ସୁଯୋଗ ବିଷୟରେ ପ୍ରଚାର ପ୍ରସାର କରିବା ସହ ଯୁବଶକ୍ତିଙ୍କୁ ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ଗଠନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେରେ ପ୍ରୋତ୍ସାହିତ କରିବ। କ୍ୟାଡେଟମାନେ ଦୀର୍ଘ ୮୫୦ କିଲୋମିଟର ଦୂରତା ଅତିକ୍ରମ କରିବା ସହ ରାଜ୍ୟର ପ୍ରମୁଖ ସହରମାନଙ୍କରେ ଆୟୋଜିତ ହେବାକୁ ଥିବା ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ଛାତ୍ର, ଯୁବକ ଏବଂ ସ୍ଥାନୀୟ ସମ୍ପ୍ରଦାୟ ସହିତ ଭାବ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛିକ୍ଷ ଏହି କାର୍ଯ୍ୟକ୍ରମ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ରାଜ୍ୟ ପୋଲିସ ବିଭାଗର ମିଳିତ ସମନ୍ୱୟରେ ପରିଚାଳିତ ହେଉଛି, ଯାହା ଶୋଭାଯାତ୍ରା ସମୟରେ ସୁରକ୍ଷା,ଚିକିତ୍ସା ଏବଂ ପ୍ରଶାସନିକ ସହାୟତା ସୁନିଶ୍ଚିତ କରିବ। କଟକ ଗ୍ରୁପ୍ ଏନସିସି ମୁଖ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବାକୁ ଥିବା ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସରକାରଙ୍କ ମାନ୍ୟବର କ୍ରୀଡା, ସଂସ୍କୃତି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହିତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଯୋଗ ଦେଇ ସାମାଜିକ ସେବା, ଉତ୍ସର୍ଗୀକୃତ ମନୋଭବ ଏବଂ ପ୍ରତିବଦ୍ଧତା ପାଇଁ କ୍ୟାଡେଟମାନଙ୍କୁ ନିମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯିବ। ଏହି କାର୍ଯ୍ୟକ୍ରମ ବିଭିନ୍ନ ନାଗରିକ ଅନୁଷ୍ଠାନ, ଜନସାଧାରଣ ଓ ସରକାରୀ ଅନୁଷ୍ଠାନମାନଙ୍କଠାରୁ ଅତ୍ୟନ୍ତ ପ୍ରଶଂସା ପାଇବା ସହ ଏନସିସିର ସେବା, ଶୃଙ୍ଖଳା, ସମାଜସେବା, ଏକତା, ଅନୁଶାସନ ଏବଂ ବଳିଷ୍ଠନେତୃତ୍ୱର ମନୋଭାବକୁ ପ୍ରତିପାଦନ କରୁଛନ୍ତି।

## କବି ରାମକାନ୍ତ ରଥଙ୍କ ଦେହାନ୍ତ ଭାରତୀୟ ସାହିତ୍ୟ ପାଇଁ ଅପୂରଣୀୟ କ୍ଷତି : ଡ ସୁନୀତି ମୁଣ୍ଡ



**ଭୁବନେଶ୍ୱର :** ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ, ଲେଖକ, ସମ୍ପାଦକ, ପ୍ରକାଶକ ଡକ୍ଟର ସୁନୀତି ମୁଣ୍ଡ ୯୧ ବର୍ଷ ବୟସରେ କବି ରମାକାନ୍ତ ରଥଙ୍କ ଦେହାନ୍ତରେ ଗଭୀର ସମବେଦନା ଜଣାଇଛନ୍ତି। ସେ କହିଛନ୍ତି ଯେ ରମାକାନ୍ତ ରଥଙ୍କ ମୃତ୍ୟୁ ଭାରତୀୟ ସାହିତ୍ୟ ପାଇଁ ଏକ ଅପୂରଣୀୟ କ୍ଷତି। ରଥଙ୍କ ଦେହାନ୍ତ ହେବା ପରେ ଓଡିଆ ସାହିତ୍ୟରେ ଏକ ଯୁଗର ଶେଷ ହୋଇଯାଇଛି। ଡ ସୁନୀତି ମୁଣ୍ଡ ଆଜି ଭୁବନେଶ୍ୱରରେ ତାଙ୍କ ବାସଭବନରେ ପହଞ୍ଚି ମୃତ ଦେହର ଶେଷ ଦର୍ଶନ କରିଥିଲେ ଏବଂ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। କବି ରଥଙ୍କ ସହ ସୁନୀତି ନିୟମିତ ଯୋଗାଯୋଗରେ ଥିଲେ। ସେ ତାଙ୍କ କବିତ୍ୱ ତଥା ଜୀବନୀକୁ ନେଇ ବିଭିନ୍ନ ମିଡିଆରେ କାମ କରିଥିଲେ। ଡ ମୁଣ୍ଡ କହିଛନ୍ତି ଯେ ପ୍ରତ୍ୟେକ ଥର ତାଙ୍କୁ ଭେଟିବାବେଳେ ତାଙ୍କ ଠାରୁ ସବୁବେଳେ କିଛି ନୂଆ ଶିଖିବାକୁ ମିଳୁଥିଲା। ସେ ମୋତେ ଭଲ ଲେଖିବାକୁ ସର୍ବଦା ପ୍ରେରଣା ଦେଉଥିଲେ।

## କବି ସାଗରୀକା ଦାସଙ୍କ ପ୍ରଥମ ଗଳ୍ପ ସଂକଳନ ଉନ୍ମୋଚିତ



**ଭୁବନେଶ୍ୱର:** ସ୍ଥାନୀୟ ଭୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ କବି ସାଗରୀକା ଦାସଙ୍କ ପ୍ରଥମ ଗଳ୍ପ ସଂକଳନ ‘ମେଘ ମାୟା ଫାଙ୍କେ’ ର ଶୁଭ ଉନ୍ମୋଚନ ଅନୁଷ୍ଠିତ ହୋଇଯାଇଛି। ପ୍ରତିଶ୍ରୁତି ପତ୍ରିକା ଆନୁକୂଲ୍ୟରେ ଆୟୋଜିତ ଏହି ସାରସ୍ୱତ ଉତ୍ସବରେ କବି, ଆଧ୍ୟାତ୍ମିକ ପ୍ରବଚକ ଦୟାନିଧି ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ସୁ ସାହିତ୍ୟିକା ଡ଼. ଅର୍ଚ୍ଚନା ନାୟକ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ବରିଷ୍ଠ ପ୍ରଶାସିକା ଶୁଭଶ୍ରୀ ନନ୍ଦ, ଭାଷାବିତ ଡ଼. ଦେବାଶିଷ ମହାପାତ୍ର, ସ୍ତମ୍ଭକାର ବିଘ୍ନେଶ୍ୱର ସାହୁ, ଗବେଷିକା ଡ଼.ହିମାଦ୍ରୀ ତନୟା ମିଶ୍ର, ସାମ୍ବାଦିକ ଓ ସ୍ତମ୍ଭକାର ସତୀଶ ମିଶ୍ର, ପ୍ରାବନ୍ଧିକା ରଶ୍ମୀ ସାମଲ ଯୋଗଦେଇ ନିଜ ନିଜ ସମୀକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଆୟୋଜିତ କବିତା ପାଠରେ ମାନଗୋବିନ୍ଦ ବାରିକ, ଶୈଳଧି ରାଜ ତନୟା ଶତପଥି, ପ୍ରକାଶ ରାଉତ, ଜୟଶ୍ରୀ ପଟ୍ଟନାୟକ, କ୍ଷଣପ୍ରଭା ମହାନ୍ତି, ପ୍ରତିମା ମହାରଣା, ନିରୁପମା ରଥ, ଶ୍ୟାମା କିଙ୍କର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲା ବେଳେ ସହ ସମ୍ପାଦିକା କମଳିନୀ ପାଣିଗ୍ରାହୀ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଜିଲ୍ଲା ପ୍ରଶାସନର ପ୍ରତିଶ୍ରୁତି ପରେ ହଟିଲେ ଆନ୍ଦୋଳନକାରୀ



**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଏଲଜି ପଏଣ୍ଟରେ ଶତାଧିକ ଆନ୍ଦୋଳନ କାରି ପାୟୋନୀର କମ୍ପାନୀକୁ ବିରୋଧ କରି ଶୀତ କାକରରେ ବସି ରହିବାର ୨୫ ଦିନ ପରେ ଆନ୍ଦୋଳନ କରୀ ମାନେ ଆନ୍ଦୋଳନରୁ ହଟି ଯାଇଥିବା ଦେଖିବାକୁ ମିଳିଛି। କୋରାପୁଟ ଉପ ଜିଲ୍ଲାପାଳ ପ୍ରେମ୍ ଲାଲ୍ ହିଆଲ୍ ଲକ୍ଷ୍ମୀପୁର ତହସିଲଦାର ନୈବେଦ୍ୟ ଭୋଇ,ଏସଡ଼ିପିଓ ତୁଫାନ୍ ବାଗ୍ ଓ ଆଇଆଇସି ସୁଜ୍ଞାନୀ ସାହୁଙ୍କ ସହ ଆନ୍ଦୋଳନ ସ୍ଥାନକୁ ଯାଇଥିଲେ। ଆନ୍ଦୋଳନର ନେତୃତ୍ୱ ନେଇଥିବା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଭାଇ ମନୋଜ ବାହିନୀପତିଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ତମର ଯେଉଁ ସବୁ ଦାବି ଗୁଡ଼ିକ ରହିଛି ସେଠୀ ମଧ୍ୟରୁ ଯାହା ଜିଲ୍ଲାସ୍ତରରେ ସମାଧାନ ହେଇପାରିବ କରାଯିବ ବାକି ଜିଲ୍ଲାପ୍ରଶାସନ ହାତରେ ଯାହା ନାହିଁ ତାହା ରାଜ୍ୟ ସରକାରଙ୍କୁ ଜଣାଇ ସମାଧାନର ବାଟ କଢ଼ାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ମାନେ ଆନ୍ଦୋଳନରୁ ଓହରି ଯାଇଥିଲେ।

## ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା



**ମାଲକାନଗିରି :** ଜିଲ୍ଲା ପ୍ରଶାସନ ପକ୍ଷରୁ ମାଲ୍ୟବନ୍ତ ଛାତ୍ରାବାସ ପ୍ରାଙ୍ଗଣରେ ଜିଲ୍ଲା ସ୍ତରୀୟ ଏକ ଦିବସୀୟ ଲକ୍ଷପତି ଦିଦି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କର୍ମଶାଳାର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ମହିଳା ମାନଙ୍କୁ ଉଦ୍ୟୋଗୀ ହେବା ନିମନ୍ତେ ସମସ୍ତ ଆର୍ଥିକ ସୁବିଧା ଯୋଗାଇ ଦିଆଯାଉଛି। ବ୍ୟବସାୟ କରିବା ପାଇଁ ସବସିଡି ବ୍ୟବସ୍ଥା ରହିଛି। ଦୈନନ୍ଦିନ ଜୀବନ ଜୀବିକାକୁ ଆଧାର କରି ଯେପରିକି ମତ୍ସ୍ୟ ଚାଷ, ପଶୁ ପାଳନ, କୃଷି କିମ୍ବା ଅନ୍ୟାନ୍ୟ କ୍ଷୁଦ୍ର ଉଦ୍ୟୋଗ ସ୍ଥାପନ ମାଧ୍ୟମରେ ଆର୍ଥିକ ଭାବେ ମହିଳା ମାନେ ଲାଭାନ୍ୱିତ ହୋଇପାରିବେ। ସେ ଆହୁରି ମଧ୍ୟ କହିଥିଲେ ଯେ ଉଦ୍ୟୋଗୀ ହେବାକୁ ହେଲେ ସମ୍ୟକ କଷ୍ଟ ସ୍ୱୀକାର କରିବା ସହ ଧର୍ଯ୍ୟ ଧରିବାକୁ ପଡ଼ିବ। ଯାହା ସଫଳତା ଆଡକୁ ଅଗ୍ରସର କରାଇବ। ବିଶେଷ ଭାବେ ୬୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯାହାର ରୋଜଗାର ରହିଛି ସେମାନଙ୍କୁ ଲକ୍ଷପତି ଦିଦି କରିବା ନିମନ୍ତେ ଅଗ୍ରାଧିକାର ଦିଆଯାଉଛି। ତା ସହିତ ଅନ୍ୟ ମହିଳା ମାନଙ୍କୁ ମଧ୍ୟ ଲକ୍ଷପତି ଦିଦି ହେବା ପାଇଁ କର୍ମଶାଳାରେ ପ୍ରୋତ୍ସାହନ କରାଯାଇଛି। ଅନ୍ୟତମ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ହଳଧର ଶବର ଉପସ୍ଥିତ ରହି ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଓଡ଼ିଶା ଜୀବିକା ମିଶନ, କୃଷି, ଶିଳ୍ପ, ଉଦ୍ୟାନ କୃଷି, ମତ୍ସ୍ୟ, ବ୍ୟାଙ୍କ୍ ଓ ଓରମାସ ତରଫରୁ ଅଧିକାରୀ ମାନେ ଉପସ୍ଥିତ ରହି ସରକାରଙ୍କର ବିଭିନ୍ନ ଯୋଜନା ବିଷୟରେ ପ୍ରକାଶ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସଦର ବିଡ଼ିଓ ତପନ କୁମାର ସେନାପତି, ମିଶନ ଶକ୍ତି ଡିପିଏମ ହର୍ଷାନନ୍ଦ ପ୍ରଧାନ ଓ ବାଲାଜୀ ପଟ୍ଟନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ କୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିବା ବେଳେ ଜିଲ୍ଲା ପରିଷଦ କାର୍ଯ୍ୟକ୍ରମ ପରିଚାଳକ ଅର୍ଥ ମାନସ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ବିଭାଗ, ଜିଲ୍ଲା ପରିଷଦ ଓ ବ୍ଲକର ସମସ୍ତ କର୍ମଚାରୀ ଏଥିରେ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ପ୍ରାୟ ୪ ହଜାର ସ୍ୱୟଂ ସହାୟକ ଗୋଷ୍ଠୀ, ପ୍ରାଣୀ ମିତ୍ର, କୃଷି ମିତ୍ର, ଏମବିକେ ମହିଳା ଯୋଗ ଦେଇଥିଲେ।

# ମହମହ ପଖାଳ



ଓଡିଆ ଖାଦ୍ୟର ସମ୍ଭାର ମଧ୍ୟରେ ପଖାଳର ସ୍ଥାନ ସ୍ୱତନ୍ତ୍ର । ପଖାଳ ସହ ଓଡିଆଙ୍କ ସମ୍ପର୍କ ବହୁ ପୁରାତନ ଏବଂ ଏହା ଆମ ଖାଦ୍ୟ ବିବିଧତାର ଅନନ୍ୟ ପରିଚୟ। ଏହା ଆମର ଅସ୍ମିତା ଓ ଖାଦ୍ୟପେୟର ଅନନ୍ୟ ପ୍ରତୀକ । ଗରୀବ, ମଜଦୁରଙ୍କ ଠାରୁ ଆରମ୍ଭ କରି ମଧ୍ୟବିତ୍ତ ଓ ଧନୀ ପର୍ଯ୍ୟନ୍ତ ସମସ୍ତେ ପଖାଳ ଖାଇବାକୁ ଭଲ ପାଇଥାନ୍ତି। ପଖାଳ ଓଡିଆ ଶବ୍ଦ ପଖାଳିବା/ପଖାଳିତରୁ ଆସିଛି। ଯାହାର ଅର୍ଥ ଧୋଇବା। ଭାତକୁ ଧୋଇ ସେଥିରେ ପାଣି ମିଶାଇ ପ୍ରସ୍ତୁତ କରାଯାଉଥିବାରୁ ଏହାର ନାମ ପଖାଳ। ଏହି ପଖାଳ ଅନେକ ପ୍ରକାରର ଯେପରି ସଜ ପଖାଳ,ବାସି ପଖାଳ,ଜିରା ପଖାଳ, ଦହି ପଖାଳ, ଚାଇଁ ପଖାଳ, ଟଭା ପଖାଳ, ଫ୍ଲେବର ପଖାଳ, ଅଦା ପଖାଳ ଇତ୍ୟାଦି। ଦିନ ହେଉ ବା ରାତି ପଖାଳ ମୁନ୍ଦାଏ ଓ ଢୋକେ ତୋରାଣି ପିଇଦେଲେ ଆତ୍ମାକୁ ତୃପ୍ତି ମିଳିଥାଏ । କଂସାଏ ପଖାଳ ଓଡିଆଙ୍କୁ ଯେତିକି ଆନନ୍ଦ ଦେଇଥାଏ ଅନ୍ୟ କୌଣସି ଖାଦ୍ୟ ଦେଇପାରିନଥାଏ ।ଖରାଦିନେ ତ ପଖାଳ ପାଲଟି ଯାଏ ଅମୃତ । ଆମ୍ବ ସମୟରେ କଷି ଆମ୍ବରୁ ଡେମ୍ଫ ଛିଣ୍ଡାଇ ଦେଲେ ଯେଉଁ ନସି ବା ନସା ବାହାରେ ତାହା ପଖାଳ ଭାତରେ ମିଶାଇ ଦେଲେ ପଖାଳ ବାସ୍ନାରେ ମହକି ଉଠେ। ତେଣୁ ଓଡିଶାର ପ୍ରଖ୍ୟାତ ସଙ୍ଗୀତଜ୍ଞ ସଂଗୀତ ସୁଧାକର ବାଳକୃଷ୍ଣ ଦାସ ଗାଇଥିବା ଗୀତ -ଆସ ମୋ ଜୀବନ ଧନ ପଖାଳ କଂସା, ସଜନୀରେ ତୋ ବିହୁନେ ମୋର ଉଡଇ ହଂସା ଏବେବି ଓଡିଶାବାସୀଙ୍କ ହୃଦୟତନ୍ତ୍ରୀରେ ଗୁଞ୍ଜରିତ ହେଉଛି । କବିଙ୍କ ଭାବନାରେ ପଖାଳ ଜୀବନଧନ ଭାବେ ସମ୍ବୋଧିତ ହୋଇଛି।



ପ୍ରେମାନନ୍ଦ ପାଣିଗ୍ରାହୀ



ଓଡିଆ ଜନଜୀବନ ସହ ପଖାଳ ବହୁ ପୁରୁଣା । ଗାଁଠୁ ସହର ପର୍ଯ୍ୟନ୍ତ ପ୍ରତି ଘରେ ଲୋକଙ୍କ ଜୀବନ ଶୈଳୀରେ ପଖାଳ ଏକ ନିତିଦିନିଆ ଖାଦ୍ୟ। ଓଡିଆଙ୍କ ହାଣ୍ଡିଶାଳର ସ୍ୱତନ୍ତ୍ର ବ୍ୟଞ୍ଜନ ଭାବେ ପଖାଳ ପରିଚିତ। ଓଡିଆ ଓ ପଖାଳ ଅଭିନ୍ନ। ଓଡିଆମାନେ ଯେଉଁଠି ଥାଆନ୍ତୁନା କାହିଁକି ପଖାଳ ପ୍ରତି ସେମାନଙ୍କର ଆକର୍ଷଣ ରହିଛି । ସଭ୍ୟତା ଯେତେ ଆଗକୁ ଗଲେ ବି ଏହି ପାରମ୍ପରୀକ ଖାଦ୍ୟ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିବାରେ ସଫଳ ହୋଇଛି ସେଥିପାଇଁ କଥାରେ ଅଛି-ଝୁରି ହେଉଛି ଦିନ କାଳ, ମନ ଖୋଜୁଛି ସେକାଳ ପଖାଳ । ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ସହିତ ପଖାଳ ପ୍ରତି ରୁଚି ମଧ୍ୟ ବଢିଥାଏ । ସତରେ ପଖାଳ ହେଉଛି ଏପରି ଏକ ଖାଦ୍ୟ, ଯାହାର ଓଡିଆ ଜାତି ସହ ନିବିଡତା କାହିଁ କେଉଁ କାଳରୁ ଯୋଡି ହୋଇଛି। ପଖାଳକୁ ଆହୁରି ମଜାଦାର କରିଥାଏ ସ୍ୱାଦିଷ୍ଟ ବ୍ୟଞ୍ଜନ।






ଓଡିଆ ଜନଜୀବନ ସହ ପଖାଳ ବହୁ ପୁରୁଣା । ଗାଁଠୁ ସହର ପର୍ଯ୍ୟନ୍ତ ପ୍ରତି ଗରେ ଲାକଙ୍କ ଜୀବନ ଶୈଳୀରେ ପଖାଳ ଏକ ନିତିଦିନିଆ ଖାଦ୍ୟ। ଓଡିଆଙ୍କ ହାଣ୍ଡିଶାଳର ସ୍ୱତନ୍ତ୍ର ବ୍ୟଞ୍ଜନ ଭାବେ ପଖାଳ ପରିଚିତ। ଓଡିଆ ଓ ପଖାଳ ଅଭିନ୍ନ। ଓଡିଆମାନେ ଯେଉଁଠି ଥାଆନ୍ତୁନା କାହିଁକି ପଖାଳ ପ୍ରତି ସେମାନଙ୍କର ଆକର୍ଷଣ ରହିଛି । ସଭ୍ୟତା ଯେତେ ଆଗକୁ ଗଲେ ବି ଏହି ପାରମ୍ପରୀକ ଖାଦ୍ୟ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିବାରେ ସଫଳ ହୋଇଛି ସେଥିପାଇଁ କଥାରେ ଅଛି-ଝୁରି ହେଉଛି ଦିନ କାଳ, ମନ ଖୋଜୁଛି ସେକାଳ ପଖାଳ। ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ସହିତ ପଖାଳ ପ୍ରତି ରୁଚି ମଧ୍ୟ ବଢିଥାଏ । ସତରେ ପଖାଳ ହେଉଛି ଏପରି ଏକ ଖାଦ୍ୟ, ଯାହାର ଓଡିଆ ଜାତି ସହ ନିବିଡତା କାହିଁ କେଉଁ କାଳରୁ ଯୋଡି ହୋଇଛି। ପଖାଳକୁ ଆହୁରି ମଜାଦାର କରିଥାଏ ସ୍ୱାଦିଷ୍ଟ ବ୍ୟଞ୍ଜନ। ଦହି, ଆମ୍ବ କସିଆ ଅଦା, ପୋଦିନା ପତ୍ର, ଲେମ୍ବୁ ମିଶିଥିବା ପଖାଳ ର ମହକ ପଖାଳ ଖାଇବାର ରୁଚିକୁ ଆହୁରି ବଢାଇ ଦେଇଥାଏ। ଏବେ ଆମ୍ବ ଋତୁ ଆସିଥିବାରୁ ଆମ୍ବ ନସି, ଦହି, ଅଦା ଉଷୁନା ପଖାଳରେ ମିଶାଇଲେ ଆତ୍ମ ତୃପ୍ତି ଦେଇଥାଏ। ନିରାମିଷ ଖାଉଥିବା ଲୋକେ ପଖାଳ ସହ ଆଳୁ ଭେଣ୍ଡି ଭଜା, ବଡି ଚୁରା, ଆଳୁ ଚଟଣି, ବାଇଗଣ ଭରତା,ଟମାଟୋ କାକୁଡି ସାଲାଡ, କଖାରୁ ଫୁଲ ପିଠା, କଲରା ଭଜା, ଆମ୍ବ ଚଟଣୀ, ଶାଗଭଜା ଆଦି ସୁସ୍ୱାଦୁ ବ୍ୟଞ୍ଜନ ପସନ୍ଦ କରୁଥିବା ବେଳେ ଆମିଷପ୍ରିୟମାନେ ଚୁନାମାଛ ଭଜା, ଛୋଟ ଚିଙ୍ଗୁଡି ଭଜା,ଶୁଖୁଆ,ପୋହଳା ମାଛ ଗୋଟା ବେସର, ରୋହି ମାଛ ଭଜା ଦେଇ ଖାଇବାକୁ ଭଲପାଆନ୍ତି। ତେଣୁ ପଖାଳକୁ ନେଇ ଏକ ଢଗ ଅଛି- ମଦରଙ୍ଗା ଶାଗ ରାଇ,ପଖାଳ ଭାତକୁ ଚିଲିକା ଶୁଖୁଆ,ମାଣିକ ପାଟଣା ଦହି । କୃଷକ ଭାଇମାନେ ସକାଳୁ ସକାଳୁ ଘରେ ପଖାଳ କଂସାଏ ଖାଇ ହାତରେ ପଖାଳ ଟିପିନ ସାଙ୍ଗକୁ ପିଆଜ, ଶୁଖୁଆ ପୋଡା, କଞ୍ଚା ଲଙ୍କା, ଖଟା, ବଡିଚୁରା ନେଇ ବିଲ ହୁଡାରେ ଖାଇବାର ଦୃଶ୍ୟ ମନୋରମ । ଏହା ଭାରି ଆତ୍ମ ତୃପ୍ତି ଦେଇଥାଏ ଚଷା ପୁଅକୁ । ଆଉ ଧୁଧୁ ଖରାବେଳେ ତାତିରୁ ତ୍ରାହି ପାଇବା ପାଇଁ ଓଡିଶାର ପ୍ରାୟ ସବୁ ବର୍ଗର ଲୋକେ ପଖାଳକୁ ପସନ୍ଦ କରିଥାନ୍ତି । ପଖାଳର ଆଦର ଦେଖି ଖରାଦିନେ ଛୋଟ ହୋଟେଲରୁ ଫାଇଭ ଷ୍ଟାର ହୋଟେଲ ଯାଏ ବିଭିନ୍ନ ରକମର ପଖାଳ ଦେଖିବାକୁ ମିଳୁଛି। ଦେଶୀ ବିଦେଶୀ ଖାଦ୍ୟପେୟ ଭିତରେ ବି ଲୋକେ ପଖାଳ ଖୋଜୁଛନ୍ତି । ରାଜ୍ୟ ସ୍ତରରୁ ଜାତୀୟ ସ୍ତର ଓ ଆନ୍ତର୍ଜାତୀୟ ସ୍ତରରେ ପଖାଳର ପସରା ହୋଟେଲର ମେନ୍ୟୁ କାର୍ଡରେ ଦେଖିବାକୁ ମିଳିଲାଣି। ପଖାଳକୁ ଆହୁରି ଲୋକପ୍ରିୟ କରିବାକୁ ଦେଶର ଜଣାଶୁଣା ରୋଷେୟାମାନେ ୟୁଟ୍ୟୁବ୍‌ରେ ପଖାଳ ପ୍ରସ୍ତୁତିକୁ ଭିଡିଓ କରି ଛାଡୁଥିବା ଦେଖାଯାଉଛି।

ଉଷୁନା ଓ ଅରୁଆ ଭାତରେ ପଖାଳ ତିଆରି ହୁଏ। ପଖାଳ ତିଆରି ପ୍ରଣାଳୀ ବି ବହୁତ ସହଜ । ଭାତକୁ ଥଣ୍ଡା କରି ସେଥିରେ ପାଣି ଓ ବାସୀ ତୋରାଣୀ ଦେଇ ଦହି, ଲେମ୍ବୁ ପତ୍ର, ସେରିଷ, ଲଙ୍କା, ଭୃଷୁଙ୍ଗା ପତ୍ର ,ପୋଦିନା ପତ୍ର ,ଆମ୍ବକଷିଆ ଅଦା ଛୁଙ୍କ କରି ପ୍ରସ୍ତୁତ କରାଯାଏ । ଗାଁଗହଳିର ହାଣ୍ଡି ପଖାଳର ସ୍ୱାଦ ନିଆରା। ପଖାଳ ପୁଣି ବିଭିନ୍ନ ପ୍ରକାରର । ଚାଇଁ ପଖାଳ,ଜିରା ପଖାଳ,ଦହି ପଖାଳ,ଲେମ୍ବୁ ପଖାଳ,ସୁଗନ୍ଧ ପଖାଳ,ଟଭା ପଖାଳ,ଚିପୁଡା ପଖାଳ, ମିଠା ପଖାଳ ଇତ୍ୟାଦି ।

କଂସେ ପଖାଳ ଖାଇଦେଲେ ଆଖିକୁ ନିଦ ମାଡି ଆସେ । ତେବେ ମଣିଷ କେବଳ ଯେ ପଖାଳ ଖାଉଛନ୍ତି ତାହା ନୁହେଁ, ଜଗନ୍ନାଥ ମହାପ୍ରଭୁ ବି ପଖାଳ ପ୍ରିୟ । ଜଗନ୍ନାଥ ହେଉଛନ୍ତି ପ୍ରତ୍ୟେକ ଓଡିଆର ଅନ୍ତଃସ୍ୱର ଓ ତାଙ୍କର ସଂସ୍କୃତି ଓଡିଆ ଜାତିର ମାନଦଣ୍ଡ। ଜଗନ୍ନାଥ ସଂସ୍କୃତିରେ ପଖାଳ ଏକ ଅବିଚ୍ଛେଦ୍ୟ ଅଙ୍ଗ। ଜଗନ୍ନାଥଙ୍କ ନୀତିକ୍ରାନ୍ତିତର ପଖାଳ ଭୋଗ ପରମ୍ପରା କାହିଁ କେଉଁ କାଳରୁ ଅର୍ପଣ ହୋଇ ଆସୁଛି। ପଖାଳରୁ ସୃଷ୍ଟି ଟଙ୍କ ତେରାଣୀ, ଯେଉଁଥିରେ ଭକ୍ତଙ୍କ ମନ ରହିଥାଏ। ମହାପ୍ରଭୁଙ୍କ ନିକଟରେ ପାଞ୍ଚ ପ୍ରକାରର ପଖାଳ ଭୋଗ ଲାଗି ହେଉଛି । ଏହି ପଖାଳଗୁଡିକ ହେଲା ଚିପୁଡା ପଖାଳ, ଟଭା ପଖାଳ, ସୁବାସିତ ପଖାଳ, ଦହି ପଖାଳ, ଘିଅ ପଖାଳ। ମଧ୍ୟାହ୍ନ ଧୂପ ସମୟରେ ଚିପୁଡା ପଖାଳ, ଦ୍ୱିପ୍ରହର ଧୂପସମୟରେ ଟଭା ପଖାଳ, ସନ୍ଧ୍ୟା ଧୂପରେ ଦହି ପଖାଳ, ବଡସିଂହାର ଧୂପରେ ମିଠା ପଖାଳ, ଘିଅ ପଖାଳ ଲାଗି କରାଯାଇଥାଏ ।ନୀତି ତିନି ଧୂପରେ ଠାକୁରଙ୍କୁ ପରଷା ଯାଉଥିବା ପଖାଳକୁ ପ୍ରସ୍ତୁତ କରନ୍ତି ମହାପ୍ରଭୁଙ୍କ ତୁଣ ସୁଆର ଓ ଥାଳି ସୁଆର। ଠାକୁରଙ୍କ କୋଠ ଭୋଗ ରୋଷ ଘରେ ଦୁଇଟି ସ୍ୱତନ୍ତ୍ର ପଖାଳ କୁଣ୍ଡ ରହିଛି। ନେପଥ୍ୟରେ ସ୍ୱୟଂ ମହାଲକ୍ଷ୍ମୀ ସୁନା ଚଟୁ ଧରି ଠାକୁରଙ୍କ ଭୋଗ ପ୍ରସ୍ତୁତ କରନ୍ତି । ସୁବାସିତ ପଖାଳ ପ୍ରସ୍ତୁତି ଏକ ନିଆରା ପ୍ରକ୍ରିୟା । ମଲ୍ଲୀ ଓ ଜୁଇ ଆଦି ସୁବାସିତ ଫୁଲକୁ ସକାଳୁ ଜଳରେ ପକାଇ ରଖାଯାଏ। ପରେ ସେଥିରୁ ଫୁଲ କାଢି ଉକ୍ତ ସୁବାସିତ ଜଳରେ ପଖାଳ ପ୍ରସ୍ତୁତ ହୁଏ । ଚନ୍ଦନ ଯାତ ସମୟରେ ଠାକୁରଙ୍କୁ ଯାତ ଭୋଗ ଅର୍ପଣ କରାଯାଏ। ସେଥିରେ ୪୬ ଓଳି ପଖାଳ ଭୋଗ ଲାଗେ। ଶ୍ରୀଗୁଣ୍ଡିଚା ଠାରୁ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ସମୟକୁ ଛାଡି ଦେଲେ ବର୍ଷର ସବୁ ଦିନରେ ଦାରୁ ଦିଅଁ ପଖାଳରେ ଆତ୍ମ ସନ୍ତୋଷ ପାଆନ୍ତି। ମହାପ୍ରଭୁଙ୍କୁ ଲାଗି ହଉେଥିବା ପଖାଳରେ ଲଙ୍କା ବ୍ୟବହୃତ ହୁଏ ନାହିଁ। ଏହିସବୁ ପଖାଳ ଭୋଗ ମହାପ୍ରଭୁଙ୍କୁ ମାଟି ଓଳିରେ ପରସା ଯାଏ । ପଖାଳ ପ୍ରସ୍ତୁତି ପାଇଁ ଶ୍ରୀମନ୍ଦିର ରୋଷଶାଳାରେ ରହିଛି ମୁଗୁନି ପଥରରେ ପ୍ରସ୍ତୁତ ଦୁଇଟି ପଖାଳ କୁଣ୍ଡ। ଗୋଟିଏ ତୁଣ ସୁଆର ଓ ଅନ୍ୟଟି ଥାଳି ସୁଆରଙ୍କ ପାଇଁ ଉଦ୍ଦିଷ୍ଟ। ଅନ୍ନ ରନ୍ଧା ପରେ ପଖାଳ କୁଣ୍ଡରେ ପଡିଥାଏ। ତାହା ଥଣ୍ଡା ହେବା ପରେ ସେବକଙ୍କୁ ମିଳିଥିବା ଅନ୍ୟାନ୍ୟ ସାମଗ୍ରୀ ପଡି ପଖାଳ ପ୍ରସ୍ତୁତ କରାଯାଏ। ପଖାଳ କେବଳ ଜଗନ୍ନାଥଙ୍କର ପୀୟ ତାହା ନୁହେଁ ମାର୍ଗଶୀର ମାସ ଗୁରୁବାର ଓଷାରେ ମହାଲକ୍ଷ୍ମୀଙ୍କ ନିକଟରେ ପଖାଳ ଓ କଳମୀ ଶାଗ ଭୋଗ ହୁଏ। ଓଡିଆ କାବ୍ୟକବିତା ଓ ଲୋକସାହିତ୍ୟରେ ପଖାଳର ସ୍ଥାନ ସ୍ୱତନ୍ତ୍ର। ପଦ୍ମଶ୍ରୀ ସଚ୍ଚି ରାଉତରାୟ ପଲ୍ଲୀସଞ୍ଜୀ କବିତାରେ ଲେଖିଛନ୍ତି- ଧୂଆଁ ଉଠେ ଚାଳ ଉପରେ/ଲାଗିଲାଣି ଚୂଲି କାନସିରି ଦେଇ/ଚଳାଇ ନିଏ କେ ପଖାଳେ। ଖନାବଚନରେ ଅଛି-ଗାଧୁଆ ସୁଖ ସକାଳ, ଦେହରେ ଯେବେ ଯାଏ/ଖାଇବା ସୁଖ ପଖାଳ ଭଜାଭଜି ଯେବେ ଥାଏ । ଢଗଢମାଳିରେ ଅଛି-ଅଖାଇ ନାନୀର ବାରବରୁସକାଳୁ ଖାଉଛି ପଖାଳ ଭାତ। ପଖାଳକୁ ଅଧିକ ଲୋକପ୍ରିୟ କରିବା ପାଇଁ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ପଖାଳ ଦିବସ ଭାବେ ପାଳନ କରାଯାଇଥାଏ। ବିଶ୍ୱର କୋଣଅନୁକୋଣରେ ଥିବା ପ୍ରତ୍ୟେକ ଓଡିଆ ଏହି ଦିବସକୁ ପାଳନ କରିବା ପାଇଁ ଚାହିଁ ବସିଥାନ୍ତି। ଏହି ଦିବସକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏବେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ, ମଠ, କ୍ଲବ, ତାରକା ହୋଟେଲରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥାଏ।





ଭୁବନ,ଢେଙ୍କାନାଳ
ଦୂରଭାଷ : ୯୪୩୭୭୨୯୩୮୪



### ଭୁବନେଶ୍ୱର ଭିଡ଼ ହ୍ରାସ ପାଇଁ ବଡ଼ ଯୋଜନା

# ମେଟ୍ରୋ, ଫ୍ଲାଏଓଭର, ରିଙ୍ଗ ରୋଡ୍ ଲାଗି ବିପୁଳ ନିବେଶ



**ଭୁବନେଶ୍ୱର:** ଓଡ଼ିଶା ସରକାର ଭୁବନେଶ୍ୱରରେ ବ୍ୟାପକ ନିବେଶ ସହିତ ଭିତ୍ତିଭୂମିର ଉନ୍ନତିକରଣ ଯୋଜନା କରୁଛନ୍ତି। ଯେଉଁଥିରେ ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ଏଲିଭେଟେଡ୍ କରିଡର, କଳ୍ପନା ଏବଂ ମ୍ୟୁଜିୟମ ସ୍କୋୟାରରେ ଫ୍ଲାଏଓଭର। ଏକ ଏଜି ସ୍କୋୟାର ସବୱେ ଏବଂ ଭିତର ଏବଂ ବାହ୍ୟ ରିଙ୍ଗ ରୋଡ୍ ଅନ୍ତର୍ଭୁକ୍ତ। ଭୁବନେଶ୍ୱରରେ ଟ୍ରାଫିକ ଭିଡ଼ କମ କରିବା ପାଇଁ ଭିତ୍ତିଭୂମିର ପ୍ରମୁଖ ଉନ୍ନତିକରଣ ପାଇଁ ଓଡ଼ିଶା ସରକାରଙ୍କ ଯୋଜନା ରହିଛି ବୋଲି ପୂର୍ତ୍ତ ବିଭାଗ ସୂତ୍ରରୁ ଜଣାପଡ଼ିଛି। ସୂତ୍ର ଅନୁଯାୟୀ, ଏକ ଉଚ୍ଚ କରିଡର ଜୟଦେବ ବିହାରକୁ ନନ୍ଦନକାନନ ସହିତ ସଂଯୋଗ କରିବ। କଳ୍ପନା ସ୍କୋୟାର ଏବଂ ମ୍ୟୁଜିୟମ୍ ସ୍କୋୟାର ମଧ୍ୟରେ ଫ୍ଲାଏଓଭର ରହିବ। ମ୍ୟୁଜିୟମ୍ ରୋଡରେ ନୂତନ ରୋଡ୍ ଓଭରବ୍ରିଜ୍ (ଆରଓବି), ଏଜି ସ୍କୋୟାରରେ ଭୂତଳ ରାସ୍ତା ଏବଂ ଭିତର ଏବଂ ବାହ୍ୟ ରିଙ୍ଗ ରୋଡର ବିକାଶ ମଧ୍ୟ ପ୍ରସ୍ତାବିତ ବିକାଶ କାର୍ଯ୍ୟର ଅଂଶ ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱର ସହରର ଡିକଞ୍ଜେସନ୍ ଯୋଜନାରେ ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ଉଚ୍ଚ କରିଡର ନିର୍ମାଣ, ପଟିଆ ଷ୍ଟେସନ ଛକ, ଏନଏଚ୍-୧୬ ଏବଂ ସୁଆଙ୍ଗ ଗ୍ରାମ (ଦୟା ପଶ୍ଚିମ କେନାଲ ରୋଡ୍) ଦେଇ ବାରଙ୍ଗାରୁ ଜଟଣୀ ପର୍ଯ୍ୟନ୍ତ କେନାଲ ରୋଡର ଉନ୍ନତିକରଣ। କଳ୍ପନା ସ୍କୋୟାର ଏବଂ ମ୍ୟୁଜିୟମ୍ ସ୍କୋୟାରରେ ଫ୍ଲାଏଓଭର ନିର୍ମାଣ; ଶିଶୁ ଭବନରୁ ମ୍ୟୁଜିୟମ୍ ସ୍କୋୟାର ପର୍ଯ୍ୟନ୍ତ ଏକ ଆରଓବି ନିର୍ମାଣ କରାଯିବ। ସେହିପରି ଏଜି ସ୍କୋୟାରରେ ଅଣ୍ଡରପାସ୍ ନିର୍ମାଣ; କଳାରାହାଙ୍ଗରୁ ବାରିମୁଣ୍ଡ ଏବଂ ଗୁରୁ କେଳୁଚରଣ ପାର୍କରୁ ଫୁଲନଖରା ପର୍ଯ୍ୟନ୍ତ ଏକ ନୂତନ ରେଳ ଓଭର ବ୍ରିଜ୍ ସହିତ ରାସ୍ତା ନିର୍ମାଣ ଏବଂ ଭିତର ଏବଂ ବାହ୍ୟ ରିଙ୍ଗ ରୋଡ୍ ନିର୍ମାଣ ଅନ୍ତର୍ଭୁକ୍ତ ରହିଛି। ମନ୍ତ୍ରୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ନିର୍ବାଚନ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ଏବଂ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ବଜେଟରେ ପରିକଳ୍ପିତ ବିଭିନ୍ନ ଯୋଜନା ବିଷୟରେ ବର୍ଣ୍ଣନା କରିଥିଲେ। ଉଲ୍ଲେଖନୀୟ ଯେ, ପୂର୍ତ୍ତ ବିଭାଗ ପାଞ୍ଚ ବର୍ଷ ମଧ୍ୟରେ ୧୫,୦୦୦ କିଲୋମିଟର ବିଶ୍ୱସ୍ତରୀୟ ରାସ୍ତା ନେଟୱାର୍କ ନିର୍ମାଣ କରିବା ପାଇଁ ବିବରଣୀ ପ୍ରସ୍ତୁତ କରିଛି।

# ରାଜ୍ୟରେ ୭ ସୂତାକଳ ବନ୍ଦ

**ଭୁବନେଶ୍ୱର :** ନ୍ୟାୟିକ ପ୍ରକ୍ରିୟା ଚାଲିଥିବାରୁ ରାଜ୍ୟରେ ବନ୍ଦ ଥିବା ସୂତାକଳଗୁଡ଼ିକ କାର୍ଯ୍ୟକ୍ଷମ ହୋଇ ପାରୁ ନାହିଁ ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ବିଧାନସଭାରେ ଏକ ପ୍ରଶ୍ନ ନେଇ ଲିଖିତ ଉତ୍ତର ପ୍ରଦାନ କରିଛନ୍ତି। ବଡ଼ଚଣା ବିଧାୟକ ଅମର କୁମାର ନାୟକ ପ୍ରଶ୍ନ କରିଥିଲେ ଯେ, ଅଣତାରକା ପ୍ରଶ୍ନ ୨୫୫୦ର ୨୮/୦୮/୨୦୨୪ରେ ପ୍ରଦତ୍ତ ଉତ୍ତର ଆଧାରରେ ଓଡ଼ିଶାରେ ଏବେ ୧,୨୬,୮୭୩ ଜଣ ବୁଣାକାର ଅଛନ୍ତି। କିନ୍ତୁ ବୁଣାକାରମାନେ ନୀର୍ଭରଶୀଳ ଥିବା ସମବାୟ ବିଭାଗ ଅଧିନର ସମସ୍ତ ୭ଟି ସୂତାକଳ ଯଥା- କଳାହାଣ୍ଡି,ବରଗଡ଼, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ଜଗତସିଂହପୁର ଓ ବାଲେଶ୍ୱରରେ ଥିବା ସୂତାକଳ ଗୁଡ଼ିକ ବନ୍ଦ ପଡ଼ିଛି। ଫଳରେ ବାଧ ହୋଇ ବୁଣାକାରମାନେ ବାହାର ରାଜ୍ୟକୁ ଯାଇ ଦାଦନ ଖଟୁଛନ୍ତି। ଏହାଦ୍ୱାରା ଓଡ଼ିଶାର ବୟନ ସାମଗ୍ରୀର ଉତ୍ପାଦନ ହ୍ରାସ ହେଉନାହିଁ କି? ବୁଣାକାରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦାଦନର ଲୋପ ପାଇଁ ବନ୍ଦ ପଡ଼ିଥିବା ସୂତାକଳ ଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବେ କି? ଏହାର ଉତ୍ତରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ କହିଥିଲେ ସୂତାକଳ ଗୁଡିକ ବନ୍ଦ ପଡ଼ିଥିଲେ ମଧ୍ୟ ରାଜ୍ୟରେ ସୂତାର ଅଭାବ ମେଣ୍ଟାଇବା ପାଇଁ ତଥା ବୁଣାକାରମାନଙ୍କୁ ଉଚିତ୍ ମୂଲ୍ୟରେ କଞ୍ଚାମାଲ ଯୋଗାଇ ଦେବା ପାଇଁ ରାଜ୍ୟର ବିଭିନ୍ନ ହସ୍ତତନ୍ତ ପୁଞ୍ଜି ଓ ହସ୍ତତନ୍ତ ବହୁଳ ଅଞ୍ଚଳଗୁଡ଼ିକରେ ୬୫ଟି କଞ୍ଚାମାଲ ବ୍ୟାଙ୍କ ପ୍ରତିଷ୍ଠା କରାଯାଇଛି। ଏହି କଞ୍ଚାମାଲ ବ୍ୟାଙ୍କଗୁଡ଼ିକୁ ଜାତୀୟ ହସ୍ତତନ୍ତ ଉନ୍ନୟନ ନିଗମ ସୂତା ବିକ୍ରୟ ପାଇଁ ଯୋଗାଇ ଦେଉଛି। ସୂତା ୧୫% ରିହାତି ଦରରେ ତନ୍ତୁବାୟ ସହଯୋଗ ସମିତି ଜରିଆରେ ବୁଣାକାରମାନଙ୍କୁ ଯୋଗାଇ ଦିଆଯାଉଛି। କପା ଦର ବୃଦ୍ଧି, ବିଦ୍ୟୁତ ଦର ବୃଦ୍ଧି, ପୁରୁଣା ଓ ଅପ୍ରଚଳିତ ଯନ୍ତ୍ରପାତି ବ୍ୟବହାର, ବାରମ୍ବାର ଶ୍ରମିକ ଅଶାନ୍ତି ଓ ଦୀର୍ଘ ଅନୁପସ୍ଥିତି ତଥା ବିଭିନ୍ନ ନ୍ୟାୟାଳୟଗୁଡିକରେ ଅନେକ ମାମଲା ବିଚାରାଧୀନ ଥିବାରୁ ରାଜ୍ୟର କଳାହାଣ୍ଡି, ବରଗଡ଼, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ଜଗତସିଂହପୁର ଓ ବାଲେଶ୍ୱରରେ ବନ୍ଦ ପଡ଼ିଥିବା ସୂତାକଳଗୁଡ଼ିକୁ ପୁନଃକାର୍ଯ୍ୟକ୍ଷମ କରିବା ସମ୍ଭବପର ହୋଇପାରୁ ନାହିଁ ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି। ବୁଣାକାରମାନେ ବାହାର ରାଜ୍ୟକୁ ଯାଇ ଦାଦନ ଖଟୁ ନାହାନ୍ତି। ଏତଦ୍ ବ୍ୟତିତ ରାଜ୍ୟରେ ବୟନ ସାମଗ୍ରୀର ଉତ୍ପାଦନ ହ୍ରାସ ହେଉନାହିଁ ବରଂ ବୃଦ୍ଧି ପାଉଛି। ୨୦୨୧-୨୨ ବର୍ଷରେ ୧୧୫.୯୬ ଲକ୍ଷ ବର୍ଗ ମିଟର ହସ୍ତତନ୍ତ ସାମଗ୍ରୀ ଉତ୍ପାଦିତ ହୋଇଥିବାବେଳେ ଏହାର ମୋଟ ମୂଲ୍ୟ ୧୯୬.୦୪ କୋଟି ଟଙ୍କା ରହିଥିଲା। ୨୦୨୨-୨୩ ୧୯୭.୧୬ ଲକ୍ଷ ବର୍ଗମିଟର ହସ୍ତତନ୍ତ ସାମଗ୍ରୀ ଉତ୍ପାଦିତ ହୋଇଥିବାବେଳେ ଏହାର ମୋଟ ମୂଲ୍ୟ ୪୧୦.୩୮ କୋଟି ଥିଲା। ସେହିପରି ୨୦୨୩-୨୪ ବର୍ଷରେ ୧୯୮.୪୬ ଲକ୍ଷ ବର୍ଗମିଟର ବୟନ ସାମଗ୍ରୀ ଉତ୍ପାଦିତ ହୋଇଥିବାବେଳେ ଏହାର ମୋଟ ମୂଲ୍ୟ ୪୯୦.୩୧ କୋଟି ଟଙ୍କା ଥିଲା ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

# କେନ୍ଦୁଆଡା ଠାରେ ଅଖଣ୍ଡ ନାମ ଯଜ୍ଞ



**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ଥିବା ଅଧିକାଂଶ ଦୁର୍ଗମ ଅଞ୍ଚଳବାସୀ ଏବେ ଅଷ୍ଟପ୍ରହରୀ ନାମ ଯଜ୍ଞରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଛି। ଏଇ କ୍ଷେତ୍ରରେ ସ୍ଥାନୀୟ ବ୍ଲକ ଓଡ଼ିଆ ପେଣ୍ଠ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଆଡା ଗ୍ରାମ ଠାରେ ଅହିଂସା, ସତ୍ୟ ଓ ସନାତନ ଧର୍ମର ରକ୍ଷା ନିମନ୍ତେ ଗ୍ରାମବାସୀଙ୍କ ତରଫରୁ ଅଖଣ୍ଡ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ ଥିବା ପ୍ରତ୍ୟେକ ସାହି ଗୋବର ପାଣି ପକାଇ ସଫା ସୁତୁରା କରି ସାହି ମଝିରେ ଏକ ଛାମୁଣ୍ଡିଆ କରାଜାଇ ଗୁରୁ ବାର ଦିନ ଅଧିବେସ କାର୍ଯ୍ୟ ଆରମ୍ଭ ହୋଇଥିଲା। ସ୍ଥାନୀୟ ମହିଳା ମାନଙ୍କ ଦ୍ୱାରା କଳଶରେ ପାଣି ଆଣି ଉକ୍ତ ଛାମୁଣ୍ଡିଆ ଭିତରେ ରଖାଜାଇ ଶୁକ୍ରବାର ଦିନ ନାମ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ସକାଳୁ ସକାଳୁ ଝାଞ୍ଜ ମୃଦଙ୍ଗ ସହ 'ହରେକୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ ରାମ ରାମ ହରେ ହରେ' ଶବ୍ଦରେ ଆଖପାଖ ଅଞ୍ଚଳ କମ୍ପି ଉଠିଥିଲା। ଏହି ନାମ ଯଜ୍ଞ ପାଇଁ ଆଦିବାସୀ ସମ୍ପ୍ରଦାୟ ନିଜ ନିଜ ପାରିଶ୍ରମିକରୁ କିଛି କିଛି ଚାନ୍ଦା ଆକାରରେ ଆଦାୟ କରି ବଡ ନିଷ୍ଠାର ସହ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା ବେଳେ ଆଖ ପାଖ ଅଞ୍ଚଳର ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଅନ୍ନ ପ୍ରସାଦ ସେବନ କରିଥିଲେ। ଏହି ନାମଯଜ୍ଞରେ ଲକ୍ଷ୍ମୀପୁର ବ୍ଲକର ରାଜନ ପଣସଗୁଡା, ନୂଆଗାଁ, କୁମ୍ଭାର ଗୁଡା, ପରଡିଗୁଡା, ବିରିଗୁଡା, ଖାଲକଣା, ବାଘମାରୀ, ବିଷମପୁର ଉପର କୁଟିଙ୍ଗା, ଭିତରଗଡ଼ ଓ ଟିମାଝୋଲାର ସଂକୀର୍ତ୍ତନ ଦଳ ଯୋଗଦେଇ କିର୍ତ୍ତନ କରିଥିବା ବେଳେ ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

### ବେଳାଭୂମି ଉନ୍ନତିକରଣ ପାଇଁ ବିନା ଥଇଥାନରେ ନୋଟିସ୍

# ବିକାଶ ନାମରେ ପେଟକୁ ଲାତ



**ଅସ୍ତରଙ୍ଗ :** ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅଧୀନରେ ପୀର ଜାହାନିଆଁ ବେଳାଭୂମିରେ ଉନ୍ନତି କରଣ ପାଇଁ ବ୍ୟବସାୟୀଙ୍କୁ ଉଠାଇବା ପାଇଁ ନୋଟିସ୍ ଦେଇଛି ବନବିଭାଗ। ସୂଚନାଯୋଗ୍ୟ କି ଦୀର୍ଘ ବର୍ଷ ହେବ ପେଟ ପାଟଣା ପାଇଁ ଜାହାନିଆଁ ବେଳାଭୂମିରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କ ଦସ୍ତଖତ ଥାଇ ବନ ବିଭାଗ ଏକ ନୋଟିସ୍ ଦେଇଛି ସେଠାରେ ବ୍ୟବସାୟ କରୁଥିବା ବ୍ୟକ୍ତି ମାନଙ୍କୁ। ଉକ୍ତ ଚିଠିରେ ସହନ ପ୍ରସ୍ତାବିତ ଜଙ୍ଗଲ ମଧ୍ୟରେ ଦୋକାନ କରିଥିବା ଦୋକାନୀ ମାନଙ୍କୁ ୧୧/ ୩ ରେ ଦେଇଥିବା ଚିଠିରେ ଆସନ୍ତା ୧୮/ ୩ ତାରିଖ ସୁଦ୍ଧା ଦୋକାନ ଉଠାନ୍ତୁ ବୋଲି ଉଲ୍ଲେଖ ଅଛି। ଯାହାକୁ ନେଇ ଦୋକାନୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାରଙ୍କ ନିୟମ ଅନୁସାରେ ଆମ ମାନଙ୍କ ସହିତ ଆଲୋଚନା ନ କରି ଆମ୍ଭେ କେଉଁଠି ଦୋକାନ କରିବୁ କିପରି ରହିବୁ ଆମ ପରିବାର କେମିତି ଚଳାଇବୁ ସେ ବିଷୟରେ ଆଲୋଚନା ନ କରି କିପରି କାହା ସ୍ୱାର୍ଥରେ ଆମ୍ଭ ମାନଙ୍କୁ ଉଠେଇ ବାକୁ ବନ ବିଭାଗ ଚେଷ୍ଟା କରୁଛି ତାହା ଆଶ୍ଚର୍ଯ୍ୟ କରିଥିବା ଦୋକାନୀ ମାନେ ପ୍ରକାଶ କରିଛନ୍ତି। ପ୍ରଶାସନ କିପରି ଆମ୍ଭେ ବଞ୍ଚିବୁ ତାହା ନ କରି ନୋଟିସ୍ ଦେଇ ମାନସିକ ଚାପ ଦେଉଥିବା ଅବଦୁଲ୍ଲ ଅଲିଶା କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଧିକାରୀଙ୍କୁ ପଚାରିବାରୁ ଆମକୁ ଯାହା ନିର୍ଦ୍ଦେଶ ଅଛି ଆମ୍ଭେ ପାଳନ କରୁଛୁ ଓ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରାଯାଇ ଥିବା ବୋଲି କହିଛନ୍ତି। ସରପଞ୍ଚ କ୍ଷୀରୋଦ କୁମାର କାଣ୍ଡିଙ୍କୁ ପଚାରିବାରୁ ସେ ବନବିଭାଗ ଅଧିକାରୀଙ୍କୁ ଆଗ ଥଇଥାନ କରି ପରେ ଉଠାଇବା କଥା ଚିନ୍ତା କରନ୍ତୁ ବୋଲି କହିଥିବା କହିଛନ୍ତି। ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଓ ସେମାନଙ୍କ ପରିବାର ଆସନ୍ତା ଦିନରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି।

# ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ସ୍ୱର୍ଣ୍ଣ ପଦକ ପାଇଲେ ରବୀନ୍ଦ୍ର



**ଭୁବନେଶ୍ୱର :** ସମାଜରେ ସଫଳତାର ଦିଗଦର୍ଶୀ ହେଲେ ମହିଳା, ସେମାନଙ୍କ କଳାତ୍ମକ ପ୍ରତିଭାକୁ ସମ୍ମାନ ପ୍ରଦାନ କରିବାର ପ୍ରୟାସ ସ୍ୱରୂପ ହରିୟାଣା ରାଜ୍ୟର ହିସାରସ୍ଥିତ ଟାଲେଣ୍ଟିଲା ଫାଉଣ୍ଡେସନ୍ ତରଫରୁ ଅର୍ନ୍ତଜାତୀୟ ମହିଳା ଦିବସ ପାଳନ ଅବସରରେ ଆଭାସି ମାଧ୍ୟମରେ ମାର୍ଚ୍ଚ ୮ ତାରିଖରେ ଏକ ଅର୍ନ୍ତଜାତୀୟ ଚିତ୍ରକଳା ପ୍ରଦର୍ଶନୀ ଓ ପ୍ରତିଯୋଗିତା 'ନାରୀ -୨୦୨୫' ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଭାସି ପ୍ରତିଯୋଗିତାରେ ଓଡ଼ିଶାର ୦୬ ଜଣ ପୁରୁଷ ଓ ମହିଳା ଚିତ୍ରଶିଳ୍ପୀ ସମେତ ୧୩ ଦେଶ ଯଥା ସିଙ୍ଗାପୁର, ଇରାନ, ଇଣ୍ଡୋନେସିଆ,କାନାଡା, ସ୍ଲୋଭାକିଆ, ମରିସସ୍, ନାଇଜେରିଆ, ତୁର୍କି, କୋଶୋଭୋ, ଫିଲିଫାଇନସ୍, ଟିନିଡାଡ୍, ଇକ୍ୱାଡର, ପେରୁ ସମେତ ମୋଟ ୧୬୭୩ ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରି ନିଜ ନିଜର କଳା ନୈପୁଣ 'ମହିଳା ସଶକ୍ତିକରଣ ଓ ପୌରାଣିକ କଥାବସ୍ତୁରେ ନାରୀ' ବିଷୟ ବସ୍ତୁ ଆଧାରିତ ଚିତ୍ରକଳାମାନ ରଙ୍ଗ ଓ ତୂଳୀ ମାଧ୍ୟମରେ କାନଭାସରେ ପ୍ରତିପାଦିତ କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ଦମ୍ପତ୍ତି ରବୀନ୍ଦ୍ର କୁମାର ମହାରଣା ଏବଂ ଅବନ୍ତୀ ମହାରଣା ନିଜ ନିଜର ସୃଜନାତ୍ମକ 'ପାରମ୍ପାରିକ ଚିତ୍ରକଳା' ବର୍ଗରେ ସ୍ୱର୍ଣ୍ଣ ପଦକ ଓ ରୌପ୍ୟ ପଦକ ଚିତ୍ରଶିଳ୍ପୀ ସମ୍ମାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସଂପୂର୍ଣ୍ଣ ପାରମ୍ପରିକ ଶୈଳୀରେ ଚିତ୍ରୀତ 'ଶାଶ୍ୱତ ପ୍ରେମ -କନ୍ଦର୍ପହସ୍ତୀ ଏବଂ ମା'ର ମମତା' ଶୀର୍ଷକ ପଟ୍ଟଚିତ୍ର ପାଇଁ ସମ୍ମାନିତ ହୋଇଥିବାରୁ ଅନୁଷ୍ଠାନର ପ୍ରତିଷ୍ଠାତା ବିନୀତ ଖେର ଏବଂ ନିର୍ଦ୍ଦେଶକ ଅନୁରାଧା ଖେର ତଥା ବିଚାରକ ମଣ୍ଡଳୀଙ୍କୁ ସାଧୁବାଦ ଜଣାଇଛନ୍ତି ଚିତ୍ରଶିଳ୍ପୀ ଦମ୍ପତ୍ତି ରବୀନ୍ଦ୍ର ଓ ଅବନ୍ତୀ। ଟାଲେଣ୍ଟିଲା ଫାଉଣ୍ଡେସନ୍ ଦ୍ୱାରା ପରିଚାଳିତ ପ୍ରତିଯୋଗିତାରେ ପାରମ୍ପରିକ ପଟ୍ଟଚିତ୍ର ସମେତ ଆକ୍ରିଲିକ ଚିତ୍ର, ଜଳରଙ୍ଗ ଚିତ୍ର, ତୈଳଚିତ୍ର, ସ୍ଥାପତ୍ୟ, ହସ୍ତକଳା, ରଙ୍ଗୋଲି, ମିଶ୍ରଣ ଚିତ୍ରକଳା, ଡିଜିଟାଲ ଆର୍ଟ ପରି ବହୁ ବିଭାଗରୁ ଚିତ୍ରଶିଳ୍ପୀ ମାନେ ଚିତ୍ର ଅଙ୍କନ କରିଥିଲେ। ଓଡିଶାରୁ ଶିଳ୍ପୀ ଦମ୍ପତ୍ତିଙ୍କ ସହ ତନୁଶ୍ରୀ ଘୋଷ, ଜୋସ୍ନାରାଣୀ ନନ୍ଦ, ସୀମା ମହନ୍ତ, ହ୍ରିଦାନ ମଣ୍ଡଳ ସହ ମହିଳା ଓ ପୁରୁଷ ବିଭାଗରେ ମୋଟ ୧୬୬ ଜଣ ଚିତ୍ରଶିଳ୍ପୀଙ୍କ ୫ଟି ଚିତ୍ରକଳାକୁ ସର୍ବ ଶ୍ରେଷ୍ଠ ଚିତ୍ରକଳା, ୭୦ ଟି ଚିତ୍ରକୁ ସ୍ୱର୍ଣ ପଦକ ଓ ୭୧ଟି ଚିତ୍ରକୁ ରୌପ୍ୟ ପଦକ ପାଇଁ ବିଚାରକ ମଣ୍ଡଳୀ ମନୋନୀତ କରିଥିଲେ। ମାନପତ୍ର ସହ ମେଡ଼ାଲ ପ୍ରଦାନ ପୂର୍ବକ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ସୂଚନା ଦେଇଛନ୍ତି।

### ବୃଦ୍ଧି ପାଉଛି ହାତୀ-ମଣିଷ ଲଢ଼େଇ

# ୧୦ ବର୍ଷରେ ୧,୨୦୯ ଲୋକ ମୃତ

*ଭୁବନେଶ୍ୱର : ଓଡ଼ିଶା ସରକାର ପ୍ରକାଶ କରିଛନ୍ତି ଯେ, ୨୦୧୪-୧୫ ରୁ ୨୦୨୪-୨୫ ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ହାତୀ ଆକ୍ରମଣରେ ୧,୨୦୯ ଜଣଙ୍କର ମୃତ୍ୟୁ ହୋଇଛି। ବିଜେପି ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଏକ ପ୍ରଶ୍ନର ଉତ୍ତରରେ, ଓଡ଼ିଶା ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ରାଜ୍ୟ ବିଧାନସଭାରେ ସୂଚନା ଦେଇଛନ୍ତି ଯେ, ପୀଡିତଙ୍କ ପରିବାର ପାଇଁ ସରକାରଙ୍କ ପକ୍ଷରୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ବ୍ୟବସ୍ଥା ରହିଛି। ୨୦୧୪-୧୫ ବର୍ଷରେ ଶିକାର, ବିଷକ୍ରିୟା, ବିଦ୍ୟୁତ୍ ଆଘାତ, ରେଳ ଏବଂ ସଡ଼କ ଦୁର୍ଘଟଣା ଏବଂ ରୋଗ ସମେତ ବିଭିନ୍ନ କାରଣରୁ ମୋଟ ୫୪ଟି ହାତୀଙ୍କ ମୃତ୍ୟୁ ହୋଇଥିଲା। ୨୦୧୫-୧୬ ବର୍ଷରେ ହାତୀ ମୃତ୍ୟୁ ସଂଖ୍ୟା ୮୬କୁ ବୃଦ୍ଧି ପାଇଥିଲା। ସେହିପରି ୨୦୧୬-୧୭ରେ ୭୬ଟି ହାତୀ, ୨୦୧୭-୧୮ରେ ୭୮ଟି, ୨୦୧୮-୧୯ରେ ୯୩ଟି ଏବଂ ୨୦୧୯-୨୦ରେ ୮୨ଟି ହାତୀଙ୍କ ମୃତ୍ୟୁ ହୋଇଥିଲା। ୨୦୨୦-୨୧ରେ ୭୭ଟି ହାତୀଙ୍କ ମୃତ୍ୟୁ ହୋଇଥିଲା। ପରବର୍ତ୍ତୀ ୨୦୨୧-୨୨ ବର୍ଷରେ ୮୬ଟି ହାତୀଙ୍କ ମୃତ୍ୟୁ ରେକର୍ଡ କରାଯାଇଥିଲା।*


## ସର୍ବସାଧାରଣ ନୋଟିସ୍

ଏତଦ୍ୱାରା ସମସ୍ତ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ମେସର୍ସ ପ୍ରୋପର୍ଟି ହବ୍ ଓଡ଼ିଶା, ଭୁବନେଶ୍ୱର ଏକ ପାର୍ଟନରସିପ୍ ଅନୁଷ୍ଠାନର ରେଜିଷ୍ଟ୍ରେସନ ନଂ.: ୧୮୨୦୨୦୨୨୦୦୩୫୫, ତା.୨୯.୦୩.୨୦୨୨ରିଖ ଆଇ.ଜି.ଆର, ଓଡ଼ିଶା କଟକରେ ଶ୍ରୀ ମାନସ ରଞ୍ଜନ ସାହୁ, ୪୩ ବର୍ଷ, ପିତା: ସ୍ୱ ବଂଶୀଧର ସାହୁ, ସା: ପ୍ଲଟ୍ ନଂ.: ୧୫୭, ବାପୁଜୀ ନଗର, ଭୁବନେଶ୍ୱର, ଥାନା: କ୍ୟାପିଟାଲ, ଜିଲ୍ଲା: ଖୋର୍ଦ୍ଧା, ପିନ୍ ନଂ. ୭୫୧୦୦୯ ଓ ଶ୍ରୀ ଶିବାଷିସ ସାହୁ, ୩୯ ବର୍ଷ, ପିତା: ସ୍ୱ ଲକ୍ଷ୍ମୀ ଚରଣ ସାହୁ, ସା: ପ୍ଲଟ୍ ନଂ. ସି-୨-୪୦୯, ଲେକ୍ ଭିୟୁ ହୋମସ୍, ମଧୁସୂଦନ ନଗର, ଭୁବନେଶ୍ୱର, ଥାନା: ନୟାପଲ୍ଲୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୫୨, ଓଡ଼ିଶା ପାର୍ଟନର ଭାବେ କାର୍ଯ୍ୟ କରୁଥିବା ସମୟରେ ଉପରୋକ୍ତ ଶିବାଶିଷ ସାହୁ ନିଜର ବିଭିନ୍ନ ଅସୁବିଧାବଶତଃ ଏହି ପାର୍ଟନରସିପ୍ ଫାର୍ମରେ ପାର୍ଟନର ରହିବା ପାଇଁ ଅନିଚ୍ଛା ପ୍ରକାଶ କରି ଅବସର ନେଲେ। ଏଥି ନିମନ୍ତେ ଏକ ପୁନଃଗଠନ ପାର୍ଟନରସିପ୍ ଦଲିଲ୍ ତା.୨୪.୦୨.୨୦୨୫ରିଖ ପ୍ରସ୍ତୁତ ହୋଇ ଶ୍ରୀ ଚଣ୍ଡେଶ୍ୱର ଜୟସିଂ, ୫୨ ବର୍ଷ, ପିତା: ଦିଗାମ୍ବର ଜୟସିଂ, ସା: ଫ୍ଲାଟ୍ ନଂ.: ୪୦୫, ୪ର୍ଥ ମହଲା, ୟୁନିଟ୍-୬, ରାଧାକ୍ରିଷ୍ଣ ଏନକ୍ଲେଭ୍, ବି.ଏମ୍.ସି. କଲ୍ୟାଣ ମଣ୍ଡପ ନକଟ, ଭୁବନେଶ୍ୱର - ୭୫୧୦୦୧ ଓ ଶ୍ରୀ ଶାରଦା ପ୍ରଦାସ ମିଶ୍ର, ୫୫ ବର୍ଷ, ପିତା: ସ୍ୱ ସୁରେନ୍ଦ୍ର ନାଥ ମିଶ୍ର, ସା: ୧୪୫୮, ନିୟୁ ଫରେଷ୍ଟ ପାର୍କ, ଅଶୋକ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ନୂତନ ପାର୍ଟନର ଭାବେ ଯୋଗଦାନ କଲେ। ଯଦି କାହାର କୌଣସି ଆପତ୍ତି ଅଭିଯୋଗ ଥାଏ, ଉକ୍ତ ନୋଟିସ୍ ବହାରିବାର ୧୫ ଦିନ ଭିତରେ ନୋଟିସ୍‌ଦାତାଙ୍କୁ ଜଣାଇପାରିବେ।

**ଭୁବନେଶ୍ୱର**
**ତା.୦୬.୦୩.୨୦୨୫**

**ମାନସ ରଞ୍ଜନ ସାହୁ**
**ମ୍ୟାନେଜିଙ୍ଗ୍ ପାର୍ଟନର**
**ମେସର୍ସ ପ୍ରୋପର୍ଟିହବ, ଓଡ଼ିଶା**







### ନୂଆଗଡରେ ହେବ ବୃହତ ମାଛଧରା ବନ୍ଦର

# ଉପକୃତ ହେବେ ୨୦ ହଜାର ମତ୍ସ୍ୟଜୀବୀ



**କାକଟପୁର :** ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀର ନୂଆଗଡ ମାଛଧରା ବନ୍ଦର ଅସ୍ତିତ୍ୱ ହରାଇବାକୁ ଯାଉଥିବାବେଳେ ଜଗତସିଂହପୁରର ସାଂସଦ ବିଭୂପ୍ରସାଦ ତରାଇଙ୍କ ସଫଳ ଉଦ୍ୟମ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟରୁ ବିକଶିତ ଭାରତର ସ୍ୱପ୍ନ ଯୋଗୁଁ ଅସ୍ତରଙ୍ଗର ନୂଆଗଡ ମାଛଧରା ବନ୍ଦର ଏକ ବୃହତ ମାଛଧରା ବନ୍ଦରରେ ପରିଣତ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନା (ପିଏମଏମ ଏସୱାଇ)ରେ କେନ୍ଦ୍ର ମତ୍ସ୍ୟ ବିଭାଗ ପକ୍ଷରୁ ୧୭୯ କୋଟି ନବେ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି ବନ୍ଦର ପୂର୍ଣ୍ଣାଙ୍ଗ ରୂପ ନେବାପାଇଁ ୨୦୨୫ ମସିହା ନଭେମ୍ବର ମାସ ୨୯ ତାରିଖ ମଧ୍ୟରେ ଶେଷ ହେବାପାଇଁ ଧାର୍ଯ୍ୟ କରାଯାଇଛି। ଏହି ମାଛଧରା ବନ୍ଦର ପୂର୍ଣ୍ଣାଙ୍ଗ ହେଲେ ଅଞ୍ଚଳର ପ୍ରାୟ କୋଡିଏ ହଜାର ପାରମ୍ପରିକ ଓ ବୃତ୍ତିଗତ ମତ୍ସ୍ୟଜୀବୀ ଉପକୃତ ହୋଇପାରିବେ ବୋଲି ଓଡିଶା ମତ୍ସ୍ୟଜୀବୀ ମହାସଂଘର ସଭାପତି ପ୍ରସନ୍ନ ବେହେରା ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୁରୀ ଜିଲ୍ଲା ସାଂସଦ ପ୍ରତିନିଧି ସୁଦର୍ଶନ ସ୍ୱାଇଁ ସାଂସଦ ତାରାଇଙ୍କର ସଂସଦରେ ବଳିଷ୍ଠ ଦାବୀ ଉପସ୍ଥାପନା ଯୋଗୁଁ ଏହା ସାକାର ହୋଇପାରିଛି ବୋଲି ପ୍ରକାଶ କରିବା ସହିତ ଜଗତସିଂହପୁର ସଂସଦୀୟ କ୍ଷେତ୍ରରେ ପର୍ଯ୍ୟଟନ ଭିତ୍ତିଭୂମିକୁ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକ୍, ସମସ୍ତ ମଣ୍ଡଳ ସଭାପତି, ନାରୀନେତ୍ରୀ ରାଜଲକ୍ଷ୍ମୀ ଦାଶ, କୈଳାସ ନାୟକ, କୋଣାର୍କ ଅଞ୍ଚଳର ବିଜେପି ନେତା ରଶ୍ମିରଂଜନ ଦାଶ, ଅସ୍ତରଙ୍ଗର ବିଜେପି ନେତା ଈଶ୍ୱର ବେହେରା, ପ୍ରଶାନ୍ତ ଭୋଳ ପ୍ରମୁଖ ଉପସ୍ଥିତ ରହି ସାଂସଦ ତାରାଇଙ୍କୁ ଏତାଦୃଶ କାର୍ଯ୍ୟ ପାଇଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।






Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**